RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -118 | ସଂଖ୍ୟା-୧୧୮
ଭୁବନେଶ୍ୱର, ଶନିବାର ୧୮ ଜୁଲାଇ ୨୦୨୬
Bhubaneswar, Saturday 18 July, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର






# ଶରଧାବାଲିରେ ୩ ରଥ

ପୁରୀ, ୧୭।୭(ନି.ପ୍ର):: ସରିଲା ରଥଟଣା । ଶରଧାବାଲିରେ ପହଞ୍ଚିଛନ୍ତି ୩ ରଥ । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ସୁଭଦ୍ରାଙ୍କ ଦର୍ପଦଳନ ରଥ ଶରଧାବାଲିରେ ପହଞ୍ଚିବା ପରେ ମହାପ୍ରଭୁ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା । ଦର୍ଶନ ପାଇଁ ଶରଧାବାଲିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଭକ୍ତମାନେ ଏବେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପରୂପ ଦୃଶ୍ୟ ଦେଖି ବିମୋହିତ ହୋଇପଡୁଛନ୍ତି ।ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୧ ଘଣ୍ଟା ବିଳମ୍ବରେ ଗୁରୁବାର ରଥଟଣା ଆରମ୍ଭ ହୋଇଥିଲା । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣିନେଇଥିଲେ ଭକ୍ତ । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାହୋଇଥିଲା । ତେବେ ସନ୍ଧ୍ୟା ହୋଇଯିବାରୁ କୌଣସି ରଥ ଶରଧାବାଲିରେ ପହଞ୍ଚି ପାରି ନ ଥିଲା ।

ମାର୍କେଟ ଛକ ନିକଟରେ ତାଳଧ୍ୱଜ ଓ ମରିଚୀକୋଟ ଛକ ନିକଟରେ ଦର୍ପଦଳନ ରଥ ପହଞ୍ଚିବାବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଥିଲା । ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ରେ ପୁଣି ରଥଟଣା ହୋଇଥିବାବେଳେ ଆଡ଼ପ ବିଜେ ନୀତି ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା । ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୀତି ନିର୍ଘଣ୍ଟଠାରୁ ପ୍ରାୟ ୩୦ ମିନିଟ୍ ପୂର୍ବରୁ ନୀତି ଆରମ୍ଭ ହୋଇଥିଲା । ଭୋର ୫ଟା ୩୦ରେ ମଙ୍ଗଳ ଆଳତି, ମଇଲମ ୫ଟା ୩୫, ଅବକାଶ ପୂଜା ୬ଟା ୧୦ରୁ ୬ଟା ୨୫, ବେଶ ଶେଷ ୬ଟା ୪୦, ସୂର୍ଯ୍ୟପୂଜା ୬ଟା ୫୫, ଦ୍ୱାରପାଳ ପୂଜା ୭ଟା ୨୦, ଗୋପାଳବଲ୍ଲଭ ୭ଟା ୨୫ ଓ ସକାଳ ଧୂପ ୮ଟା ୩୦ରେ ଶେଷ ହୋଇଥିଲା । ସକାଳ ୮ଟା ୪୫ରେ ରଥ ପ୍ରତିଷ୍ଠା ହୋଇ ୮ଟା ୫୦ରେ ମଙ୍ଗଳାର୍ପଣ ସମ୍ପନ୍ନପରେ ପୁଷ୍ପାଞ୍ଜଳି, ଡେରି ଲାଗିହୋଇ ୯ଟାରେ ପହଣ୍ଡିଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ । ମଧ୍ୟାହ୍ନ ୨ଟାରେ ପହଣ୍ଡି ସରିଥିଲା । ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନଙ୍କ ପହଣ୍ଡି ୨ଟା ୨୦ରେ ସରିବା ପରେ ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା । ମଇଲମ ପରେ ବେଶ ଶେଷ ହୋଇଥିଲା । ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଜାନରେ ବିଜେହୋଇ ସୁନାଝାଡ଼ୁରେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ । ଅପରାହ୍ନ ୪ଟା ୪୦ରେ ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା । ଅପରାହ୍ନ ୫ଟା ୧୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା । ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥ ଟଣାଯାଇଥିଲା । ଆନନ୍ଦ ଓ ଉତ୍ସାହରେ ଶ୍ରଦ୍ଧାଳୁମାନେ ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣିନେଇଥିଲେ । ତେବେ ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ରଖାଯାଇଥିଲା । ଚଳିତବର୍ଷ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ 'ଉତ୍କଳ ପ୍ରସଙ୍ଗ' ଉନ୍ମୋଚନ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୨ହଜାର ପୋଲିସ କର୍ମଚାରୀ ଓ କେନ୍ଦ୍ରୀୟ ଫୋର୍ସ ମୁତୟନ ଥିଲେ ।

# ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନର ଶୁଭାରମ୍ଭ କଲେ ମୋଦୀ

ଚଣ୍ଡିଗଡ଼, ୧୭।୭(ନି.ପ୍ର): ଭାରତୀୟ ରେଳ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ନା ରହିବ ବିଜୁଳି ତାରର ଟେନସନ୍, ନା ହେବ ଡିଜେଲର ଖର୍ଚ୍ଚ ! ବିନା କୌଣସି ପ୍ରଦୂଷଣରେ ଏକାସାଙ୍ଗରେ ୨୬୦୦ ଯାତ୍ରୀଙ୍କୁ ନେଇ ଟ୍ରାକ୍‌ରେ ଦୌଡ଼ିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ଭାରତୀୟ ରେଳବାଇର ଏହି ବଡ଼ ମାଷ୍ଟରଷ୍ଟ୍ରୋକ୍ ସହ ଆଜି ଅର୍ଥାତ୍ ୧୭ ଜୁଲାଇ ୨୦୨୬ ଏକ ଐତିହାସିକ ତାରିଖ ପାଲଟିଛି । ହରିୟାଣାର ଜିନ୍ଦ ଏବଂ ସୋନିପତ ମଧ୍ୟରେ ନିଜର ପ୍ରଥମ ଯାତ୍ରା ଆରମ୍ଭ କରିଛି ଦେଶର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଇନ୍ଧନ ଚାଳିତ ଟ୍ରେନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁଜ ପତାକା ଦେଖାଇ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ।ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ଏହି ବ୍ରଡ୍ ଗେଜ୍ ଟ୍ରେନ୍‌ଟି ବିଶ୍ୱର ସବୁଠାରୁ ଲମ୍ବା ଏବଂ ସର୍ବାଧିକ କ୍ଷମତା ବିଶିଷ୍ଟ ହାଇଡ୍ରୋଜେନ୍ ଟ୍ରେନ୍ । ଏହି ୧୦ କୋଚ୍ ବିଶିଷ୍ଟ ଟ୍ରେନରେ ସମୁଦାୟ ୨,୬୦୦ ଯାତ୍ରୀ ଯାତ୍ରା କରିପାରିବେ, ଯେଉଁଥିରେ ୬୮୨ଟି ସିଟ୍ ଉପଲବ୍ଧ । ଏଥିରେ ୧୨୦୦-୧୨୦୦ କିଲୋୱାଟର ଦୁଇଟି ଡ୍ରାଇଭିଂ ପାୱାର କାର୍ ଲଗାଯାଇଛି, ଯାହା ଏହାକୁ ମୋଟ୍ ୨୪୦୦ କିଲୋୱାଟର ଶକ୍ତି ପ୍ରଦାନ କରୁଛି । ପରୀକ୍ଷଣ ସମୟରେ ଏହା ୧୨୦ କିଲୋମିଟର ପ୍ରତି ଘଣ୍ଟା ବେଗ ହାସଲ କରିଥିବା ବେଳେ, ନିୟମିତ ଚଳାଚଳ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୭୫ କିଲୋମିଟର ରହିବ । ଟ୍ରେନ୍‌ର ପ୍ରଥମ ଯାତ୍ରାରେ ହରିୟାଣାର ଇଣ୍ଡସ୍ ପବ୍ଲିକ୍ ସ୍କୁଲ୍‌ର କିଛି ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଟ୍ରେନ୍ ଗଡ଼ିବା ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀ ଉତ୍ସାହିତ ହେବା ସହ ବନ୍ଦେ ମାତରମ୍, ଭାରତ ମାତା କି ଜୟର ନାରା ଲଗାଇଥିଲେ ।ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ର ରୁଟ୍, ସମୟ ଏବଂ ପକେଟ୍-ଅନୁକୂଳ ଭଡ଼ା କେତେ ଆସନ୍ତୁ ଜାଣିବା । ଏହି ଟ୍ରେନ୍ ସକାଳ ୭:୪୦ ମିନିଟରେ ଜିନ୍ଦ ଷ୍ଟେସନରୁ ବାହାରି ସକାଳ ୯:୪୦ ମିନିଟରେ ସୋନିପତ ଷ୍ଟେସନରେ ପହଞ୍ଚିବ । ପ୍ରମୁଖ ରହଣି ସ୍ଥାନ ହେଉଛି ପାଣ୍ଡ ପିଣ୍ଡାରା ଏବଂ ଗୋହାନା ସମେତ ୧୨ରୁ ୧୩ଟି ଛୋଟ ଷ୍ଟେସନ । ଏହି ଭଡ଼ା ସାଧାରଣ ପାସେଞ୍ଜର ଟ୍ରେନ୍ ସହ ସମାନ । ଅର୍ଥାତ୍ ଏଥିପାଇଁ ଯାତ୍ରୀମାନଙ୍କୁ ମାତ୍ର ୫ ରୁ ୨୫ ଟଙ୍କା ଭଡ଼ା ଦେବାକୁ ପଡ଼ିବ । ଏହି ଟ୍ରେନ୍ ପରିବେଶ ପାଇଁ ଏକ ବଡ଼ ବରଦାନ ସଦୃଶ । ଏଥିରେ ଓଭରହେଡ୍ ଲାଇନରୁ ବିଜୁଳି ମିଳିବ ନାହିଁ, ବରଂ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ମାଧ୍ୟମରେ ବିଦ୍ୟୁତ୍ ସୃଷ୍ଟି କରାଯାଇ ମୋଟର ଚଳାଯିବ । ଏହି ପ୍ରକ୍ରିୟାରେ କାର୍ବନ ନୁହେଁ, କେବଳ ଜଳୀୟ ବାଷ୍ପ ବାହାରିବ । ୨୦୩୦ ସୁଦ୍ଧା 'ନେଟ୍-ଜିରୋ କାର୍ବନ ଏମିଟର' ହେବାକୁ ଭାରତୀୟ ରେଳବାଇ ଯେଉଁ ଲକ୍ଷ୍ୟ ରଖିଛି, ତାହା ଏହି ପାଇଲଟ୍ ପ୍ରୋଜେକ୍ଟ ଜରିଆରେ ସଫଳ ହେବାକୁ ଯାଉଛି । ଯଦି ଏହି ପ୍ରୟୋଗ ସଫଳ ହୁଏ, ତେବେ ଭବିଷ୍ୟତରେ ଦାର୍ଜିଲିଂ ଏବଂ କାଲକା-ଶିମଲା ଭଳି ପାର୍ବତ୍ୟ ତଥା ଦୁର୍ଗମ ଅଞ୍ଚଳରେ ମଧ୍ୟ ଡିଜେଲ ଇଞ୍ଜିନ ବଦଳରେ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ, ଯାହା ବିଦେଶରୁ ଆସୁଥିବା ମହଙ୍ଗା ଅଶୋଧିତ ତେଲ ଆମଦାନୀକୁ ହ୍ରାସ କରିବ । ବନ୍ଦେ ଭାରତ ପରେ ଏବେ ହାଇଡ୍ରୋଜେନ୍ ଟ୍ରେନ୍ ଦେଶର ରେଳ ନେଟୱାର୍କକୁ ବିକାଶର ଏକ ନୂଆ ଦିଗ ଦେବାକୁ ଯାଉଛି ।



## ଦୁର୍ବଳ ହେଉଛି ଲଘୁଚାପ, ବର୍ଷା କମିବ

ଭୁବନେଶ୍ୱର: ଉତ୍ତର ଓଡିଶା ସମେତ ସଂଲଗ୍ନ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଦୁର୍ବଳ ହୋଇଯିବ । ତେବେ ଏହି ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଶନିବାର ସକାଳ ସାଢ଼େ ୮ଟା ସୁଦ୍ଧା ବରଗଡ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡା, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ବରଗଡ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

# ପୌର ଭୋଟ୍ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୧୭।୭: ରାଜ୍ୟରେ ପୌର ଭୋଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ନବଗଠିତ ୨୯ଟି ଏନଏସି ଓ ୬ଟି ମ୍ୟୁନିସପାଲଟିରେ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ ଓ ଓଡିଶା ମ୍ୟୁନିସପାଲଟି ରୁଲ୍ସ-୧୯୯୪ର ବିଭିନ୍ନ ପ୍ରାବଧାନ ଆଧାରରେ ଏହି ଚିଠା ବିଜ୍ଞପ୍ତି ଜାରି କରି ୧୫ଦିନ ସୁଦ୍ଧା ଆପତ୍ତି-ଅଭିଯୋଗ ଓ ମତାମତ ଲୋଡ଼ିଛନ୍ତି ରାଜ୍ୟ ସରକାର । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଜ୍ୟ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଥିବା ସମସ୍ତ ଆପତ୍ତି ଓ ପରାମର୍ଶକୁ ବିଚାରକୁ ନେବା ପରେ ହିଁ ସରକାର ସଂରକ୍ଷଣ ବ୍ୟବସ୍ଥାକୁ ଚୂଡାନ୍ତ ରୂପ ଦେବେ ବୋଲି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାର ଓଡିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ର ଧାରା ୪୭(୩) ଓ (୪) ଏବଂ ଓଡିଶା ମ୍ୟୁନିସପାଲଟି(ୱାର୍ଡ ସୀମା ନିର୍ଦ୍ଧାରଣ, ଆସନ ସଂରକ୍ଷଣ ଓ ନିର୍ବାଚନ ପରିଚାଳନା) ରୁଲ୍ସ-୧୯୯୪ର ନିୟମ ୬୭(୫) ର ପ୍ରାବଧାନ ଆଧାରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଗତବର୍ଷ ଏହି ସମସ୍ତ ଏନଏସି ଓ ମ୍ୟୁନିସପାଲଟି ଗଠନ ନିମନ୍ତେ ରାଜ୍ୟ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଥିଲେ ।

## ୪୫ ପାକ୍ ସୈନିକ ନିହତ

ଇସଲାମାବାଦ ୧୭।୭(ନି.ପ୍ର.): ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ସୁରକ୍ଷା ବାହିନୀ ଉପରେ ବିଦ୍ରୋହୀମାନେ ବଡ଼ଧରଣର ଗରିଲା ଆକ୍ରମଣ କରିଛନ୍ତି । ବଲୁଚିସ୍ତାନର ମାସ୍ତୁଙ୍ଗ ନିକଟରେ ସେନାର ଏକ କନ୍ ?ଭୟକୁ ଘେରି ବଲୁଚ ବିଦ୍ରୋହୀ ଅତର୍କିତ ଗୁଳିବର୍ଷା କରିବା ସହ ବୋମାମାଡ଼ କରିଛନ୍ତି, ଯେଉଁଥିରେ ଅତି କମ୍ ?ରେ ୪୫ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବା 'ବଲୁଚିସ୍ତାନ ଲିବରେସନ୍ ଆର୍ମି' (ବିଏଲ୍ ?ଏ) ପକ୍ଷରୁ ଦାବି କରାଯାଇଛି । ପାକିସ୍ତାନ ସେନା ଓ ସରକାର ଏହି ଆକ୍ରମଣକୁ ସ୍ୱୀକାର କରିଥିଲେ ମଧ୍ୟ ମୃତ୍ୟୁସଂଖ୍ୟା ନେଇ କୌଣସି ତଥ୍ୟ ଜାରି କରିନାହାନ୍ତି । ଇବକ୍ଷକ୍ଟମଷସସ୍ପସ୍ପବଭ ଓସଭରକ୍ସବସ୍ପସକ୍ଟଭ: ବଲୁଚିସ୍ତାନ ଲିବରେସନ୍ ଆର୍ମିର ଅଲ୍ଟିମେଟମ୍, ୭ ପାକିସ୍ତାନୀ ସୈନିକଙ୍କୁ ବନ୍ଧକ, ମୁକ୍ତି ପାଇଁ ଭିଡିଓ ଜାରି କରି ରଖିଲା କଠୋର ସର୍ତ୍ତ ।

## ନିଟ୍ ୟୁଜି ରେଜଲ୍ଟ: ଦେଶରେ ଆର୍ଯ୍ୟନ ଓ ପଂଶୁଲ, ଓଡିଶାରୁ ସାତ୍ତ୍ୱିକ ପଟ୍ଟନାୟକ ଟପ୍ପର

ନୂଆଦିଲ୍ଲୀ, ୧୭।୭(ନି.ପ୍ର.): ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ ୟୁଜି ୨୦୨୬ର ରେଜଲ୍ଟ ଘୋଷଣା କରିଛି ଜାତୀୟ ଟେଷ୍ଟିଂ ଏଜେନ୍ସି ବା ଏନଟିଏ । ଏଥିସହ ଟପ୍ପର ତାଲିକା ମଧ୍ୟ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି ।ପଞ୍ଜାବର ଆର୍ଯ୍ୟନ ଗୁପ୍ତ ଓ ହରିୟାଣର ପଂଶୁଲ ବଂଶଲ ଯୁଗ୍ମ ଭାବେ ଭାବେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି । ଉଭୟ ୭୨୦ରୁ ୭୧୫ ମାର୍କ ରଖି ଅଲ ଇଣ୍ଡିଆ ରାଙ୍କ ୧ ଓ ୨ରେ ରହିଛନ୍ତି ।

ସେହିପରି ଓଡିଶାରୁ ଟପ୍ପର ହୋଇଛନ୍ତି ସାତ୍ତ୍ୱିକ ପଟ୍ଟନାୟକ । ହେଲେ ସର୍ବଭାରତୀୟ ସ୍ତରରେ ତାଙ୍କ ରାଙ୍କ ୪୦ ରହିଛି । ସେ କେତେ ମାର୍କ ରଖିଛି, ସେକଥା ଏଯାଏ ସାର୍ବଜନୀନ ହୋଇନାହିଁ । ଚଳିତ ବର୍ଷ ନିଟ ୟୁଜି ପରୀକ୍ଷା ପ୍ରାୟ ୨୦ ଲକ୍ଷ ଶିକ୍ଷାର୍ଥୀ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୧.୨୧ ଲକ୍ଷ ଶିକ୍ଷାର୍ଥୀ ଏମବିବିଏସ୍, ବିଡିଏସ୍, ଆୟୁଷ ଓ ଅନ୍ୟ ଅଣ୍ଡର ଗ୍ରାଜୁଏଟ ମେଡିକାଲ ପାଠ୍ୟକ୍ରମ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଏନଟିଏର ସୂଚନା ଅନୁସାରେ, ୧୩୮ ଜଣ ଶିକ୍ଷାର୍ଥୀ ୬୯୦ରୁ ଅଧିକ ମାର୍କ ରଖିଥିବା ବେଳେ ୭୦୦ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୧୯ । ଯୋଗ୍ୟତା ଅର୍ଜନ କରିଥିବା ପିଲାଙ୍କ ମଧ୍ୟରୁ ୫୮% ହେଉଛନ୍ତି ଛାତ୍ରୀ । ସେମାନେ ଛାତ୍ରମାନଙ୍କୁ ନିଟ ୟୁଜି ରେଜଲ୍ଟରେ ପୁଣି ପଛରେ ପକାଇ ଦେଇଛନ୍ତି ।

ନିଟ ୟୁଜି ୨୦୨୬ରେ ଯୋଗ୍ୟତା ଅର୍ଜନ କରିଥିବା ୧୧,୨୧,୧୮୫ ଜଣଙ୍କ ମଧ୍ୟରୁ ୫.୧୨ ଲକ୍ଷ ହେଉଛି ଓବିସି-ଏନସିଏଲ ବର୍ଗର । ସାଧାରଣ ବର୍ଗରୁ ୨.୯୧ ଲକ୍ଷ, ଏସସି ବର୍ଗରୁ ୧.୫୯ ଲକ୍ଷ, ଆର୍ଥିକ ପଛୁଆ ବର୍ଗର ୯୫,୦୨୬ ଜଣ ଓ ଦିବ୍ୟାଙ୍ଗ ବର୍ଗରୁ ୩,୬୬୬ ଜଣ ପିଲା ରହିଛନ୍ତି ।

ନିଟ୍ ୟୁଜି ରେଜଲ୍ଟ ଅନୁଯାୟୀ ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ର, ହରିୟାଣା ଓ ତେଲଙ୍ଗାନାର ପରୀକ୍ଷାର୍ଥୀମାନେ ଦେଶର ସର୍ବୋଚ୍ଚ ସ୍କୋରରଙ୍କ ମଧ୍ୟରେ ପ୍ରମୁଖ ସ୍ଥାନ ହାସଲ କରିଛନ୍ତି । ଏଥିସହ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜଣେ ଲେଖାଏ ଷ୍ଟେଟ୍ ଟପ୍ପରଙ୍କ ନାଁ ମଧ୍ୟ ଏନଟିଏ ସାର୍ବଜନୀନ କରିଛି ।

ପଞ୍ଜାବର ଆର୍ଯ୍ୟନ ଗୁପ୍ତା ୯୯.୯୯୯୯ ପର୍ସେଣ୍ଟାଇଲ୍ ସହ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ହରିୟାଣାର ପଂଶୁଲ ବଂଶଲ ସମାନ ପର୍ସେଣ୍ଟାଇଲ୍ ସହ ଦ୍ୱିତୀୟ ସ୍ଥାନରେ ଦଖଲ କରିଛନ୍ତି । ସେହିପରି ରାଜସ୍ଥାନର ଉପଲକ୍ଷ୍ୟ ଗୋଏଲ ତୃତୀୟ ସ୍ଥାନ, ବିହାରର ଆୟୁଷ ଭାଲୋଟିଆ ଚତୁର୍ଥ ସ୍ଥାନ, ମହାରାଷ୍ଟ୍ରର ଶ୍ରାବଣୀ କୁଡାଲେ ପଞ୍ଚମ ସ୍ଥାନ, ବିହାରର ରିୟା ରଞ୍ଜନ ଷଷ୍ଠ ସ୍ଥାନ, ଉତ୍ତର ପ୍ରଦେଶର ଆର୍ଯ୍ୟନ ଦୁବେ ସପ୍ତମ ସ୍ଥାନ, ପଞ୍ଜାବର ଗୀତାଂଶ ସାରିନ ୮ମ ସ୍ଥାନ, ରାଜସ୍ଥାନର ଗୌରବ ସିଂହ ୯ମ ସ୍ଥାନ ଓ ମହାରାଷ୍ଟ୍ରର ମାରୁତି ଭୋସଲେ ୧୦ମ ସ୍ଥାନରେ ରହିଛନ୍ତି । ଶୀର୍ଷ ୧୦୦ ର୍ୟାଙ୍କଧାରୀଙ୍କ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ରାଜସ୍ଥାନରୁ ସର୍ବାଧିକ ପ୍ରାୟ ୧୨ ଜଣ ପ୍ରାର୍ଥୀ ରହିଥିବା ବେଳେ ମହାରାଷ୍ଟ୍ରରୁ ୧୧ ଜଣ ଅଛନ୍ତି । ପଞ୍ଜାବ ଓ ଦିଲ୍ଲୀରୁ ୮ ଜଣ ଲେଖାଏ, ତାମିଲନାଡୁରୁ ୭ ଜଣ, ଗୁଜରାଟ ଓ କର୍ଣ୍ଣାଟକରୁ ୬ ଜଣ ଲେଖାଏ ପ୍ରାର୍ଥୀ ଟପ ୧୦୦ରେ ଅଛନ୍ତି । ହରିୟାଣା ଓ ତେଲଙ୍ଗାନାରୁ ମଧ୍ୟ ଏକାଧିକ ପ୍ରାର୍ଥୀ ଟପ୍ ୧୦୦ ମଧ୍ୟରେ ସ୍ଥାନ ପାଇଥିବା ଜଣାପଡିଛି ।

ଏନଟିଏ ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟ ଟପ୍ପରଙ୍କ ତାଲିକା ଜାରି କରିଛି । ଏଥିରେ ଲକ୍ଷଦ୍ୱୀପ, ଲଦାଖ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଅରୁଣାଚଳ ପ୍ରଦେଶ, ମିଜୋରାମ ଓ ନାଗାଲାଣ୍ଡ ଭଳି ଛୋଟ ଅଞ୍ଚଳର ପ୍ରାର୍ଥୀମାନେ ମଧ୍ୟ ସାମିଲ ଅଛନ୍ତି ।

**ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ବଡ଼ ଆକ୍ସନ୍**

# ପୁଣି କ୍ରାଇମବ୍ରାଞ୍ଚର ଛାନଭିନ୍

ଭୁବନେଶ୍ୱର, ୧୭।୭(ନି.ପ୍ର.)): ରାଜ୍ୟରେ ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଆହୁରି ଜୋରଦାର କରିଛି । ଶୁକ୍ରବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ଏକକାଳୀନ ଏସ୍‌ସିଇଆରଟି, ଓସେପା ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟରେ ପହଞ୍ଚି ଦସ୍ତାବିଜ୍ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ପଚରାଉଚରା କରିଛି । ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଏହି ଛାନଭିନକୁ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି ଧରାଯାଉଛି ।



ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚ ପାଠ୍ୟପୁସ୍ତକ ମୁଦ୍ରଣାଳୟର ନିର୍ଦ୍ଦେଶକଙ୍କୁ ପଚରାଉଚରା କରିବା ସହ ବହି ଛପା, ଖର୍ଚ୍ଚ ଓ ତ୍ରୁଟି ସମ୍ପର୍କିତ ବିଭିନ୍ନ ଫାଇଲ୍ ଓ ଦସ୍ତାବିଜ୍ ଯାଞ୍ଚ କରିଛି । ଏହାପୂର୍ବରୁ ମଧ୍ୟ ତଦନ୍ତକାରୀ ଟିମ୍ ଏସ୍‌ସିଇଆରଟିରୁ ବହି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା । ଏସ୍‌ସିଇଆରଟରୁ ତଥ୍ୟ ସଂଗ୍ରହ ପରେ ଏବେ ଏସ୍‌ସିଇଆରଟିରେ ଡାଟା ଓ ରେକର୍ଡର ଖୁବ୍ ବାରିକୀରେ ଯାଞ୍ଚ ଚାଲିଛି ।

ଏହି ମାମଲାରେ ନୂଆ ମୋଡ଼ ଆଣିଛି ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟର ପୂର୍ବତନ ସିନିୟର ଅଫସେଟ ଅପରେଟର ପ୍ରଦୀପ କୁମାର ମିଶ୍ରଙ୍କ ଅଭିଯୋଗ । ସେ ଦାବି କରିଛନ୍ତି ଯେ, ମୁଦ୍ରଣାଳୟରେ ପ୍ରୁଫ୍ ରିଡର ନଥିବାରୁ ପ୍ରୁଫ୍ ରିଡିଂ ବିନା ହିଁ ପାଠ୍ୟପୁସ୍ତକ ଛପାଯାଇଥିଲା, ଯାହା ଫଳରେ ବହିରେ ଏକାଧିକ ତ୍ରୁଟି ଦେଖାଦେଇଥିଲା ।

ଏତିକି ନୁହେଁ, ପୂର୍ବତନ ପ୍ରୁଫ୍ ରିଡରଙ୍କଠାରୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଇ ପଦୋନ୍ନତି ଦିଆଯାଇଥିବା ଏବଂ କମ୍ ଦାମର ପୁରୁଣା ମେସିନ୍ କିଣି କୋଟି କୋଟି ଟଙ୍କାର ହେରଫେର ହୋଇଥିବା ନେଇ ମଧ୍ୟ ସେ ଗୁରୁତର ଅଭିଯୋଗ ଆଣିଛନ୍ତି ।ତେବେ ଏହି ସମସ୍ତ ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ । କ୍ରାଇମବ୍ରାଞ୍ଚ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । ଶିକ୍ଷା ବିଭାଗ ସହ ଜଡ଼ିତ ଏହି ସମ୍ବେଦନଶୀଳ ମାମଲା ଆଗାମୀ ଦିନରେ ଆଉ ବଡ଼ ଖୁଲାସା ଆଣିପାରେ ବୋଲି ଚର୍ଚ୍ଚା ହେଉଛି ।

# ଇରାନର ବାଣିଜ୍ୟ ଭିତ୍ତିଭୂମି ଛାରଖାର

**ନୂଆଦିଲ୍ଲୀ, ୧୭।୭(ନି.ପ୍ର.):** ଟେହେରାନ: ଆମେରିକାର ଶକ୍ତିଶାଳୀ ଏବଂ ସୁଚିନ୍ତିତ ବିମାନ ଆକ୍ରମଣ ଯୋଗୁଁ ଦକ୍ଷିଣ ଇରାନର ସମଗ୍ର ପରିବହନ ଓ ସାମୁଦ୍ରିକ ବାଣିଜ୍ୟ ଭିତ୍ତିଭୂମି ଛାରଖାର ହୋଇଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକା ସେନା ପକ୍ଷରୁ କ୍ରମାଗତ ଷଷ୍ଠ ରାତି ପାଇଁ ଏହି ଭୀଷଣ ବୋମାମାଡ କରାଯାଇଛି, ଯାହା ଇରାନ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ସାମୁଦ୍ରିକ କରିଡର୍‌ଗୁଡ଼ିକରେ ପ୍ରଳୟଙ୍କରୀ କ୍ଷୟକ୍ଷତି ଘଟାଇଛି । ଇରାନ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମୁଖପାତ୍ର ହୋସେନ୍ କେରମାନପୁର ସ୍ପଷ୍ଟ କରିଛନ୍ତି ଯେ ଚଳିତ ଆକ୍ରମଣରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୩୮ରେ ପହଞ୍ଚିଛି ଏବଂ ୪୦୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ଆମେରିକାର ଏକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ରେ ଇରାନର ପ୍ରମୁଖ ଗଭୀର ସମୁଦ୍ର ବନ୍ଦର 'ଚବାହାର୍'ର ମୁଖ୍ୟ ସାମୁଦ୍ରିକ ଟ୍ରାଫିକ୍ କଣ୍ଟ୍ରୋଲ୍ ଟାୱାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । ଇରାନର ସରକାରୀ ଗଣମାଧ୍ୟମ 'ଇରନା' ଅନୁଯାୟୀ, ଏହି ଟାୱାରଟି କେବଳ ସାଧାରଣ ବାଣିଜ୍ୟିକ ଜାହାଜ ଚଳାଚଳ ଏବଂ ମତ୍ସ୍ୟଜୀବୀଙ୍କ ସୁରକ୍ଷା କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିଲା । ଏହା ପୂର୍ବରୁ ଆମେରିକା ସେନା ନିକଟସ୍ଥ 'ସିରିକ୍' ବନ୍ଦରର ମାଲବାହୀ ପ୍ରତିଷ୍ଠାନ ଏବଂ ସାଧାରଣ ମତ୍ସ୍ୟଜୀବୀ ଜେଟିଗୁଡ଼ିକୁ ମଧ୍ୟ ବୋମାମାଡ଼ କରି ନଷ୍ଟ କରିଦେଇଥିଲା । ଆମେରିକୀୟ ବାୟୁସେନା ଉପକୂଳ ହରମୋଜଗାନ୍ ପ୍ରଦେଶର 'ବନ୍ଦର ଖମୀର' ଅଞ୍ଚଳକୁ ସଂଯୋଗ କରୁଥିବା ୬ଟି ଗୁରୁତ୍ୱପୂର୍ଣ୍ଣ ସେତୁକୁ ମିସାଇଲ୍ ମାଡ଼ କରି ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ଏହି ସେତୁଗୁଡ଼ିକ ନଷ୍ଟ ହେବା ଫଳରେ ଇରାନର ମୁଖ୍ୟ ଭୂଖଣ୍ଡ ସହିତ ବାଣିଜ୍ୟିକ ସହର 'ବନ୍ଦର ଅବାସ'ର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ଏବଂ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି । ସେହିପରି ଶୁକ୍ରବାର ଭୋର ସମୟରେ 'ଇରାନସହର' ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ଏକ ଗ୍ୟାସ୍ ଟ୍ୟାଙ୍କର ବିସ୍ଫୋରଣ ହେବା ସହ ବିଦ୍ୟୁତ୍ ସବ୍-ଷ୍ଟେସନ୍ ନଷ୍ଟ ହୋଇଯାଇଛି, ଯାହାଫଳରେ ସମଗ୍ର ଅଞ୍ଚଳ ଅନ୍ଧାରରେ ବୁଡ଼ି ଯାଇଛି । ବନ୍ଦର ଅବାସର ମୁଖ୍ୟ ରେଳ ଷ୍ଟେସନ୍ ଏବଂ ପାୱାର ଗ୍ରିଡ୍ ଉପରେ ବୋମାମାଡ଼ ଯୋଗୁଁ ଇରାନର ଅନେକ ଦକ୍ଷିଣ ଉପକୂଳ ସହରରେ ବିଦ୍ୟୁତ୍ ସେବା ବନ୍ଦ ହୋଇଯାଇଛି ।

ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସ୍ପଷ୍ଟ କରିଛି ଯେ ଯୁଦ୍ଧଜାହାଜ, ଫାଇଟର୍ ଜେଟ୍ ଏବଂ ଡ୍ରୋନ୍ ସାହାଯ୍ୟରେ ଇରାନର ସାମରିକ ଯୋଗାଣ, ଉପକୂଳ ସୁରକ୍ଷା କେନ୍ଦ୍ର ଏବଂ ବାୟୁ ପ୍ରତିରକ୍ଷା ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଉଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସ୍ୱତନ୍ତ୍ର ସମ୍ବୋଧନରେ ଚେତାବନୀ ଦେଇ କହିଛନ୍ତି, ଯେପର୍ଯ୍ୟନ୍ତ ତେହେରାନ ହର୍ମୁଜ ପ୍ରଣାଳୀରୁ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରୁ ନିଜର ବେଆଇନ ସାମୁଦ୍ରିକ ଅବରୋଧ ନହଟାଇଛି, ସେପର୍ଯ୍ୟନ୍ତ ଇରାନର ସମସ୍ତ ପରିବହନ ଓ ବନ୍ଦର ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ ଜାରି ରହିବ । ଅନ୍ୟପଟେ ସାଧାରଣ ସମ୍ପତ୍ତିକୁ ଧ୍ୱଂସ କରିବା ଏକ 'ଯୁଦ୍ଧ ଅପରାଧ' ବୋଲି କହି ଇରାନ ପକ୍ଷରୁ ବାହାରିନ, କୁଏତ, ସିରିଆ ଏବଂ କତରରେ ଥିବା ଆମେରିକୀୟ ସେନା ପ୍ରତିଷ୍ଠାନ ଉପରକୁ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି, ଯାହା ସମଗ୍ର ମଧ୍ୟ-ପ୍ରାଚ୍ୟରେ ହଇଚଇ ସୃଷ୍ଟି କରିଛି ।



# ରଥଯାତ୍ରାରେ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସେବା ପ୍ରଦାନ



ପାରାଦୀପ,୧୭।୭ :(ମନ୍ଥନ)ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପ୍ରତିକୂଳ ପାଗ ସତ୍ୱେ ବନ୍ଦର ସହର ପାରାଦୀପରେ ଗୁରୁବାର ଦିନ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ତିନି ଠାକୁର ରଥାରୋହଣ କରିବା ପରେ ପରମ୍ପରା ଅନୁଯାୟୀ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ରଥରେ ଛେରା ପହଁରା କରିଥିଲେ । ଏହାପରେ ଅପରାହ୍ନ ୪ ଟା ସମୟରେ ରଥ ଟଣା ପର୍ବ ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟାରେ ତିନି ଠାକୁର ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଥିଲା । ଆକାଶ ମେଘାଛନ୍ନ ଥିଲେ ସୁଦ୍ଧା ବର୍ଷା ନହେବା କାରଣରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ରଥ ଟାଣୁ ଥିବା ଦେଖିବାକୁ ମିଳିଥିଲା । ଏହି ଯାତ୍ରା ଉତ୍ସବ ନିମନ୍ତେ ପାରାଦୀପ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୌର ପ୍ରଶାସନ ପକ୍ଷରୁ ବଡ ଦାଣ୍ଡ ଠାରୁ ଆରମ୍ଭ କରି ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫା କରାଯିବା ସହ ପରିବେଶ ପ୍ରତି ବେସ ଯତ୍ନବାନ ରହି ସେବା ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ବ୍ୟବସ୍ଥା କରାଯାଇଥିବା ବେଳେ ଅଗ୍ରଣୀ ପରିବେଶଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବିଗତ ବର୍ଷ ଭଳି ମାଉସୀ ମା ମନ୍ଦିର ନିକଟରେ ଏକ ଷ୍ଟଲ ଖୋଲାଯାଇ ଚାରା ବଣ୍ଟନ,ଦହିପାଣି, ମୃଦୁପାନୀୟ ପ୍ରଦାନ କରି ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କୁ ସେବା ପ୍ରଦାନ କରାଯାଇଥିଲା । ଏହି ଷ୍ଟଲ କୁ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଟ୍ରଷ୍ଟ ର ସଭାପତି ରାକେଶ କୁମାର ପଟ୍ଟନାୟକ (ରାକା) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ । ତେବେ ଟ୍ରଷ୍ଟ ର ଏପରି ମହତ କାର୍ଯ୍ୟକୁ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଉତ୍ସାହିତ କରିବା ସହ ଟ୍ରଷ୍ଟ ର ଏପରି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ପ୍ରତିବର୍ଷ ଘୋଷ ଯାତ୍ରାରେ ଏଇଭଳି ସେବା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ରାକେଶ ।

# ନାମ୍ପୋରେ ଗୁଣ୍ଡିଚା ରଥ ଯାତ୍ରା ମହା ଆଡମ୍ବରରେ ପାଳିତ



ଜଳେଶ୍ୱର,୧୭।୭ :(ମନ୍ଥନ) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋରେ ଗୁଣ୍ଡିଚା ରଥ ଯାତ୍ରା ମହା ଆଡମ୍ବରରେ ଆଜି ପାଳିତ ହୋଇଯାଇଛି। ସୁଗୋ ପଂଚାୟତର ବାଣିଦା ଛକ ନିକଟରୁ ସୁସଜ୍ଜିତ ରଥରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଗ୍ରହକୁ ରଖାଯିବା ପରେ ମନ୍ଦିର କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ଜେନାଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ଉକ୍ତ ରଥକୁ ସଂକୀର୍ତ୍ତନ ଓ ହୁଳହୁଳି ମଧ୍ୟରେ ପ୍ରାୟ ୧ କିମି ଦୂରରେ ଅବସ୍ଥିତ ନାମ୍ପୋ ହାଟ ନିକଟରେ ଥିବା ଜଗଦ୍ଧାତ୍ରୀ ମଣ୍ଡପ ନିକଟକୁ ଟାଣି ଟାଣି ଆଣିଥିଲେ।ସେଠାରେ ରଥ ଟଣା। କାର୍ଯ୍ୟକ୍ରମ ଶେଷ ହେବା ପରେ ମାଉସୀ ମା ମନ୍ଦିରରେ ତିନି ବିଗ୍ରହକୁ ରଖା ଯାଇଛି।ବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ଧନେଶ୍ୱର ପଣ୍ଡା ଓ ତାଙ୍କ ପତ୍ନୀ ସନ୍ଧ୍ୟା ରାଣୀ ପଣ୍ଡାଙ୍କ ପ୍ରଚେଷ୍ଟାରେ ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ସର୍ବ ପ୍ରଥମେ ସ୍ୱର୍ଗତ ରାଧାକୃଷ୍ଣ ରଣାଙ୍କ ଦ୍ୱାରା ଏହି ତିନି ବିଗ୍ରହ ନିର୍ମିତ ହୋଇଥିଲା।୨୦୧୫ ମସିହା ଠାରୁ ଲଗାତାର ଭାବେ ଦୀର୍ଘ ୧୨ ବର୍ଷ ଧରି ଏହି ରଥ ଯାତ୍ରା ହୋଇ ଆସୁଥିବା ବେଳେ କମିଟିର ଉପସଭାପତି ଅନନ୍ତ କୁମାର ମହାନ୍ତି,ସମ୍ପାଦକ ପ୍ରଫୁଲ୍ଲ କୁମାର ଗିରି,ସହ ସମ୍ପାଦକ ଚନ୍ଦ୍ର ଶେଖର ଚନ୍ଦ, କୋଷାଧକ୍ଷ ପଙ୍କଜ ପଣ୍ଡା,ସଭ୍ୟ ବାଞ୍ଛାନିଧି ଶୁର,ରାଧାଶ୍ୟାମ ମହାପାତ୍ର,ନାରାୟଣ ଚନ୍ଦ୍ର ପ୍ରାମାଣିକ,ସରୋଜ ଷଡ଼ଙ୍ଗୀ ଓ ଜଗଦୀଶରଣାଙ୍କୁ ନେଇ ଗଠିତ ୧୦ ଜଣିଆ କମିଟି ଆଜିର ରଥ ଯାତ୍ରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ପୂଜକ ବାବି ପତି ପୂଜା ଅର୍ଚ୍ଚନା କରିଥିବା ବେଳେ କୁନି ପଣ୍ଡା ସମସ୍ତ ଭୋଗ ପ୍ରସ୍ତୁତ କରିବା ପରେ ତାହା ତିନି ବିଗ୍ରହ ନିକଟରେ ଲଗା ଯାଇଥିଲା।।ପାଖାପାଖି ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ମହାପ୍ରଭୁଙ୍କ ରଥ ଯାତ୍ରାରେ ସାମିଲ ହୋଇଥିଲେ।

# ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପବିତ୍ର ଘୋଷ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋରଧା,୧୭।୭ :(ମନ୍ଥନ)ଆଜି ଜାଗୁଳି ପାଟଣା ସ୍ଥିତ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ଙ୍କ ଘୋଷ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମାପନ ହୋଇଯାଇଅଛି । ପ୍ରତ୍ୟୁଷ ୪ ଘଟିକା ସମୟରେ ମହାପ୍ରଭୁଙ୍କ ପହଡ଼ ଖୋଲା ହୋଇଥିବା ବେଳେ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆଳତି, ପୂର୍ବାହ୍ନ ୧୧ ଘଟିକାରେ ଶଙ୍ଖୁଡ଼ି ଭୋଗ, ମଧ୍ୟାହ୍ନ ୧୨ ଘଟିକାରେ ସୂର୍ଯ୍ୟ ପୂଜା, ଅପରାହ୍ନ ୨ ଘଟିକାରେ ପହଣ୍ଡି ବିଜେ, ଅପରାହ୍ନ ୩ ଘଟିକାରେ ଛେରା ପହଁରା ଏବଂ ଅପରାହ୍ନ ୪ ଘଟିକାରେ ରଥ ଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ, ଖୋରଧା ,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏବଂ ମନ୍ଦିର ସେବାୟତ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା । ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂର୍ବତନ ସାଂସଦ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ମହାପ୍ରଭୁଙ୍କ ଛେରା ପହଁରା କରିଥିଲେ । ତିନିଠାକୁର ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବଡ଼ଭାଇ ହଳାୟୁଧ ଏବଂ ମା' ସୁଭଦ୍ରା ରଥାରୂଢ଼ ହେଲା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି, ଶ୍ରୀ ଶ୍ରୀ ବଳଭଦ୍ର ଏବଂ ମା ସୁଭଦ୍ରା ଙ୍କୁ ମାନ୍ୟବର ବିଧାୟକ, ଖୋରଧା,ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା ଦର୍ଶନ କରି ବିଭୁକୃପା ଲାଭକାରୀ ଜିଲ୍ଲାର ଉନ୍ନତି ଏବଂ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି କାମନା କରି ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ମାନ୍ୟବର ବିଧାୟକ, ଜଟଣୀ ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ ପ୍ରବାହ୍ନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଦର୍ଶନ କରି ବିଭିକୃପା ଲାଭ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ସେବା, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ସେବା, ବିଶୁଦ୍ଧ ପାନୀୟ ଜଳ ସେବା,ଟି ପି ସି ଓ ଡି ଏଲ ପକ୍ଷରୁ ବିଜୁଳି ସେବା, ଅଗ୍ନିଶମ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା । ରଥାରୂଢ଼ ବିଗ୍ରହ ମାନଙ୍କୁ ଭକ୍ତ ଶ୍ରଦ୍ଧାଳୁ ମାନେ ଆନନ୍ଦରେ ଆଇ ଆଇ ସି, ସଦର ଆଦର୍ଶ ଥାନା ଶ୍ରୀ ସଞ୍ଜୟ କୁମାର ନାୟକ ଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଭକ୍ତ ଶ୍ରଦ୍ଧାଳୁ ମାନେ ହରିବୋଲ ହୁଳହୁଳି ମଧ୍ୟରେ ରଥ ମାଉସୀ'ମା ଜାଗେଶ୍ୱରୀ ମନ୍ଦିରରେ ପହଞ୍ଚି ଥିଲା ।

# ଜଗନ୍ନାଥ ମନ୍ଦିର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ

ଜଗତସିଂହପୁର,୧୭।୭ :(ମନ୍ଥନ)ପବିତ୍ର ଶ୍ରୀ ଗୁଣ୍ଡିଚା ଅବସରରେ କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅବସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉ ମଠର ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇ ଯାଇଛି।ଏହି ପବିତ୍ର ଅବସରରେ ସକାଳ ୧୦ ଘଟିକା ସମୟରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଆଜିର ଏହି ପୂଜ୍ୟ ପୂଜକ ପଦ୍ମଶ୍ରୀ ଶ୍ରୀ ବାବା ବଳିଆଙ୍କ ପ୍ରତିନିଧି କୁନୁ ଭାଇ,ଆଜ୍ଞା ମାଳ ସହିତ ଶିଳାନ୍ୟାସ ଭୂମି ପୂଜନ ଉତ୍ସବ ରେ ଯୋଗଦାନ କରିଥିଲେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,ସନ୍ମାନିତ ଅଥିତି ଭାବେ ମାନ୍ୟବର ସାଂସଦ ଜଗତସିଂହପୁର ଡ଼ଃ ବିଭୁ ପ୍ରସାଦ ତରାଇ,ଠାକୁରରାଜା କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ,ମଦନ ମୋହନ ଜୀଉ ମଠ ପରିଚାଳନା ପରିଷଦ ର ସଭାପତି ରବି ନାରାୟଣ ସାହୁ,କୋଷାଧକ୍ଷ ଭିକାରି ଚରଣ ସେନାପତି,ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନା ଓ ସ୍ୱାଗତ ଅଭିଭାଷଣ ରାହାମା ବଜାର କମିଟିର ସଭାପତି ଶିଶିର କୁମାର ଦାସ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ବଜାର କମିଟି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ,ଉପସଭାପତି ସରୋଜ ଦାସ,ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ର ଯୁବ ନେତା /ସମାଜ ସେବୀ ପ୍ରତାପ ଚନ୍ଦ୍ର ଦାସ,ମନ୍ତ୍ରୀ ଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ରାହାମା ମଣ୍ଡଳ ସଭାପତି ଶରତ ଚନ୍ଦ୍ର ସ୍ୱାଇଁ , ବିରଜା ମଠ ର ଅଧିକାରୀ ରାଜକିଶୋର ଦାସ,ସେବିକା ସ୍ୱର୍ଣ୍ଣପ୍ରଭା ଦାସ,ସେବକ



ତପନ କୁମାର ପତି,ନୃସିଂହ ନାଥ ମଠର ଅଧିକାରୀ ରମାକାନ୍ତ ଦାସ ଏବଂ ବୃନ୍ଦାବନରୁ ଆଗତ ପୂଜ୍ୟ ସାଧୁ-ସନ୍ଥମାନେ ମଞ୍ଚାସୀନ ରହିଥିଲେ। ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ମନ୍ଦିର ପ୍ରତିଷ୍ଠା ହେଲେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଆଧ୍ୟାତ୍ମିକ ଚେତନା ଓ ଭକ୍ତିଭାବ ଜାଗ୍ରତ ହେବା ସହ ଗାଁ' ଗାଁ' ମଧ୍ୟରେ ଏକତା ଓ ଭାଇଚାରାର ସମ୍ପର୍କ ଆହୁରି ମଜବୁତ୍ ହୋଇପାରିବ। ସାଂସଦ ବିଭୁ ପ୍ରସାଦ ତରାଇ କହିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ଏହି ପବିତ୍ର ମନ୍ଦିର ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଚେତନା, ସାମାଜିକ ସଦ୍ଭାବ ଓ ସାଂସ୍କୃତିକ ପରମ୍ପରାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେଉ,କାର୍ଯ୍ୟକ୍ରମର ଶେଷରେ ଠାକୁର ରାଜା ଦୀପକ ପ୍ରସାଦ ସ୍ୱାଇଁ ଙ୍କ ହସ୍ତ ରେ ବରେଣ୍ୟ ସନ୍ଥ,ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିୟୋଜିତ ଜଗନ୍ନାଥ ପ୍ରେମୀ, ସେବକ-ସେବିକା, ସାମ୍ବାଦିକ,ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ମଠ ପରିଚାଳନା ପରିଷଦ ର ସମ୍ପାଦକ ତଥା ମୁଖ୍ୟ ସଂଯୋଜକ ସମାଜ ସେବୀ ଡ଼ଃ ସୁନାକର ବେହେରା ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦେଶ୍ୟରେ ଉଦଘୋଷ ପ୍ରଧାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ, କାର୍ତ୍ତିକ ଚନ୍ଦ୍ର ସାହୁ,ସେବକ ତପନ କୁମାର ପତି, ପ୍ରଦୀପ୍ତ କୁମାର ସାହୁ, ବିପିନ କୁମାର ବରାଳ,ସର୍ବଶେଷରେ ରବିନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ.

# ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଙ୍କ ଧର୍ମପତ୍ନୀ ସୁଷମା ସାହୁଙ୍କ ପରଲୋକ

ପାରାଦ୍ୱୀପ,୧୭।୭ :(ମନ୍ଥନ)ପାରାଦ୍ୱୀପରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଙ୍କ ଧର୍ମପତ୍ନୀ ସୁଷମା ସାହୁଙ୍କର ୭୨ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି। ଗଗନ ବିହାରୀ ସାହୁ ପିଟିଆଇ ର ବରିଷ୍ଠ ସାମ୍ବାଦିକ ଏବଂ ଦିର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପାରାଦ୍ୱୀପ ରେ ସାମ୍ବାଦିକତା କରୁଛନ୍ତି। ଗତ କିଛି ବର୍ଷ ହେବ ସେମାନେ ଉଦୟବଟ ସ୍ଥିତ ନିଜ ବାସଭବନରେ ରହୁଥିବା ବେଳେ ତାଙ୍କ ଧର୍ମପତ୍ନୀ ସୁଷମା ସାହୁ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଗୁରୁବାର ପବିତ୍ର ଶ୍ରୀଗୁଣ୍ଡିଚା ଦିନ ସକାଳ ୯:୩୦ ସମୟରେ ତାଙ୍କର ପରଲୋକ ହୋଇଯାଇଛି। ସିଏ ଜଣେ ଧର୍ମପରାୟଣା ମହିଳା ଭାବେ ପାରାଦ୍ୱୀପ ଏବଂ ଉଦୟବଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ପାରାଦ୍ୱୀପ ର ବହୁ ରାଜନେତା, ଶ୍ରମିକ ନେତା ଓ ସାମ୍ବାଦିକ ଉଦୟବଟ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପାରାଦ୍ୱୀପ ରୁ ପାର୍ଥିବ ଶରୀର ତାଙ୍କ ନିଜ ଗାଁ ନିଆଳି ଥାନା ଏକବେରୁଆଁ ପଞ୍ଚାୟତ ର ତାଳଖ ଗ୍ରାମକୁ ନିଆଯାଇଥିଲା। ସେଠାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୁଷମା ଙ୍କ ପୁତୁରା ବିକ୍ରମ ସାହୁ (ବୁଟୁଆ)ମୁଖାଅଗ୍ନି ଦେଇଥିବା ବେଳେ ସମସ୍ତ ବନ୍ଧୁ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶେଷକୃତ୍ୟ ରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବଲଙ୍ଗାରେ ରଥ ଯାତ୍ରା

ବଲଙ୍ଗା,୧୭।୭ :(ମନ୍ଥନ) ପବିତ୍ର ରଥ ଯାତ୍ରା ଅବସରରେ ବଲଙ୍ଗା ବଜାରସ୍ଥିତ ଗୋପୀନାଥ ଦେବ ମଠରେ ପୂଜା ପାଉଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷଯାତ୍ରା କାର୍ଯକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମଠ ମହନ୍ତ ଶ୍ରୀ ରାମକୃଷ୍ଣ ଦାସ ମହାରାଜଙ୍କ ଦ୍ୱାରା ବିଗ୍ରହ ମାନଙ୍କ ଠାକୁରଙ୍କ ମଙ୍ଗଳ ଆଳତି,ସୂର୍ଯ୍ୟପୂଜା, ଅବକାଶ, ବେଶଭୂଷା , ସକାଳ ଧୂପ ପରେ ଗୋପାଳ ବଲ୍ଲଭ ଭୋଗ ନୀତି କରଯାଇଥିଲା। ପରେ ବଜାରର ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନାଥ ମିଶ୍ରଙ୍କ ଦ୍ୱାରା ଛେରା ପହଁରା ନୀତି ଅନୁଷ୍ଠିତ ହେବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୁଡ କରଯାଇଥିଲା। ପରେ ଶତାଧିକ ମହିଳା ଓ ପୁରୁଷ ଭକ୍ତ ମାନଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟ ଅନୁଷ୍ଠିତ ହୋଇ ବଜାର ପରିକ୍ରମା ପରେ ବକ୍ରେଶ୍ୱର ମନ୍ଦିର ନିକଟରେ ରହିଥିଲା। ଏହାକୁ ଦେଖିବାକୁ ହଜାର ଭକ୍ତଙ୍କ ସମାଗମ ହୋଇଥିଲା ବେଳେ କାର୍ଯ୍ୟକ୍ରମକୁ ଗୌରାଙ୍ଗ ଦଳେଇ, ସୁବାସ ସାହୁ, ନବ କିଶୋର ବେହେରା ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ। ବାହୁଡ଼ା ପର୍ଯ୍ୟନ୍ତ ବାକ୍ରେଶ୍ୱର ଦେବଙ୍କ ପୀଠରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ସୁନାମଧନ୍ୟ ଚିକିତ୍ସକ ଅଲେଖ ଦାସଙ୍କୁ ଶ୍ରଦ୍ଧାଞ୍ଜଳି


କେନ୍ଦ୍ରାପଡ଼ା,୧୭।୭ :(ମନ୍ଥନ)ସୁନାମଧନ୍ୟ ଚିକିତ୍ସକ ଡା. ଅଲେଖ ଚନ୍ଦ୍ର ଦାସଙ୍କ ପଞ୍ଚମ ଶ୍ରାଦ୍ଧୋତ୍ସବ କେନ୍ଦ୍ରାପଡା ସହରସ୍ଥ ମିରପାଟଣାସ୍ଥିତ ବାସଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମାଜସେବୀ ପ୍ରଦିପ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ଡା. ବିଶ୍ୱ ପ୍ରକାଶ କାନୁନଗୋ, ଡା. ନାରାୟଣ ସାହୁ, ଡା. ସ୍ନେହଲତା କାନୁନଗୋ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଭାଗିରଥୀ ଜେନା, ପ୍ରଫୁଲ୍ଲ ଦାସ, ଅବନ୍ତୀ ବେହେରା, ରଣଧୀର ଜେନା, ଗୋଲେଖ ପଢିଆରୀ ପ୍ରମୁଖ ଶତାଧରକ ବ୍ୟକ୍ତି ଯୋଗଦେଇ ଜଣେ ବିଶିଷ୍ଟ ଚିକିତ୍ସକ ତଥା ସମାଜସେବୀ ଡା. ଅଲେଖ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ତାଙ୍କ ନିଶୁଳ୍କ ସେବାହିଁ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଡାକ୍ତର ଦାସଙ୍କ ପରି ଅନ୍ୟ ଡାକ୍ତରମାନେ ସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ରାମ ମନ୍ଦିର ଚାନ୍ଦା ପ୍ରସଙ୍ଗକୁ ନେଇ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ଖୋର୍ଦ୍ଧା, ୧୭।୭ :(ମନ୍ଥନ)ଭଗବାନ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଦେଶବ୍ୟାପୀ ଭାବେ ସଂଗ୍ରହ କରାଯାଇଥିବା ଚାନ୍ଦା ଓ ଭେଟିର ପରିଚାଳନାକୁ ନେଇ ଦେଶରେ ଉଠିଥିବା ବିବାଦ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ କେନ୍ଦ୍ର ସରକାର, ବିଜେପି ଓ ଆର.ଏସ.ଏସ କୁ କଡ଼ା ସମାଲୋଚନା କରାଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଶ୍ରୀରାମଙ୍କ ନାମରେ ଲୋକଙ୍କଠାରୁ ସଂଗ୍ରହ କରାଯାଇଥିବା ଭେଟି ଓ ଦାନର ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏହା କେବଳ ଏକ ଆର୍ଥିକ ଅନିୟମିତତାର ପ୍ରସଙ୍ଗ ନୁହେଁ, ବରଂ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଏକ ସମ୍ବେଦନଶୀଳ ବିଷୟ ବୋଲି କଂଗ୍ରେସ ମତ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ କହିଥିଲେ ଯେ, ଯଦି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠନ କରାଯାଇଥିଲା, ତେବେ ବର୍ତ୍ତମାନ ଉଠିଥିବା ଅଭିଯୋଗ ପାଇଁ ଦାୟୀ କିଏ? ସବୁକିଛି ସ୍ୱଚ୍ଛ ଥିଲେ ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା କାହିଁକି ଗ୍ରହଣ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଯଦି କୌଣସି ଅନିୟମିତତା ହୋଇନାହିଁ, ତେବେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ କରାଇବାକୁ ସରକାର କାହିଁକି ଏଡ଼ାଇ ଚାଲିଛନ୍ତି ବୋଲି ସେ ପଚାରିଥିଲେ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଭଗବାନ ଶ୍ରୀରାମ କେବଳ ଏକ ଧାର୍ମିକ ପ୍ରତୀକ ନୁହନ୍ତି; ସେ ନ୍ୟାୟ, ସତ୍ୟ, ନୈତିକତା ଓ ମର୍ଯ୍ୟାଦାର ପ୍ରତୀକ। ତାଙ୍କ ନାମରେ ଦେଶର ଗରିବ ପରିବାର, ଚାଷୀ, ଶ୍ରମିକ, ମହିଳା ଓ ସାଧାରଣ ଭକ୍ତମାନେ ନିଜ କଷ୍ଟାର୍ଜିତ ଅର୍ଥ, ସୁନାଗହଣା ଓ ଅନ୍ୟାନ୍ୟ ଦାନ ସାମଗ୍ରୀ ଅର୍ପଣ କରିଥିଲେ। ତିନି ଦଶନ୍ଧି ଧରି ବିଜେପି, ଆର.ଏସ.ଏସ, ବିଶ୍ୱ ହିନ୍ଦୁ ପରିଷଦ ଓ ସଂଘ ପରିବାରର ବିଭିନ୍ନ ସଂଗଠନ ରାମ ମନ୍ଦିର ଆନ୍‌ଦୋଳନକୁ ଆଧାର କରି ଚାନ୍ଦା ସଂଗ୍ରହ କରିଥିଲେ ଏବଂ ସେହି ଆନ୍‌ଦୋଳନ ଉପରେ ନିଜର ରାଜନୈତିକ ଭିତ୍ତି ମଜବୁତ କରିଥିଲେ। ଏଭଳି ସ୍ଥିତିରେ ଆଜି ଶ୍ରଦ୍ଧାଳୁମାନଙ୍କ ମନରେ ସଂଗ୍ରହ କରାଯାଇଥିବା ଅର୍ଥର ସ୍ୱଚ୍ଛ ପରିଚାଳନାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି କଂଗ୍ରେସ ଦାବି କରିଛି। ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି ଯେ, ଏହି ପ୍ରସଙ୍ଗ କେବଳ ଆର୍ଥିକ ଅନିୟମିତତାରେ ସୀମିତ ନୁହେଁ, ବରଂ କୋଟି, କୋଟି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ସହ ଜଡ଼ିତ। ଟ୍ରଷ୍ଟର କେତେକ ବରିଷ୍ଠ ପଦାଧିକାରୀଙ୍କ ଇସ୍ତଫା ଘଟଣା ଅଧିକ ସନ୍ଦେହ ସୃଷ୍ଟି କରୁଛି। ସମ୍ପୂର୍ଣ୍ଣ ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ନୀରବତା ମଧ୍ୟ ଅନେକ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରଶ୍ନ କରିଛି ଯେ, ଟ୍ରଷ୍ଟ ସହ ଜଡ଼ିତ ବରିଷ୍ଠ ବ୍ୟକ୍ତିମାନଙ୍କ ନାମ ସାମ୍ନାକୁ ଆସିଥିବା ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ କେବଳ କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ ସୀମିତ ରହିଛି। 'ଡବଲ୍ ଇଞ୍ଜିନ୍ ସରକାର' କଣ ଦୋଷୀ ମାନଙ୍କୁ ଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଦଳ ପ୍ରଶ୍ନ କରିବା ସହିତ, ସତ୍ୟ ପଦାକୁ ଆସିବା ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନିରପେକ୍ଷ ତଦନ୍ତ ଅନିବାର୍ଯ୍ୟ ବୋଲି ଦାବି କରିଛି। କଂଗ୍ରେସ ନେତାମାନେ କହିଛନ୍ତି ଯେ, ଧର୍ମ ଓ ଲୋକଙ୍କ ଆସ୍ଥାକୁ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯିବା ଗଣତନ୍ତ୍ର ଓ ସାମାଜିକ ମୂଲ୍ୟବୋଧ ପାଇଁ କ୍ଷତିକାରକ। ତେଣୁ ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ସଭାପତି ତାପସ ମିଶ୍ର, ନଗର ସଭାପତି ରଣଜିତ ମହାପାତ୍ର, ବରିଷ୍ଠ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡ଼ା, ଅଶୋକ ମଙ୍ଗରାଜ ଏବଂ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବନ୍ଦର ନଗରୀ ପାରାଦୀପରେ ବେଆଇନ ଭାରୀଯାନ ପାର୍କିଙ୍ଗ ଯୋଗୁ ବଢ଼ି ଚାଲିଛି ଦୁର୍ଘଟଣା



ପାରାଦୀପ ,୧୭।୭ :(ମନ୍ଥନ)ବନ୍ଦର ନଗରୀ ପାରାଦୀପରେ ଟ୍ରାଫିକ ଅବ୍ୟବସ୍ଥା ଲାଗି ରହିଥିବା ଯୋଗୁ ସହରର ବିଭିନ୍ନ ମୁଖ୍ୟ ରାସ୍ତା ଗୁଡ଼ିକରେ ଛୋଟ ବଡ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହେବା ଏକ ପ୍ରଥାରେ ପରିଣତ ହେଇ ଗଲଣି । ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଲାଗି ରହୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାରାଦୀପ ଆଦର୍ଶ ଥାନା ସମ୍ମୁଖରେ ଥିବା ଗୋଲେଇ ଛକ ମରଣ ଜନ୍ତା ପାଲଟି ଥିଲାବେଳେ ପ୍ରଶାସନ ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ପରିତାପର ବିଷୟ । ଏହି ଛକ ଦେଇ ଯାଇଥିବା ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ରାସ୍ତାର ଅବସ୍ଥା ଠାରୁ ବଳି ଯାଇଛି ଟ୍ରାଫିକ ସମସ୍ୟା । ଏହି ରାସ୍ତା (ଚାରି ଛକ)ରେ ସ୍କୁଲ, କଲେଜ, ବନ୍ଦର ଚିକିତ୍ସାଳୟ, ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ ସମେତ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗ ଟର୍ମିନାଲ (ପିଆଇସିଟି) ରେ ନିୟୋଜିତ ବିଭିନ୍ନ ପଣ୍ୟବାହୀ ଭାରୀଯାନ ଗୁଡ଼ିକ ବେସ ଚଳ ଚଞ୍ଚଳ ରହିଥାଏ । ଏପରିକି ଏହି ରାସ୍ତା ଆଇଓ ସିଏଲ, ପିପିଏଲ ଫାଟକ ସହିତ ସଂଯୋଗୀକରଣ ଥିଲାବେଳେ ସିଧାସଳଖ ଜେଏସଡବ୍ଲ୍ୟୁ ପ୍ରକଳ୍ପ ସହିତ ସଂଯୋଗୀ କରଣ ରହି ଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଚଳଚଞ୍ଚଳ ରହିଥାଏ । ହେଲେ ଏହି ଛକରେ ନାଁ ଅଛି ଟ୍ରାଫିକ ନିୟନ୍ତ୍ରଣ ନାଁ ଅଛି ସ୍ପିଡ଼ ବ୍ରେକର । ଅପରପକ୍ଷେ ଭାରୀଯାନ ଦ୍ରୁତ ଗତିରେ ଯିବା ଆସିବା କରୁଥିବାବେଳେ କେତେବେଳେ ଗୋଲେଇ ଛକରେ ଦୃଘଟଣା ଘଟାଉ ଛନ୍ତିତ ଆଉ କେତେବେଳେ ଛକ ରେ ଥିବା ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଥିବା ଛକରେ ଦୃଘଟଣା ଘଟି ଅନେକ କ୍ଷୟକ୍ଷତି କମିବାର ନାଁ ଧରୁନି । କିଏ ବେଆଇନ ଭାବେ ଖୁଲମ ଖୁଲା ବେଆଇନ ପାର୍କିଙ୍ଗ କଲାଣିତ ଆଉକିଏ ବେପରୁଆ ଭାବେ ଗଡି ଚାଲଣା ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଆହୁରି ମଧ୍ୟ ପିଆଇସିଟି କୁ ପଣ୍ୟ ପରିବହନ କରୁଥିବା ଟ୍ରେଲର ବେଆଇନ ଭାବେ ଦିନ ଦିନ ଧରି ରାସ୍ତାକୁ ମାଡିବସି ପାର୍କିଂ କରି ରହୁଥିବା କାରଣରୁ ଦୃଘଟଣାକୁ ବଢ଼ାଇ ଦେଇଛି । ଯାହାକୁ ନେଇ ସାଧାରଣରେ ଅଶାନ୍ତି ସୃଷ୍ଟି ହେଉଥିଲାବେଳେ ପୋଲିସର ନାକ,ନିଶ ତଳେ ଭାରିଯାନ ଗୁଡ଼ିକ ଏଭଳି ବେଧଡକ ପାର୍କିଂ କରି ରହୁଥିବା ସତ୍ୱେ ସେମାନଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ ନକରିବା ଘଟଣାକୁ ସଙ୍ଗୀନ କରି ଦେଇଛି । ଏଠାରେ କହିବା ବାହୁଲ୍ୟ ଯେ, ପାରାଦୀପ ଆଦର୍ଶ ଥାନା ସମ୍ମୁଖ ଗୋଲେଇ ଛକ ବାଟ ଦେଇ ବନ୍ଦର ନିଷିଦ୍ଧାଞ୍ଚଳ ୪ ନମ୍ବର ଫାଟକ ଭିତରକୁ ବନ୍ଦର ସମେତ ବିଭିନ୍ନ କମ୍ପାନୀର କର୍ମଚାରୀ ଓ ଶ୍ରମିକ ମାନେ ନୈଦିନ ତିନି ସିପ୍ଟରେ ଯାତାୟତ କରୁଥିବା ବେଳେ ପାରାଦୀପ ବସ ଷ୍ଟାଣ୍ଡ, ଶାରଳା ମନ୍ଦିର, ହନୁମାନ ମନ୍ଦିର, ମେରାଇନ ଡ୍ରାଇଭ, ଓ ସହରର ମୁଖ୍ୟ ମାର୍କେଟ ବଡପଡ଼ିଆକୁ ସ୍ଥାନୀୟ ଜନସାଧାରଣଙ୍କ ସମେତ ସହରର ଆଖ ପାଖ ଲୋକେ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ଏଭଳି ସମ୍ବେଦନଶିଳ ଛକରେ ସମ୍ଭାବ୍ୟ ଦୁର୍ଘଟଣା ରୋକିବା ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଏହି ଚାରିଛକର ମଧ୍ୟ ସ୍ଥଳୀରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୋଲାକାର ଟ୍ରାଫିକ ପଏଣ୍ଟ କରାଯାଇଛି । ହେଲେ ସ୍ଥାନୀୟ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସେଠାରେ ଟ୍ରାଫିକ ପୋଲିସ ମୁତୟନ କରିବା ତ ଦୂରର କଥା ବରଂ ଉକ୍ତ ଛକ ନିକଟରେ ବେଆଇନ ପାର୍କିଂ କରୁଥିବା ଭାରୀଯାନ ଗୁଡ଼ିକ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯାହା ଫଳରେ ଉକ୍ତ ଛକରେ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଖାଲି ଯେ ଧନ ଜୀବନ ହାନି ଘଟି ଚାଲିଛି ତା ନୁହେଁ ବରଂ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଲାଗି ରହିବା ହେତୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ସ୍ୱରୂପ ଉକ୍ତ ଛକ ଚାରି ପାର୍ଶ୍ୱରେ ହମ୍ପସ ନିର୍ମାଣ କରିବା ସହିତ ବେଆଇନ ଭାରୀଯାନ ପାର୍କିଂ ହଟେଇ ବା ନିମନ୍ତେ ପାରାଦୀପର ଅଗ୍ରଣୀ ପରିବେଶ ଧର୍ମୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ସହିତ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ବାରମ୍ବାର ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବନ୍ଦର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସେଥିପ୍ରତି ନଜର ଅନ୍ଦାଜ କରି ଚାଲିଛନ୍ତି,ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ଏ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ କେତେ ବେଳେ ଯେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବ କିଏବା କହିବ ।



# ୨୨ ବର୍ଷ ପରେ ବାଣପୁରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ରଥଯାତ୍ରା

**ଯାଜପୁର,୧୭।୭ :(ମନ୍ଥନ)**ଯାଜପୁର ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ପଂଚାୟତ ବାଣପୁର ଗାଁରେ ଦୀର୍ଘ ୨୨ ବର୍ଷ ପରେ ଆରମ୍ଭ ହୋଇଛି ଘୋଷଯାତ୍ରା । ରଥଯାତ୍ରା କମିଟି ର ଆହ୍ୱାନକ୍ରମେ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ରଥଯାତ୍ରା ବେଶ ଶାନ୍ତି ଶୃଙ୍ଖଳା ସହିତ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଧନେଶ୍ୱର ତ୍ରିପାଠୀ ଓ ସହଯୋଗୀମାନେ ସକାଳୁ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀ



ଜୀଉଙ୍କୁ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରଥାରୁଢ଼ କରାଯାଇ ରଥଟଣା କାର୍ଯ୍ୟ କରାଯାଇଥିଲା। କମିଟିର ସମ୍ପାଦକ କୁଳମଣି ନାୟକଙ୍କ ତତ୍ୱାବଧାନରେ ସତ୍ୟରଞ୍ଜନ ଅଧିକାରୀ ଯୋଗ ଦେଇ ରଥ ଦାଣ୍ଡରେ ଝାଡୁ ଧରି ଛେରାପହଁରା କରିଥିଲେ। ପରେ ସୁପ୍ରସିଦ୍ଧ ଘଣ୍ଟୁଆ ସଂଘ ଓ ସଂକୀର୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତନ ପରିବେଷଣ କରାଯାଇ ରଥଟଣା କାର୍ଯ୍ୟ କରାଯାଇଥିଲା। ଘଂଟଘଂଟା ହୁଳୁହୁଳି ରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଥିଲା। ପ୍ରଥମ ଥର ପାଇଁ ଗ୍ରାମରେ ରଥଯାତ୍ରା ଆୟୋଜିତ ହୋଇଥିବାରୁ ସମସ୍ତଙ୍କ ମନ ରେ ଉତ୍ସାହ ପ୍ରକାଶ ପାଇଥିଲା। ଏହି ରଥଯାତ୍ରାରେ ବିଚିତ୍ରପୁର, ନୂଆଗୋବିନ୍ଦପୁର, ନାଖୁଆପାଳ, ଅବଦଲପୁର ସମେତ ଆଖପାଖ ଅଂଚଳର ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ନୈବେଦ୍ୟ ଅର୍ପଣ କରିଥିଲେ। ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପାଦନ କରିବା ପାଇଁ ମନ୍ଦିର ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଗ୍ରାମବାସୀ



**ଯାଜପୁର,୧୭।୭ :(ମନ୍ଥନ)**ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଗ୍ରାମବାସୀ। ଯାଜପୁର ଜ଼ିଲ୍ଲା ଦଶରଥପୁରବ୍ଲକ ମଲ୍ଲୀକାପୁର ପଂଚାୟତ ମହାନ୍ତିପଟଣା ଗ୍ରାମରେ ଯାଜପୁର ଜ଼ିଲ୍ଲା ପ୍ରଶାସନ ଏକ ବିଦେଶୀ ମଦ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏହାକୁ ତୀବ୍ର ବିରୋଧ କରି ଆଜି ଗ୍ରାମର ଶହସ୍ରାଧିକ ମହିଳା ପୁରୁଷଙ୍କ ସମେତ ବୁଦ୍ଧିଜୀବି ଯାଜପୁର ଜିଲ୍ଲପାଳ ଅଫିସ ଘେରାଉ କରିବା ସହ ପ୍ରଶାସନ ସହ ଆଲୋଚନା କରିଛନ୍ତି। ଏଜି ପ୍ରସ୍ତାବିତ ମଦ ଦୋକାନ ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ସେଠାରେ ଏକ ପିଇବା ପାଣି କାରଖାନା, ଅଳ୍ପ ଦୂରରେ ଗ୍ରାମର ଶ୍ମଶାନ, ଗାଧୋଇବା ସ୍ନାନ ଘାଟ ରହିଥିବା ସହ ଏହି ରାସ୍ତା ଦେଇ ଦୈନିକ ଛାତ୍ରଛାତ୍ରୀମାନେ ଆଦର୍ଶ ବିଦ୍ୟାଳୟ ଏବଂ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟକୁ ଯାଇଥାନ୍ତି। ଗମନା ଗମନର ରାସ୍ତା ହୋଇଥିବାରୁ ଏଠାରେ ମଦ ଦୋକାନ ଖୋଲାଗଲେ ଆବାଳବୃଦ୍ଧବନିତା ସମସ୍ତ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହି ଠାରେ ପ୍ରସ୍ତାବିତ ମଦ ଦୋକାନ ନଖୋଲିବା ନିମନ୍ତେ ଗ୍ରାମବାସୀ ମାନେ ଜ଼ିଲ୍ଲା ପ୍ରଶାସନ ଓ ଜ଼ିଲ୍ଲା ଅବକାରୀ ବିଭାଗ ନିକଟରେ ପୂର୍ବରୁ ମଧ ଲିଖିତ ଦାବି କରିଥିଲେ ମଧ କୌଣସି ସୁଫଳ ନମିଳିବାରୁ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି ଗ୍ରାମବାସୀ। ଆଗାମୀ ଦିନରେ ଏହାକୁ ବନ୍ଦ ବା ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଶରଧା ବାଲିରେ ପହଞ୍ଚିଲା ତିନି ରଥ

**ଜଗତସିଂହପୁର,୧୭।୭ :(ମନ୍ଥନ)**ଆଜି ପୁରୀରେ ବଡ ଦାଣ୍ଡରେ ଅଟକି ରହିଥିବା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ମହା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଟଣା କାର୍ଯ୍ୟ ସକାଳ ୧୦ଟାରେ ଆରମ୍ଭ କରାଯଇଥିଲା ଯାଇଥିଲା । ପ୍ରଥମେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜରଥକୁ କଡା ସୁରକ୍ଷାବଳୟ ମଧ୍ୟରେ ଟାଣାଯାଇ ଥିବା ବେଳେ ପରେ ଭଉଣୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟଣା ଯାଇଥିଲା । ସାରା ବଡଦାଣ୍ଡ ହଜାର ହଜାର ଭକ୍ତଙ୍କ ସମାଗମରେ ଉଛୁଳି ପଡୁଥିଲା। ଜୟ ଜଗନ୍ନାଥ ଧ୍ୱନିରେ ବଡ଼ ଦାଣ୍ଡ ପ୍ରକମ୍ପିତ ହେଉଥିବା ବେଳେ ହରିବୋଲ ହୁଳହୁଳି ଧ୍ୱନିରେ ଆଧ୍ୟାତ୍ମିକ ମୟ ହୋଇଯାଇଥିଲା ।ହଜାର ହଜାର ଶ୍ରଦ୍ଧାଳୁ ରଥ ଦଉଡିଟିକେ ଛୁଇଁବା ସହ ନିଜର ମାନସ୍କାମନା ପୂରଣ ପାଇଁ ମହା ପ୍ରଭୁଙ୍କ ଆଗରେ ଗୁହାରୀ କରୁଥିଲେ । ସେବାୟତଙ୍କ ସହଯୋଗରେ ସମସ୍ତ ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟ ଶରଧା ବାଲିରେ ପହଞ୍ଚିଛି । ଆସନ୍ତା କାଲି ଜନ୍ମବେଦୀକୁ ବିଜେ ହେବେ ଚତୁର୍ଦ୍ଧା ମୂରତି ଓ ଆଡପ ଅବଢା ମିଳିବ ବୋଲି ଜଣା ପଡିଛି। ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳା ରକ୍ଷା ପାଇଁ ସୁବ୍ୟବସ୍ଥା।କରାଯାଇଥିଲା।

# କୋଇଡା ପ୍ରେସ କ୍ଲବ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ

**କୋଇଡା, ୧୭।୭ :(ମନ୍ଥନ)**ପରିବେଶ ସୁରକ୍ଷା ଓ ସବୁଜିମାର ପ୍ରସାର ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କୋଇଡା ପ୍ରେସ କ୍ଲବ ଆନୁକୂଲ୍ୟରେ ବନ ମହୋତ୍ସବ ସଫଳତାର ସହ ସ୍ଥାନୀୟ ପଞ୍ଚସଖା ଶିଶୁ ଉଦ୍ୟାନ କୋଇଡା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ କୋଇଡା ତହସିଲ କାର୍ଯାଳୟ ର ତହସିଲଦାର ଚିନ୍ମୟ ଦାସ, କୋଇଡା ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ,କୋଇଡା ପଞ୍ଚାୟତ ସରପଞ୍ଚ ହୃଷିକେଶ ଦେହୁରୀ, କୋଇଡା ବନବିଭାଗ ବିଭାଗ ର ବନପାଳ ସେନାପତି ପାତ୍ର,କୋଇଡା କଲେଜ ଇତିହାସ ବିଭାଗ ର ଅଧାପକ ପ୍ରଦୀପ୍ତ ପଟନାୟକ, ପ୍ରଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ସାମ୍ପ୍ରତିକ ପରିସ୍ଥିତି ରେ କୋଇଡା ଅଂଚଳ ରେ ଖଣି ଏବଂ କଳକାରଖାନା ଗଢି ଉଠିଥିବା ଯୋଗୁ ବ୍ୟାପକ ପରିମାଣ ର ବୃକ୍ଷ କଟା ଯିବା ଦ୍ୱାରା ଏହାର କୁ ପ୍ରଭାବ ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷ ରୋପଣ



କରିବା ।ଜନସାଧାରଣ ମାନଂକୁ ଅଂଚଳ ରେ ବ୍ୟାପକ ପରିମାଣ ରେ ବୃକ୍ଷ ରୋପଣ କରିବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦେଶ୍ୟ ବୋଲି କୋଇଡା ପ୍ରେସ କ୍ଲବ ର ସଭାପତି ସଂଗ୍ରାମ କେଶରୀ ନାୟକ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ କୋଇଡା ଏବଂ ଏହାର ଆଖ ପାଖ ଅଂଚଳ ରେ ଜାରି ରହିବ ବୋଲି କୋଇଡା ପ୍ରେସ କ୍ଲବ ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମ ଆୟୋଜନ ରେ ସମ୍ପାଦକ ବିଜୟ ନନ୍ଦ ଜେନା, ଙ୍କ ସମେତ ସମ୍ବିତ ଜେନା,ସୌମ୍ୟ ନାରାୟଣ ମହାନ୍ତି, ବିଜୟ ଦାସ, ଗଗନ ବେହେରା,ରଶ୍ମି ରଣା, ସରସ୍ୱତୀ ଟିଉ, ମିଲୁ ବେହେରା ଏବଂ ସମସ୍ତ ସଭ୍ୟ ସଭ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# କୋଇଡ଼ା ଲ୍ୟାମ୍ପସର ନୂଆ ପ୍ରୟାସ

**କୋଇଡ଼ା,୧୭।୭ :(ମନ୍ଥନ)** ସମବାୟ କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ମଡେଲ କୋଇଡ଼ା ଲ୍ୟାମ୍ପ୍ସ ପକ୍ଷରୁ 'ନାଫେଡ୍ ବଜାର'ର ଶୁଭାରମ୍ଭ ହୋଇଯାଇଛି. ।ପୂର୍ବରୁ କୃଷି ଋଣ ଓ ଧାନ ସଂଗ୍ରହରେ ସୀମିତ ଥିବା ଏହି ଲ୍ୟାମ୍ପ୍ସ ଏବେ ବ୍ୟବସାୟିକ ବିବିଧକରଣ ଆପଣେଇଛି । ଗ୍ରାମାଞ୍ଚଳର ଚାଷୀ ଓ ଖାଉଟିଙ୍କୁ ସୁଦ୍ଧ, ଭେଜାଲମୁକ୍ତ ଏବଂ ଗୁଣବତ୍ତାସମ୍ପନ୍ନ ଖାଦ୍ୟ ସାମଗ୍ରୀ ଯୋଗାଇବା ଏହି ବଜାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୋଡେଲ ଲ୍ୟାମ୍ପ୍ସ ସଭାପତି ସନ୍ଧ୍ୟାରାଣୀ ନାଏକ ପ୍ରକାଶ କରିଛନ୍ତି. । କୋଇଡ଼ାବାସୀ କୁ ଉପକୃତ କରାଉଥିବା ଏହି ମଡେଲ ଲ୍ୟାମ୍ପ୍ସ' ପୂର୍ବରୁ ଜାନୁୟାରୀ ମାସ ରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଓ ଏବେ 'ନାଫେଡ୍ ବଜାର' ପ୍ରତିଷ୍ଠା କରାଇଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ARCS - ମହୋଦୟ ଅଜୟ କୁମାର ସେଠି ,DRCS(ଡେପୁଟି ରେଜିଷ୍ଟ୍ରାର କୋରପୋରେଟ ସୋସାଇଟି )ମୋହଦୟଳ ରଶ୍ମିଲତା ବେହେରା , ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ହିସାବ ରଖକ ନିରଞ୍ଜନ ମାଝୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଆଉଟଲେଟ୍‌ରେ ଅଟା, ହରଡ଼ ଡାଲି, ସୋରିଷ ତେଲ ଏବଂ ଚା' ଭଳି ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ମିଳିତ ଚିନ୍ତାଧାରା ଲ୍ୟାମ୍ପ୍ସକୁ ଆର୍ଥିକ ଭାବେ ସୁଦୃଢ଼ କରିବା ସହ ଆଞ୍ଚଳିକ ଗ୍ରାହକଙ୍କୁ ବେଶ୍ ଲାଭବାନ କରିବ ।

# ଆଧ୍ୟାତ୍ମିକ ପରିବେଶରେ ପାରାଦୀପ ଇଫକୋରେ ବାର୍ଷିକ ରଥଯାତ୍ରା ପାଳିତ

**ପାରାଦୀପ, ୧୭।୭ :(ମନ୍ଥନ)** ଆଧ୍ୟାତ୍ମିକ ପରିବେଶରେ ପାରାଦୀପ ଇଫକୋ ୟୁନିଟ ପରିସରରେ ବାର୍ଷିକ ରଥଯାତ୍ରା ଉତ୍ସାହର ସହ ଗୁରୁବାର ଦିନ ପାଳିତ ହୋଇଯାଇଛି । ଏଥିରେ ଇଫକୋ କର୍ମଚାରୀ ଓ ସେମାନଙ୍କ ପରିବାର ସମେତ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ କ୍ଷ ରଥରେ ଥିବା ସମବେତ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ। ଇଫକୋର ବିଭିନ୍ନ ବିଭାଗ ଏବଂ ଆଖପାଖ ଅଞ୍ଚଳର ଭକ୍ତମାନେ ପାରମ୍ପରିକ ଶୋଭାଯାତ୍ରା ରେ ଆସି ଅଂଶଗ୍ରହଣ କରିଥିଲେ । ଇଫକୋର ଅଧକ୍ଷ ଦିଲୀପ ସଂଘାନୀ, ଶ୍ରୀମତୀ ଗୀତା ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ, ଶ୍ରୀମତୀ ମମତା ପଟେଲ, ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର, ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସମେତ



ବିଶିଷ୍ଟ ବ୍ୟକ୍ତିମାନେ ପୂର୍ଣ୍ଣ ନିଷ୍ଠାର ସହିତ ଉତ୍ସବରେ ଅଂଶଗ୍ରହଣ କରି ସମାରୋହର ନେତୃତ୍ୱ ନେଇଥିଲେ ଏବଂ ସମସ୍ତଙ୍କର ଉତ୍ତରୋତ୍ତର କାମନା କରିଥିଲେ।ବାର ମାସରେ ତେର ପର୍ବକୁ ପାରାଦୀପ ଇଫକୋ ପାଳନ କରି ଆସୁଥିଲା ବେଳେ , ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କୁ ଆଧ୍ୟାତ୍ମିକ ପରିବେଶରେ ଭକ୍ତିର ସହିତ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି ନିୟମାନୁଯାଇ କୀର୍ତ୍ତନ ମଣ୍ଡଳୀ ସକ୍ରିୟ ଅଂଶଗ୍ରହଣ କରି ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ରାସ୍ତା ଅବରୋଧ ଯୋଗୁଁ ଡାକ୍ତରଖାନା ଯିବାକୁ ହନ୍ତସନ୍ତ ହେଲେ ରୋଗୀ

**ଯାଜପୁର,୧୭।୭ :(ମନ୍ଥନ)** ହଜିଯାଇଛି ମାନବିକତା, ନିଜର ପତିଆରା ଆଉ ଅନ୍ୟକୁ ହଇରାଣ ହରକତ କରିବାର ମାନସିକତା ରଖିଛନ୍ତି କିଛି ପ୍ରଭାବଶାଳୀ ଲୋକ। ଯାହାଫଳରେ ଅସମୟରେ ଡାକ୍ତରଖାନାକୁ ଯାଇପାରୁନାହାନ୍ତି ରୋଗୀ । ଏହିଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଯାଜପୁର ଟାଉନ ଥାନା ଅନ୍ତର୍ଗତ ସାନସୁଆର ଗ୍ରାମର ମିଶ୍ରସାହି ପୁରୁଣା ଦୁର୍ଗାମଣ୍ଡପ ପାଖରେ। ଅଭିଯୋଗରୁ ଜଣାପଡ଼ିଛି, ଗ୍ରାମର ଅଭିରାମ ମିଶ୍ରଙ୍କ ପତ୍ନୀ ଅନ୍ନପୂର୍ଣା ମିଶ୍ର ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଗୁରୁତର ହୋଇପଡ଼ିଲେ। ତୁରନ୍ତ ତାଙ୍କୁ ହସପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଡକାଗଲା । ତେବେ ଘର ପାଖକୁ ଆମ୍ବୁଲାନ୍ସ ଆସିପାରିଲାନାହିଁ, କାରଣ ଗ୍ରାମର କିଛି ଲୋକ ନିଜ ଘର ଆଗରେ ରହିଥିବା ରାସ୍ତାକୁ ଜବରଦଖଲ କରି ରାସ୍ତା ଉପରେ ଯାନବାହନ ରଖିଥିଲେ । ଶେଷରେ ବଡ କଷ୍ଟରେ ଆମ୍ବୁଲାନ୍ସ ଡ୍ରାଇଭର ଏବଂ ପରିବାର ଲୋକ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହିକି ଆମ୍ବୁଲାନ୍ସ ପାଖକୁ ନେଲେ, ଏହାପରେ ଯାଇ ତାଙ୍କୁ ଡାକ୍ତରଖାନା ନେବା ସମ୍ଭବ ହେଲା। ଆଉ ଟିକେ ବିଳମ୍ବ ହୋଇଥିଲେ ରୋଗୀଙ୍କ ଅବସ୍ଥା ଆହୁରି ଗୁରୁତର ହୋଇପଡ଼ିଥାନ୍ତା। ସୂଚନାଯୋଗ୍ୟ, ସଂପୃକ୍ତ ଲୋକମାନେ ଉଦ୍ଦେଶ୍ୟମୂଳକ ଭାବେ ରାସ୍ତା ଉପରେ ଅଟୋ, କାର ଆଦି ଯାନବାହନ ରଖୁଛନ୍ତି। କେବଳ ସେତିକି ନୁହେଁ, ବାଲି ବି ଗଦେଇକି ରଖୁଛନ୍ତି। ଯାହାଫଳରେ ସେହି ସାହିର ଶେଷଆଡ଼କୁ ଥିବା ଲୋକ ଏପାଖକୁ ଆସିଲାବେଳକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଦାବି ହେଉଛି ।

# ଖୁଜେନପାଲି, ବରକାନି ପଂଚାୟତ ରେ ଲୋକଙ୍କୁ ଭେଟିଲେ ନରସିଂହ

**ବଲାଙ୍ଗିର,୧୭।୭ :(ମନ୍ଥନ)**ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଖୁଜେନପାଲି ଓ ବରକାନି ପଂଚାୟତର ସାଧାରଣ ଲୋକ ଓ ପଂଚାୟତ ସ୍ତରୀୟ ନେତୃବୃନ୍ଦଙ୍କୁ ଭେଟି ଅଂଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ଏଠାରେ ଥିବା ପ୍ରାଇମେରି ହେଲ୍‌ଥ ସେଣ୍ଟରରେ ବହୁ ମାସରୁ ହେବ ଡାକ୍ତର ଅନୁପସ୍ଥିତ ରହୁଛନ୍ତି । ଫଳରେ ସାଧାରଣ ଜନତାଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ବଲାଙ୍ଗିର ଯାଇ ସେମାନେ ଖର୍ଚ୍ଚାନ୍ତ ହେଉଥିବାର ଲୋକେ ଅଭିଯୋଗ କରିଥିଲେ । ଠିକ୍ ସେହିପରି ଉଭୟ ପଂଚାତୟର ସମସ୍ତ ଗାଁ ରେ ଥିବା ଚଷୀମାନେ ସାରର ଅଭାବ ଓ ଯାହା କିଛି ବି ଆସୁଛି ତାର କଳାବଜାରି ହେଉଥିବାର ଅଭିଯୋଗ କରିଥିଲେ। ତା ସହ ସାର ଓ ବିହନ ରେଟ୍ ଏତେ ବଢିଛି ଯେ ଚଷୀମାନଙ୍କ ପାଖରେ ସାର କିଣିବା ପାଇଁ ଘୋର ଅସୁବିଧା ହେଉଛି । ତା ପୁଣି ଧାର୍ଯ୍ୟ ଦରରେ ନମିଳି ଅଧିକ ଦରରେ ଚଷୀକୁ ଦଲାଲମାନେ ବିକ୍ରି କରୁଛନ୍ତି । ଭଡାକଥା ଗାଁ ର ବେଣୁଧର ଭୁଏ ଅଭିଯୋଗ କରିଥିଲେ । ସେ ଚରି ପାଂଚ ମାସ ହେବ ଭତ୍ତା ପାଇପାରିନାହାନ୍ତି । ତାଙ୍କ ଭଳିଆ ଏ ଅଂଚଳର ଅନେକ ହିତାଧିକାରୀ ଟଙ୍କା ପାଉନଥିବାର ଅଭିଯୋଗ କରିଥିଲେ । ପିଇବା ପାଣି ସମସ୍ୟା ମଧ ବଢିଚାଲିଛି । ଦାବକାନି ଗାଁ ଲୋକେ ଦାବକାନି ସ୍କୁଲ ଠାରୁ ହରିଜନପଡା କୁ ଏକ ରାସ୍ତା ଦାବି କରିଥିଲେ । ତା ସହ ଅଇଁଲାଚୁଆ ତ୍ରିବେଣି ଛକଠାରୁ କସାବାହାଲ ଛକକୁ ରାସ୍ତା ନିର୍ମାଣ କୁ ନେଇ ପଦକ୍ଷେପ ନେବାକୁ



ନରସିଂହ ଙ୍କ ଆଗରେ ଦାବି କରିଥିଲେ । ଉଭୟ ପଂଚାୟତର ଅନେକ ଗାଁ ରେ ବିଜୁଳି ଖୁଣ୍ଟ ଥିଲେ ହେଁ ସେଥିରେ ବିଜୁଳିବତି ନ ଥିବା ଅନ୍ଧାରର ସୁଯୋଗ ନେଇ ଅସମାଜିକ ତତ୍ୱଙ୍କ ପ୍ରଦ୍ୟୁର୍ଭାବ ବଢୁଥିବାର ଲୋକେ ଅଭିଯୋଗ କରିଥିଲେ । ଖୁଜେନପାଲି ମୁଖ୍ୟ ରାସ୍ତାରେ ଡ୍ରେନ ନିର୍ମାଣ ସାଙ୍ଗକୁ ଖୁଜେନପାଲି ବଡବନ୍ଧ ଉନ୍ନତିକରଣ ନିହାତି ଦରକାର ବୋଲି ଲୋକେ ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣିବା ପରେ ଶ୍ରୀ ମିଶ୍ର ଏସବୁ ସମସ୍ୟାକୁ ନେଇ ଏକ ଚିଠି କରିବାକୁ ଲୋକଙ୍କୁ କହିବା ସହ ସମସ୍ୟା ସମ୍ବନ୍ଧୀୟ ସମସ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ କଥା ହୋଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜିର ଏହି ଆଲୋଚନା ସମୟରେ ବ୍ଲକ କଂଗ୍ରେସ ସଭାପତି ରାମପ୍ରସାଦ ମିଶ୍ର, ସରପଂଚ ବଳଦେବ ସାହୁ, ପୂର୍ବତନ ସରପଂଚ ସତ୍ୟବାନ ସାହୁ, ବିଭୁ ପ୍ରସାଦ ନାଏକ, ଅଜିତ ଷାଣ୍ଢ, ସୁରେଶ ସାହୁ, ରୋହିତ ତ୍ରିପାଠି, ସୁବନ ବାଗ, କାର୍ତ୍ତିକ ପଟେଲ, ରିଙ୍କୁ ନାଏକ ଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପିଙ୍କ ସ୍କାଇ କ୍ରେଚ (ଡେ କେୟାର ସେଣ୍ଟର) ଉଦ୍‌ଘାଟନ

**ବଲାଙ୍ଗିର,୧୭।୭ :(ମନ୍ଥନ)** ପବିତ୍ର ରଥଯାତ୍ରା ଅବସରରେ ବଲାଙ୍ଗିର ସହରରେ ପିଙ୍କ ସ୍କାଇ କ୍ରେଚ (ଡେ କେୟାର ସେଣ୍ଟର) ସିଭିଲ କୋର୍ଟ ପଛପଟେ ର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । କ୍ରେଚର ପ୍ରତିଷ୍ଠାତ୍ରୀ ଆଶା ଆର୍ଯ୍ୟାଙ୍କ ଉଦ୍ୟମରେ ସ୍ଥାପିତ ଏହି ଅନୁଷ୍ଠାନକୁ ପୌରାଧକ୍ଷା ଲିକା ସାହୁ ଫିତା କାଟି ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପୌର ପରିଷଦ ସଦସ୍ୟା ସରିତା ଦାଶ, ପ୍ରତିଷ୍ଠାତ୍ରୀଙ୍କ ପରିବାର ସଦସ୍ୟ, ବନ୍ଧୁବର୍ଗ ଓ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହି ଅନୁଷ୍ଠାନର ସଫଳତା। କାମନା କରିଥିଲେ । ଅତିଥିମାନେ କହିଥିଲେ ଯେ, କାର୍ଯ୍ୟରତ ଅଭିଭାବକଙ୍କ ପାଇଁ ଏଭଳି



ଏକ ଗୁଣାତ୍ମକ କ୍ରେଚ ସମୟର ଆବଶ୍ୟକତା ଥିଲା ଏବଂ ଏହା ଶିଶୁମାନଙ୍କର ସୁରକ୍ଷିତ ଯତ୍ନ ଓ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ । ପ୍ରତିଷ୍ଠାତ୍ରୀ ଆଶା କାର୍ଯ୍ୟା କହିଥିଲେ ଯେ, ପିଙ୍କ ସ୍କାଇ କ୍ରେଚ ମାଧ୍ୟମରେ ଶିଶୁମାନଙ୍କୁ ସୁରକ୍ଷିତ, ସ୍ନେହପୂର୍ଣ୍ଣ ଓ ଶିକ୍ଷଣ ଅନୁକୁଳ ପରିବେଶ ପ୍ରଦାନ କରିବା ସହ କାର୍ଯ୍ୟରତ ଅଭିଭାବକଙ୍କ ବିଶ୍ୱସ୍ତ ସହଯୋଗୀ ହେବା ଲକ୍ଷ୍ୟ ରହିଛି। ରଥଯାତ୍ରାର ପବିତ୍ର ଅବସରରେ ଏକ ନୂତନ ପଦକ୍ଷେପ କୁ ଉପସ୍ଥିତ ସମସ୍ତେ ସ୍ୱାଗତ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସ୍ମାଇଲ ଫର ଅଲ୍ ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଗାୟକ ବ୍ୟାସ ଗୁରୁ ଲକ୍ଷ୍ମୀଧର ଦାଶଙ୍କ ଜନ୍ମ ଉତ୍ସବ ପାଳିତ

**ଗୋପ,୧୭।୭ :(ମନ୍ଥନ)** ଭାରତୀୟ ଗୁରୁବାଦର ମହନୀୟ ପରମ୍ପରାକୁ ସମ୍ମାନ ଜଣାଇ ପବିତ୍ର ଶ୍ରୀଗୁଣ୍ଡିଚା ତିଥିରେ ଉତ୍କଳୀୟ ପାଲା ଜଗତର ଅନନ୍ୟ ସାଧକ, ସମୁଜ୍ଜ୍ୱଳିତ ପ୍ରତିଭା ଗାୟକ ବ୍ୟାସ, ଗାୟକ ଉତ୍କଳ ଶିରୋମଣି ପୂଜାସ୍ପଦ ଗୁରୁଦେବ ଲକ୍ଷ୍ମୀଧର ଦାଶଙ୍କ ଜନ୍ମୋତ୍ସବ ଓ ଗୁରୁପୂଜନ ଉତ୍ସବ କାର୍ଯ୍ୟକ୍ରମ ବିଶ୍ୱଶାନ୍ତି ସେବାଶ୍ରମ, କୋଣାର୍କ ପରିସରରେ ଗାୟକ ବ୍ୟାସ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ଶିଷ୍ୟ, ପ୍ରଶିଷ୍ୟ, ଶୁଭେଚ୍ଛୁ ଓ ଗୁଣୀ ଜ୍ଞାନୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଷ୍ୟ ପ୍ରଶିଷ୍ୟ ଙ୍କ ଦ୍ୱାରା ମହାନ ଆଡମ୍ବର ଓ ବିଧି ବିଧାନରେ ଗୁରୁ ଓ ଗୁରୁମା ' ଙ୍କ ପୂଜାର୍ଚ୍ଚନା ଏକ ଆଧ୍ୟାତ୍ମିକ ପରମ୍ପରା ସୃଷ୍ଟି କରିଥିଲା । ପରେପରେ ଆୟୋଜିତ ଗୁରୁବାଦ ସଭାରେ ଅତିଥି ଭାବରେ ରାଜ୍ୟ ପାଲା ଗାୟକ ପରିଷଦ ସାଧାରଣ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଅର୍କ ମଣ୍ଡଳ ପଲାଗାୟକ ପରିଷଦ ଉପଦେଷ୍ଟା ଗାୟକ ଲଳିତ ଉପେନ୍ଦ୍ର ନାଥ ବେହେରା, କଲିକତାରୁ ବାର୍ତ୍ତା ଯୋଗେ ଗୌରୀ ମଣ୍ଡଳର ସଭାପତି ଶିକ୍ଷାବିତ୍ ଗାୟକ ଉଲ୍ଲାସ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଗୁରୁବାଦ ସମ୍ପର୍କରେ ସୁନ୍ଦର ଆଲୋଚନା କରିବା ସହ ଗାୟକ ବ୍ୟାସଙ୍କ



ଜୀବନଚର୍ଯ୍ୟା ଓ ପ୍ରଥିତଯଶା ଗୁରୁହିଁ ଗାୟକ ଶିରୋମଣି ଲକ୍ଷ୍ମୀଧର ଦାଶ ସମ୍ପର୍କିତ ବଳିଷ୍ଠ ଆଲୋଚନା କରିଥିଲେ । ଏହି ଅବସରରେ ଗାୟକ ସୌରଭ ଗୋପାଳକୃଷ୍ଣ ଜେନା, ଗାୟକ ରାଜହଂସ ପ୍ରମୋଦ କୁମାର ସାହୁ, ଗାୟକ ସରସ୍ୱତୀ କୈଳାସ ଚନ୍ଦ୍ର ପାଣି, ବରିଷ୍ଠ ସହକର୍ମୀ ପୀତବାସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂଜ୍ୟପୂଜା ପରିଷଦର ସଭାପତି ଡଃ ଲମ୍ବୋଦର ବେହେରା ସଭାପତିୟ ଅଭିଭାଷଣ ରଖିଥିଲେ , ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ମଞ୍ଚ ସଂଯୋଜନା କରିଥିଲା ବେଳେ ସମ୍ପାଦକ ଗାୟକ ଅର୍କ ଗୌରବ ମଂଗରାଜ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଙ୍ଗୋର ବରପଦା ଗ୍ରାମର ମା ' ମାନେ ସଂକୀର୍ତ୍ତନ ପରିବେଷଣ କରିଥିଲା ବେଳେ ଗାୟକ ସୁଶାନ୍ତ କୁମାର ବେହେରା ଓ ଗଦାଧର ବେହେରା ପାଲା ପରିବେଷଣ କରିଥିଲେ ।ଏହି ପବିତ୍ର କାର୍ଯ୍ୟକ୍ରମକୁ ଆଶ୍ରମର ଅନ୍ତେବାସୀ ଗାୟକ ହରିହର ଜେନା, ପବିତ୍ର ମୋହନ ବାରିକ, ପ୍ରସନ୍ନ କୁମାର ବସ୍ତିଆ, ବାଉରୀବନ୍ଧୁ ସାହୁ, ନନ୍ଦ କିଶୋର ସେନାପତି, ଶିବ ପ୍ରସାଦ ଦାସ, ଅଜୟ କୁମାର ଦୀକ୍ଷିତ, ପ୍ରଫୁଲ୍ଲ କୁମାର ସାମନ୍ତରା, ବିଶ୍ୱଜିତ ପଣ୍ଡା, ବିମଳ ପ୍ରସାଦ ଦାଶ,ସଂଘମିତ୍ରା ବରାଳ, ବୀଣାପାଣି ବାରିକ, ପ୍ରକାଶ ଚନ୍ଦ୍ର ପାଗଳ, ରାମଚନ୍ଦ୍ର ପଣ୍ଡା, ଜମ୍ବେଶ୍ୱର ଓଝା, ସୁଶାନ୍ତ କୁମାର ସାହୁ, ଜମେଶ୍ୱର ରାଉତ, ବିଚିତ୍ରାନନ୍ଦ ତ୍ରିପାଠୀ, ବସନ୍ତ କୁମାର ମଙ୍ଗରାଜ, ତ୍ରିଲୋଚନ ନାୟକ, ବେଣୁଧର ବେହେରା, ଯୁଧିଷ୍ଠିର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଲକ୍ଷ୍ମୀପ୍ରିୟା ଦାଶ, ଅମରଜିତ ମହାନ୍ତି, ନୀଳକଣ୍ଠ ମହାନ୍ତି, କେଶବ ଚନ୍ଦ୍ର ରଥ, ଦୁର୍ଗାପ୍ରସାଦ ରଥ, ଭିକାରୀ ପୂଜାରୀ, ଗୋଦାବରୀଶ ମହାନ୍ତି, ରବୀନ୍ଦ୍ର ବାରିକ, ପ୍ରକାଶ ପ୍ରଧାନ, ଗୋବର୍ଦ୍ଧନ ବାରିକ, ଶ୍ୟାମ ସୁନ୍ଦର ନନ୍ଦୀ ଓ ଅଶୋକ କୁମାର ଦଳେଇ ପ୍ରମୁଖ ସହଯୋଗ କରିଥିଲେ ।


# ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା କମିଟି ଘୋଷିତ

**ଜଳେଶ୍ୱର,୧୭।୭ :(ମନ୍ଥନ)**ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଡ.ପ୍ରଦୀପ କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା କମିଟି ସଭାପତି ଖଗେନ୍ଦ୍ର କୁମାର ନାୟକଙ୍କ ଦ୍ୱାରା ଆଜି ଘୋଷଣା କରାଯାଇଛି ।ନୂତନ କମିଟିର ଉପସଭାପତି ରୂପେ ଶିବ ଶଙ୍କର ପ୍ରଧାନ,ହରିଶ ଚନ୍ଦ୍ର ପରିଡ଼ା, ପ୍ରଦୀପ କୁମାର କର,ତରଣୀ କାନ୍ତ ସେନାପତି, କିଶୋରାମ ମହାପାତ୍ର ଓ ରାଧା ବଲ୍ଲଭ ମଣ୍ଡଳ,ସାଧାରଣ ସମ୍ପାଦକ ରୂପେ ବରେନ୍ଦ୍ର ପାତ୍ର ଓ ଦୀନକୃଷ୍ଣ କୁଣ୍ଡୁ,ସମ୍ପାଦକ ରୂପେ ତୁଷାର ରଞ୍ଜନ ଦାସ,ବିଶ୍ୱରୂପ ଦାସ,ଆରତୀ ନାୟକ,କମଳ ଲୋଚନ ପାଲ,ଜଗନ୍ନାଥ ପାଇକରାୟ ଓ ଚାରୁ ଚନ୍ଦ୍ର ନନ୍ଦୀ, କୋଷାଧକ୍ଷ ରୂପେ ପ୍ରଦୀପ ମହାନ୍ତି,ସାମାଜିକ ଗଣମାଧ୍ୟମ ଦାୟିତ୍ୱ ପାଇଁ ଚିନ୍ମୟ ପ୍ରମାଣିକ,ଆଇ.ଟି.ସେଲ୍ ଦାୟିତ୍ୱ ପାଇଁ ଯୋଷବନ୍ତ ପ୍ରଧାନ,ମିଡିଆ ସେଲ୍ ଦାୟିତ୍ୱ ପାଇଁ ଦିବାକର ଖଟୁଆଙ୍କୁ ମନୋନୀତ କରାଯାଇଛି ।ସେହିପରି ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ରୂପେ ୧୫ ଜଣ ଓ ୧୯ ଟି ମଣ୍ଡଳ ସଭାପତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।ଏହି ନୂତନ ଜିଲ୍ଲା କମିଟି ଗଠନ ପାଇଁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ନାୟକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା,ଜଳେଶ୍ୱର ବିଜେପି ନେତା ବ୍ରଜ ମୋହନ ପ୍ରଧାନ,ବସ୍ତା ବିଜେପି ନେତା ରବୀନ୍ଦ୍ର ପଣ୍ଡା ଓ ଭୋଗରାଇ ବିଜେପି ନେତା ଆଶିଷ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୃଜନ

ଶନିବାର ୧୮ ଜୁଲାଇ, ୨୦୨୬, ଭୁବନେଶ୍ୱର

Friday 18, July,2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ରଥଯାତ୍ରା ଅଘଟଣ

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବଳ ଏକ ପର୍ବ ନୁହେଁ, ବରଂ ଏହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଭାବପ୍ରବଣତା, ଆଧ୍ୟାତ୍ମିକତା ଏବଂ ଗଭୀର ବିଶ୍ୱାସର ଏକ ମହାକୁମ୍ଭ ହୋଇଥିବାବେଳେ ପ୍ରତିବର୍ଷ ଏହି ମହାପାବନ ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଏବଂ ରଥଦଉଡି ଟିକିଏ ଛୁଇଁ ନିଜ ଜୀବନକୁ ଧନ୍ୟ କରିବା ପାଇଁ ପୁରୀ ବଡଦାଣ୍ଡରେ ଲକ୍ଷ ଲକ୍ଷ ଜନସମୁଦ୍ରର ଜୁଆର ଛୁଟିଥାଏ ଏବଂ ଏଭଳି ଏକ ଅଭୁତପୂର୍ବ ତଥା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥିତିରେ ପ୍ରଶାସନ ପକ୍ଷରୁ ସବୁ ପ୍ରକାରର ବ୍ୟବସ୍ଥା ଓ ସୁରକ୍ଷା ଯୋଗାଇ ଦିଆଯାଉଥିଲେ ମଧ୍ୟ କିଛି ଆକସ୍ମିକ ଘଟଣା ବା ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଏଡାଇବା ମାନବୀୟ ଶକ୍ତି ବାହାରେ ହୋଇପଡୁଥିବାରୁ ନିକଟରେ ରଥଯାତ୍ରା ସମୟରେ ଜଣେ ଶ୍ରଦ୍ଧାଳୁଙ୍କର ଅତ୍ୟଧିକ ଭିଡ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ଏହି ସମ୍ବେଦନଶୀଳ ବିଷୟକୁ ନେଇ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ମହିଳା ନେତ୍ର ସରକାର ଏବଂ ପ୍ରଶାସନକୁ ସବୁବେଳେ ବଦନାମ କରିବା ପାଇଁ ଏକ ସୁଯୋଗ ଭାବେ ବ୍ୟବହାର କରୁଥିବା ଦେଖାଯାଉଛି ଯାହାର ବାସ୍ତବରେ କୌଣସି ଯୁକ୍ତିଯୁକ୍ତି ମୂଲ୍ୟ ନାହିଁ। ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ରଥଯାତ୍ରା ଭଳି ଏକ ବିଶାଳ ଜନସମାଗମରେ ଯଦି କୌଣସି ଦୁର୍ଭାଗ୍ୟଜନକ ଦୁର୍ଘଟଣା ଘଟେ ତେବେ ତାହା ପାଇଁ ସରକାର ବା ପ୍ରଶାସନକୁ ସିଧାସଳଖ ଦାୟୀ କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅଯୌକ୍ତିକ ହୋଇଥିବାବେଳେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯିଏ ମଲେ ସରକାର କଣ ତାଙ୍କୁ ମାରି ଦେଲେ, ଯାହାର ଉତର ନିଶ୍ଚିତ ଭାବରେ ନା ଅଟେ କାରଣ ଶ୍ରଦ୍ଧାଳୁ ଜଣକ ବହୁତ ଭିଡ ଭିତରେ ରହିଯିବା ଏବଂ ଗରମ ତଥା ଉତେଜନା ଯୋଗୁଁ ଶ୍ୱାସ ରୁଦ୍ଧ ହେବା ହେତୁ ମୃତ୍ୟୁବରଣ କରିଛନ୍ତି ଯାହା ଏକ ପ୍ରାକୃତିକ ଓ ଆକସ୍ମିକ ସ୍ୱାସ୍ଥ୍ୟଗତ ସମସ୍ୟା ମାତ୍ର ଏବଂ ଏହା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କ ସହ ଘଟିପାରେ। ସରକାର କିମ୍ବା ପୋଲିସ ପ୍ରଶାସନ କେବେହେଲେ ଚାହାଁନ୍ତି ନାହିଁ ଯେ ଜଣେ ବି ଶ୍ରଦ୍ଧାଳୁ ସାମାନ୍ୟ ଆହତ ହୁଅନ୍ତୁ ବରଂ ପ୍ରଶାସନ ଦିନରାତି ଏକ କରି ଲୋକଙ୍କ ସେବା ଓ ସୁରକ୍ଷାରେ ନିୟୋଜିତ ଥାଏ ଯେଉଁଥିପାଇଁ ପ୍ରତିବର୍ଷ ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯାଇ ଶହ ଶହ ଅସ୍ଥାୟୀ ଶିବିର ପ୍ରତିଷ୍ଠା କରାଯାଏ, ଅତ୍ୟଧିକ ଗରମ ଓ ଗୁଳୁଗୁଳିରୁ ରକ୍ଷା କରିବା ପାଇଁ ଶ୍ରଦ୍ଧାଳୁଙ୍କ ଉପରକୁ ଥଣ୍ଡା ପାଣି ସ୍ପ୍ରେ କରାଯାଏ, ମାଗଣାରେ ଓଆରଏସ୍ ପାଣି ବଂଟନ କରାଯାଏ ଏବଂ ଜରୁରୀକାଳୀନ ସେବା ପାଇଁ ଗ୍ରୀନ୍ କରିଡର ସହ ବାଇକ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ରଖାଯାଇଥାଏ। ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ଯଦି କୌଣସି ଶ୍ରଦ୍ଧାଳୁଙ୍କର ପୂର୍ବରୁ ଥିବା କୌଣସି ରୋଗ ଯେପରିକି ହୃଦରୋଗ କିମ୍ବା ଆଜ୍‌ମା ଯୋଗୁଁ ଅଚାନକ ସ୍ୱାସ୍ଥ୍ୟବସ୍ଥା ବିଗିଡିଯାଏ ତେବେ ସେଥିରେ ସରକାରଙ୍କର କୌଣସି ଅବହେଳା ନଥାଏ ଏବଂ ରାଜନୈତିକ ଫାଇଦା ପାଇଁ ସରକାରଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତିମାନଙ୍କୁ ଗତ ୨୪ବର୍ଷ କିମ୍ବା ତା'ଠାରୁ ଅଧିକ ସମୟର ରଥଯାତ୍ରା ଇତିହାସ ବିଷୟରେ ଜଣାଇବା ଉଚିତ ଯେ ଅତୀତରେ ମଧ୍ୟ ରଥଯାତ୍ରା ସମୟରେ ଅତ୍ୟଧିକ ଗହଳି ଯୋଗୁଁ ଅନେକ ଥର ଶ୍ରଦ୍ଧାଳୁମାନଙ୍କର ଶ୍ୱାସରୁଦ୍ଧ ହୋଇ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ଘଟିଛି, ତେଣୁ କଣ ୨୪ବର୍ଷ ଭିତରେ କେହି ଆଉ ରଥ ସମୟରେ ମରିନାହାଁନ୍ତି ବୋଲି ପ୍ରଶ୍ନ କରିବା ସହ ଏଭଳି ଦୁଃଖଦ ଘଟଣା ପୂର୍ବ ସରକାର ଅମଳରେ ବି ଅନେକ ବାର ଘଟିଥିବାବେଳେ ସେତେବେଳେ ଏହାକୁ ନେଇ ଏଭଳି ସ୍ତରର ସସ୍ତା ରାଜନୀତି କରାଯାଉ ନଥିଲା କାରଣ ମୃତ୍ୟୁ ଏକ ଅପ୍ରିୟ ସତ୍ୟ ଏବଂ ଏଭଳି ମହାସମାଗମରେ ଆକସ୍ମିକ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟ କରିବା କୌଣସି ବି ଶାସନ କଳ ପାଇଁ ସମ୍ଭବପର ନୁହେଁ। ସମାଜରେ କିଛି ନିର୍ଦ୍ଦିଷ୍ଟ ଲୋକ ଅଛନ୍ତି, ଯେଉଁମାନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ସରକାରଙ୍କର ସବୁ ଭଲ କାମକୁ ନେଗେଟିଭ ଆଲୋକରେ ଦେଖାଇବା ଏବଂ ସେମାନେ କେବଳ ସରକାରଙ୍କୁ ସବୁବେଳେ ବଦନାମ କରିବା ପାଇଁ ଗୋଟିଏ ଗୋଟିଏ ବାଟ ଖୋଜୁଆନ୍ତି ଯାହାର ସମାଜରେ କୌଣସି ମୂଲ୍ୟ ନାହିଁ କାରଣ ଓଡିଶାର ଜନସାଧାରଣ ବହୁତ ସଚେତନ ଏବଂ ସେମାନେ ଜାଣନ୍ତି ଯେ ସରକାର କେତେ ନିଷ୍ଠାର ସହିତ ରଥଯାତ୍ରାର ପରିଚାଳନା କରୁଛନ୍ତି ।

# ମାନବବାଦ, ଲୋକଗୀତ ଓ ଶ୍ରୀଜଗନ୍ନାଥ

ବିକ୍ରମ ମହାପାତ୍ର

ଶ୍ରୀଜଗନ୍ନାଥ କେବଳ ନୁହନ୍ତି, ସମସ୍ତ ଦେବଦେବୀ ପୂଜାରେ ମାନବ ବାଦ ଅତି ପରିସ୍ଫୁଟ। ମଣିଷ ଜୀବନ ଦୁର୍ଲ୍ଲଭ ଏବଂ ମଣିଷ, ପଶୁ, ପକ୍ଷୀ, ତରୁଲତା ସମସ୍ତ ଜୀବ ସୃଷ୍ଟି ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି। ତହୁଁ ମଣିଷର ମଙ୍ଗଳ ବିଧାନ ମଣିଷର ସମସ୍ତ ସାମାଜିକ ଓ ଆଧାତ୍ମିକ ତତ୍ତ୍ୱର ମୂଳକେନ୍ଦ୍ର। ପ୍ରତିମା ପୂଜାରେ ଏହି ମାନବ ବାଦ ପ୍ରତିଫଳିତ। ମଣିଷ ମନ ଅନୁସାରେ ଦେବତା। ଭକ୍ତର ଯେଉଁ ରୂପରେ ଭଗବାନଙ୍କୁ ଦେଖିବା ଇଚ୍ଛା, ସେହି ରୂପରେ ଭଗବାନ ଆବିର୍ଭାବ ହୁଅନ୍ତି। ଭଗବାନ ମାନବ ରୂପରେ ଅବତାର ଗ୍ରହଣ କରିଛନ୍ତି। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ ଏହି ସମସ୍ତ ଅବତାର ମାନବର। ତେଣୁ ପ୍ରତିମା ପୂଜାରେ ଏହି ମଣିଷର ନାନା ଆଚାର, ବ୍ୟବହାର ପ୍ରତିଫଳିତ ହେବା ସ୍ୱାଭାବିକ।

ଓଡ଼ିଶାରେ ଭକ୍ତ ପରମ୍ପରା, ଭକ୍ତିବାଦ ଓ ଭକ୍ତ କବିଙ୍କର ଏକ ବଳିଷ୍ଠ ଧାରା ସ୍ରୋତସ୍ୱିନୀ ନଦୀ ପରି ପ୍ରବାହିତ। ସେଥିପାଇଁ ଓଡ଼ିଶାକୁ ଅତୀତରୁ 'ଦେବଭୂମି ଉତ୍କଳ' ବୋଲି ବହୁ କବି, ଭକ୍ତ ଓ ପଣ୍ଡିତ ସ୍ୱୀକାର କରିଯାଇଛନ୍ତି। ଏପରିକି ଇଂରେଜ ଯୁଗରେ ଆଲୋଚକମାନେ ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ଶହ ଶହ ମନ୍ଦିର ଦର୍ଶନ କରି ଏହାକୁ 'ମନ୍ଦିର ମାଳିନୀ ଓଡ଼ିଶା' ନାମରେ ନାମିତ କରିବାକୁ ଭୁଲି ନାହାନ୍ତି। ଏହି ଦୃଷ୍ଟିରୁ ବହୁ ସମାଲୋଚକ ଓଡ଼ିଶା ତଥା ଶ୍ରୀକ୍ଷେତ୍ର ବୈଦିକ ଯୁଗ ପୂର୍ବର ଏକ ପୁଣ୍ୟ ପୀଠ ବୋଲି ସ୍ୱୀକାର କରନ୍ତି। କାରଣ ତୈତିରୀୟ ଶ୍ରୁତି, ଋକବେଦ ଏବଂ ଅଥର୍ବ ବେଦରେ ଉଲ୍ଲେଖ କରାଯାଇଛି ଯେ -'ଆଦୌ ଯଦ୍ଦାରୁ ସିନ୍ଧୋଃପାରେ ଅପୁରୁଷମ୍, ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍।'ରଥ ତିନି, ରୂପ ତିନି ହେଲେ ମଧ୍ୟ ଗୋଟିଏ ରୂପ ସେ ଜଗନ୍ନାଥ, ଗୋଟିଏ ନାମ ସେ ଜଗନ୍ନାଥ। ସମସ୍ତଙ୍କୁ ବିମୋହିତ କରେ। ଚାରୋଟି ଦେବତା, ଚାରୋଟି ରୂପ, କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ। ଏହି ଚାରୋଟି ବର୍ଣ୍ଣ ଓ ବିଶ୍ୱର ସକଳ ମଣିଷ ମାନଙ୍କର ବର୍ଣ୍ଣ। ସତେ ଯେମିତି ସବୁ ଦେବତାଙ୍କ ଭିତରେ ସବୁ ମଣିଷ ମିଳିଯାଇଛନ୍ତି। ସମସ୍ତେ ଏକ ହୋଇଯାଇଛନ୍ତି। ଭେଦରେ ଅଭେଦ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ବାଣୀ-ମନ୍ତ୍ର। ମୂର୍ତ୍ତି ଚାରି, ଅଥଚ ସବୁ ସେଇ ଏକ ଜଗନ୍ନାଥ। ଚାରି ବର୍ଣ୍ଣରେ ଚଉବର୍ଗ ଦେବାକୁ ସେ ସମର୍ଥ। ସେ ଜଗତର ନାଥ ଜଗନ୍ନାଥ।

ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମହାକାରୁଣ୍ୟ। ତେଣୁ ସେ କରୁଣାସାଗର, କୃପାସିନ୍ଧୁ। ଶଙ୍କରାଚାର୍ଯ୍ୟ ହିଁ ସର୍ବ ପ୍ରଥମେ ଜଗନ୍ନାଥାଷ୍ଟକରେ ଜଗନ୍ନାଥଙ୍କର ମହିମାମୟ ବର୍ଣ୍ଣନା ସହିତ ରଥଯାତ୍ରାର ଚିତ୍ର ଦେଲେ। ସେ ଲେଖିଲେ - 'ରଥାରୂଢ଼ଗଚ୍ଛନ ପଥି ମିଳିତ ଭୂଦେନ ପଟ୍ଟଳୈଃ, ସ୍ତୁତି ପ୍ରାଦୁର୍ଭାବ ପ୍ରତିପଦ ମୁପାକର୍ଣ୍ଣେ ସଦୟଃ, ଦୟା ସିନ୍ଧୁର୍ବନ୍ଧୁଃ ସକଳ ଚରଣଂ ସିନ୍ଧୁସୁତୟୋ, ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ।'

ଜଗନ୍ନାଥ ଓଡ଼ିଆ ଜାତିର କୁଳଦେବତା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ମନ ପ୍ରାଣ ସମଗ୍ର ଚିନ୍ତା ଓ ଚେତନାରେ ଜଗନ୍ନାଥ ଆସ୍ଥାନ ଜମାଇ ରହିଛନ୍ତି। ତେଣୁ ଓଡ଼ିଶାର ଲୋକ ସଂସ୍କୃତି ଓ ଚଳଣିରୁ ସୃଷ୍ଟି ହୋଇଥିବା ଓଡ଼ିଆ ଲୋକଗୀତରୁ ସେ ବାଦ ପଡ଼ନ୍ତେ କେମିତି। ଓଡ଼ିଆ ଜନଜୀବନର ପ୍ରତିଟି ଅଂଶକୁ ଜଗନ୍ନାଥ କେମିତି ଛୁଇଁ ଯାଇଛନ୍ତି, ଓଡ଼ିଆର ଭାବନାର ପ୍ରତିଟି ପାଖୁଡ଼ାରେ ଜଗନ୍ନାଥ କେମତି ସଦା ବିଦ୍ୟମାନ, ଏସବୁ ଲୋକଗୀତ ତା'ର ଜୀବନ୍ତ ପ୍ରମାଣ। ଓଡ଼ିଶାର କୃଷି ଭିତ୍ତିକ ଜୀବନଶୈଳୀରେ ଆଷାଢ଼ ମାସରେ ହେଉଥିବା ରଥଯାତ୍ରାର ଅପୂର୍ବ ସଂପର୍କ ରହିଛି ଯେମିତି - 'ଆଷାଢ଼ ମାସରେ ଆଷାଢ଼ିଆ କୋଳି, ରଥେ ବିଜ କଲେ ବଳି ବାମନ ମଞ୍ଚରେ ହୁଳହୁଳି।' ଆକାଶରେ ମେଘକୁ ଦେଖି ଓଡ଼ିଆର ପ୍ରାଣ ଗାଇ ଉଠିଛି - 'ମେଘ କଲା ଘଡ଼ଘଡ଼ି, ଜଗନ୍ନାଥ ଗଲେ ଗୁଣ୍ଡିଚା ବାଡ଼ି, ଷୋଳ ଚକା ଗଲା ଗଡ଼ି।' ବହୁ ଦୂରରୁ ଧାଇଁ ଆସିଥିବା ଭକ୍ତଟିଏ ଜଗନ୍ନାଥଙ୍କୁ ଦେଖିବା ପାଇଁ କେତେ ବ୍ୟାକୁଳ ତା'ର ନିଦର୍ଶନ ହେଉଛି - 'ନଡ଼ିଆ ଭାଙ୍ଗିଲି ପଡ଼ିଆରେ, ହୃଦ ଛନ ଛନ ବାହାରେ ମନ, କେମିତି ଦେଖିବି କାଳିଆରେ।' ଜଗନ୍ନାଥ ସଂସ୍କୃତି ହେଉଛି 'ବସୁଧୈବ କୁଟୁମ୍ବକମ୍'ର ସଂସ୍କୃତି। ସମଗ୍ର ବିଶ୍ୱ ଏଠାରେ ଗୋଟିଏ ପରିବାର। ଏଠାରେ ଉଚ୍ଚ ନୀଚ ନାହିଁ। ପର ଆପଣା ନାହିଁ। ସାମ୍ୟ ମୈତ୍ରୀ ବାନା ଉଡାଏ ପତିତପାବନ ବାନା। ବଡ଼ ଦେଉଳରେ ବାର ମାସରେ ତେର ପର୍ବ ପାଳିତ ହୁଏ। ଓଡ଼ିଆର ପର୍ବପର୍ବାଣି ମଧ୍ୟ ଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଛି। ଯେମିତି ଏକ ଲୋକଗୀତରେ - 'ବଡ଼ ଦେଉଳେ ଲାଗିଛି ହାଟ, ନିତି ପୁନିଅ ନିତି ହାଟ।' ଝିଅ ବିବାହ କରି ଶାଶୁଘରକୁ ଗଲାବେଳେ ମଧ୍ୟ ତାର ବାହୁନା / କାନ୍ଦଣା ଗୀତରେ କହେ - 'ରଥରେ ଲାଗିଲା ରଥ ଦଉଡି, ମୋ ଠାରେ ଲାଗିଲା ଯମ ଦଉଡି ହେ ବାପା, ରଥ ଦଉନି ତ ବାହୁଡ଼ା ଯାକେ, ଯମ ଦଉଡି ତ ମରିବା ଯାକେ ହେ ବାପା!' ଓଡ଼ିଶାର ଲୋକକଳା ଯେମିତି ପାଲା, ଦାସକାଠିଆ, ଦଣ୍ଡନାଚ, ଘୋଡ଼ାନାଚ, ଗୋପାଳଙ୍କ ଓଗାଳ ଓ ଶବର ଶବରୁଣୀ ନାଚରେ ଜଗନ୍ନାଥଙ୍କ ବର୍ଣ୍ଣନାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ।

ଓଡ଼ିଶାର ପ୍ରଧାନ ପର୍ବ ହେଲା ରଜ। ରାଜରେ କୁମାରୀ ଝିଅ ଓ ନବ ବିବାହିତାମାନେ ଦୋଳି ଖେଳିଲା ବେଳେ ମଧ୍ୟ ଗୀତରେ ଜଗନ୍ନାଥଙ୍କ ଠାରେ ନିଜର ସୁଖଦୁଃଖ ଜଣାଇଥାଆନ୍ତି। ଯେମିତିକି 'କାଟିଲି କୁଟିଲି ବିଡ଼ଙ୍ଗ ଶାଗଲୋ, ମନ୍ତୁରେଇ ନେଇ ଜାଳ, ଗତ ଗୁଣ୍ଡିଚାକୁ ବରଷେ ହେଲାଲୋ ଯାଇନାହିଁ ବାପଘର।' ମାଉସୀ ମା'ଘରେ ନଅ ଦିନ ରହିବା ପରେ ଜଗନ୍ନାଥ ମନ୍ଦିରକୁ ବାହୁଡ଼ି ଥାଆନ୍ତି। ଏହା ବାହୁଡ଼ା ଯାତ୍ରା ନାମରେ ପରିଚିତ। ଲୋକଗୀତରେ ଏହାର ମଧ୍ୟ ଚିତ୍ରଣ ରହିଛି - 'ଡାଳେ ଡାଳେ ଗଲା ହନୁ ଡାଳ ଭଙ୍ଗୀ ଗୀତ ନଗଲା ମନୁ ବାହୁଡ଼ା ଯାତରା ଦିନ।' ରଥଯାତ୍ରାରେ ଭକ୍ତଙ୍କର ଅପୂର୍ବ ସମାଗମ ହୁଏ। ଅନେକ ନୂଆ ପୁରୁଣା ସାଙ୍ଗସାଥୀ ଦେଖା ହୁଅନ୍ତି। ସେମିତି ଏକ ଲୋକଗୀତରେ 'ଦୀପ ଗୋଟିଏ ମୁହଁ ଜାଳି ରଖିଲି, ରଖିଲି ପିତଳ ରୁଖା, ପୁରୀ ଯାତରାକୁ ସତେ କି ଯିବ ପୂର୍ବ ସାଙ୍ଗ ହେବ ଦେଖା।' ଓଡ଼ିଆ ଲୋକଗୀତର ସ୍ରଷ୍ଟା ତଥା ଭକ୍ତକବିମାନେ କୌଣସି ଆଶା ପୋଷଣକରି ଭଗବାନଙ୍କ ନିକଟରେ ଆତ୍ମ ସମର୍ପଣ କରିଥିବା ପରି ମନେହୁଏ ନାହିଁ। ସେମାନେ ଅଧିକାଂଶ କ୍ଷେତ୍ରରେ ନିଜର ସତ୍ତା ହରାଇ ମିଶିଯାଇଛନ୍ତି ଏକ ଦିବ୍ୟ ସତ୍ତା ଦେହରେ। ପୁରାଣ ଯୁଗରେ ଭକ୍ତକବିମାନେ ସ୍ୱ ସ୍ୱ ଆରାଧ୍ୟ ଦେବତାଙ୍କର ଗୁଣ କୀର୍ତ୍ତନ କରିଥିବା ବେଳେ ରୀତ ଯୁଗରେ ସେହି ଦେବତାଙ୍କୁ ମାନବୀୟ ରୂପ ପ୍ରଦାନ କରି ଆଦି ଶୃଙ୍ଗାର ରସ ପରିବେଷଣରେ ଅଧିକ ତତପର ଥିଲେ। କିନ୍ତୁ ଗୀତି ଯୁଗରେ କବିମାନେ ମୁଖ୍ୟତଃ ସଖୀ ଭାବ, ଏବଂ ନବରସ ଯଥା - ଶୃଙ୍ଗାର, କରୁଣ, ରୌଦ୍ର, ହାସ୍ୟ, ବୀର, ଭୟାନକ ବୀଭତ୍ସ ଅଦ୍ଭୁତ ଓ ଶାନ୍ତ ରସରେ ନିଜକୁ ଆପ୍ଲୁତ କରି ପାଠକଙ୍କ ନିକଟରେ ପରିବେଷଣ କରିବା ପାଇଁ ପ୍ରୟାସ କଲେ।

ଏହି ରଚନା ଗୁଡ଼ିକ ହିଁ ଆମ ଓଡ଼ିଆ ଭାଷାରେ ଭକ୍ତିମାର୍ଗକୁ ଏକ ସ୍ୱତନ୍ତ୍ର ରୂପ ଦେଇଛି। କିନ୍ତୁ ମହାଭାରତୀୟ ଭାବାଧାରା ମଧ୍ୟରେ ଉତ୍କଳୀୟ ସ୍ୱତନ୍ତ୍ର ଭାବଧାରା ବିଲୁପ୍ତ ହୋଇ ଯାଇଥିବା ଭଳି ବିଭିନ୍ନ ଆଦର୍ଶ ବୈଷ୍ଣବ ମତବାଦରେ ଏବଂ ବୈଷ୍ଣବ ମତବାଦର ବିଭିନ୍ନ ପନ୍ଥା ଓ ମାର୍ଗ ଜଗନ୍ନାଥ ଚେତନା ଦେହରେ ଲୀନ ହୋଇ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। ଶ୍ରୀଜଗନ୍ନାଥ ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ ସବୁଥିରେ ଭରି ରହିଛନ୍ତି। ଓଡ଼ିଆର ହୃଦୟରେ ଅଛନ୍ତି ଜଗନ୍ନାଥ। ଓଡ଼ିଆ ଯେତେବେଳେ ଖୁସି ହୁଏ ଡାକେ ଜଗନ୍ନାଥଙ୍କୁ। ଯେତେବେଳେ ଦୁଃଖରେ ଭାଙ୍ଗିପଡ଼େ ସେତେବେଳେ ବି ତା ଓଠରେ ପ୍ରଥମେ ଉଚ୍ଚାରିତ ହୁଏ ହେ ଜଗନ୍ନାଥ। ତେଣୁ ଓଡ଼ିଆ ଲୋକଗୀତରେ ଜଗନ୍ନାଥଙ୍କ ପ୍ରାଧାନ୍ୟ ରହିବା ବିଚିତ୍ର ନୁହେଁ। ଓଡ଼ିଆର ହୃଦୟରେ ଜଗନ୍ନାଥଙ୍କ ପ୍ରତି ଥିବା ଭାବ ଭକ୍ତିର ଝରଣା ଝରିଆସିଛି ଲୋକଗୀତରେ ଆତ୍ମୀୟତା ଓ ସମର୍ପିତ ଭାବନାର ନିଦର୍ଶନ ସ୍ୱରୂପ।

ଜ୍ୟୋତ୍ସ୍ନା ପର୍ଣ୍ଣଚର୍ସ, ଚଣ୍ଡୀମନ୍ଦିର ମାର୍ଗ, କଟକ-୧, ଦୂରଭାଷ : ୯୪୩୭୦୨୧୬୧୫

# ଭକ୍ତମାନ୍ ଯଃ ସ ମେ ପ୍ରିୟଃ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭକ୍ତ ଭଗବାନଙ୍କର ଅତି ପ୍ରିୟ। ସେଥିପାଇଁ ଯଥାର୍ଥରେ କୁହାଯାଇଛି 'ଅପାର କରୁଣା ସିନ୍ଧୁ ଭଗବାନ ଭକ୍ତବତ୍ସଳଃ। ଭକ୍ତର ମନବାଞ୍ଛା ପୂରଣ କରିବା ପାଇଁ ସେ କାହାର ପୁତ୍ର ଭାବରେ ଜନ୍ମ ଲାଭ କରନ୍ତି, କାହା ରଥର ସାରଥୀ ହୁଅନ୍ତି ଏବଂ କାହା ସହିତ ମିତ୍ରତା କରି ମିତ୍ରର ସୁଖଦୁଃଖରେ ସୁଖୀ ଦୁଃଖୀ ହୁଅନ୍ତି। ନାରଦଙ୍କ ପ୍ରତି ଭଗବାନଙ୍କ ଉକ୍ତି ହେଲା, 'ନାହଂ ତିଷ୍ଠାମି ବୈକୁଣ୍ଠେ, ଯୋଗୀନାଂ ହୃଦୟେ ନ ଚ। ମଦଭକ୍ତାଃ ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ।'

ବର୍ତ୍ତମାନ ପ୍ରଶ୍ନ ଉଠେ ଭକ୍ତ କିଏ ? ଭଗବାନ ଶ୍ରୀମଦ ଭଗବତ ଗୀତା ମାଧ୍ୟମରେ ଭକ୍ତର ସ୍ୱରୂପ ନିର୍ଣ୍ଣୟ କରି ଅଛନ୍ତି। ଗୀତା ଏକ ସାର୍ବଜନୀନ ଶାସ୍ତ୍ର। ଏହା ଭଗବାନଙ୍କ ମୁଖ ନିସୃତ ଶାଶ୍ୱତ ବାଣୀ। ଭାରତୀୟ ପରମ୍ପରା ସଭ୍ୟତା, ସଂସ୍କୃତି ତଥା ଆଚାରର ପ୍ରତୀକ ହୋଇଥିବାରୁ ଏହା ସକଳ ଶାସ୍ତ୍ରର ସାର ବୋଲି ବିବେଚିତ ହୋଇଥାଏ। ସେଥିପାଇଁ ଯଥାର୍ଥରେ କୁହାଯାଇଛି, 'ସର୍ବୋପନିଷଦୋ ଗାବୋ ଦୋଗଧା ଗୋପାଳନନ୍ଦନଃ। ପାର୍ଥୋବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍।' ଏହାର ଅର୍ଥ ହେଲା ସମସ୍ତ ଉପନିଷଦ ଯଦି ଗାଈ ହୁଅନ୍ତି, ଦୁଗ୍ଧ ଦୁହନାରୀ ହେଉଛନ୍ତି ଶ୍ରୀକୃଷ୍ଣ। ଉକ୍ତ ଗାଈର ବାଛୁରୀ ହେଉଛନ୍ତି ଅର୍ଜ୍ଜୁନ ଓ ସୁଧୀବୃନ୍ଦ ହେଉଛନ୍ତି ଦୁଗ୍ଧ ପାନ କରୁଥିବା ବ୍ୟକ୍ତିଗଣ ଏବଂ ଏ ମହାନ ଶାସ୍ତ୍ର ଶ୍ରୀମଦ୍ ଗୀତା ହେଉଛି ଦୁଗ୍ଧ ରୂପକ ଅମୃତ।

ଗୀତାର ସାର ମର୍ମ ହେଲା ଈଶ୍ୱରଙ୍କ ନିକଟରେ ଅତୁଟ ବିଶ୍ୱାସ ତଥା ଅଚଳା ଭକ୍ତି। ଯେଉଁ ବ୍ୟକ୍ତି ସେ ମହାନ ଶକ୍ତି ନିକଟରେ ମନପ୍ରାଣ ଅର୍ପଣ କରିଦିଏ ଏବଂ ତାର କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରୁଥାଏ, ସେହି ହିଁ ଭଗବାନଙ୍କ ଅତ୍ୟନ୍ତ ପ୍ରିୟ। ସେଭଳି ଭକ୍ତର ଅପ୍ରାପ୍ତ ବସ୍ତୁ ପ୍ରାପ୍ତି ହୁଏ ଏବଂ ପ୍ରାପ୍ତ ବସ୍ତୁର ରକ୍ଷଣାବେକ୍ଷଣ ଦାୟିତ୍ୱ ଭଗବାନ ହିଁ ବହନ କରନ୍ତି।

ଭଗବାନଙ୍କର ମୁଖ ନିଃସୃତ ବାଣୀ ହେଲା, ଭକ୍ତିମାନ ଯ! ସ ମେ ପ୍ରିୟଃ ବା ଯୋମଦଭକ୍ତଃ ସ ମେ ପ୍ରିୟଃ। ଗୀତାର ଦ୍ୱିତୀୟ ଅଧ୍ୟାୟ ସାଂଖ୍ୟ ଯୋଗଠାରୁ ଦଶମ ଅଧ୍ୟାୟ ବିଭୂତି ଯୋଗ ପର୍ଯ୍ୟନ୍ତ ଜ୍ଞାନନିଷ୍ଠା, କର୍ମନିଷ୍ଠା, ତଥା ନିର୍ଗୁଣ ନିରାକାର ଅବ୍ୟକ୍ତ ଅକ୍ଷର ବ୍ରହ୍ମ ପରମାତ୍ମାଙ୍କ ଉପାସନା ଓ ଧ୍ୟାନ କଥା କୁହାଯାଇଅଛି। ସେହି ବ୍ରହ୍ମ ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟଯୁକ୍ତ ହୋଇ ସମସ୍ତଙ୍କର ଆଦି ତଥା ସର୍ବ ଜାଗତର ଆତ୍ମାରୂପେ ବିଶ୍ୱରୂପ ଗ୍ରହଣ କରନ୍ତି, ଏକଥା ଏକାଦଶ ଅଧ୍ୟାୟର ବିଶ୍ୱରୂପ ଦର୍ଶନ ଯୋଗରେ ବର୍ଣ୍ଣନା କରାଯାଇଅଛି। ଏକ ନିଷ୍ଠ ଭକ୍ତିରେ ତତ୍ତ୍ୱଦ୍ୱାରା ଈଶ୍ୱରଙ୍କ ଜ୍ଞାନ, ଦର୍ଶନ ଓ ପ୍ରାପ୍ତି ହୋଇ ପାରିବ, କିଏ ତାଙ୍କର ସ୍ୱରୂପ କ'ଣ ଇତ୍ୟାଦି ଜାଣିପାରେ ଏବଂ ଏହା ଜାଣିଲେ କର୍ମ ଓ ଉପାସନା ନିର୍ଣ୍ଣୟ କରାଯାଇପାରେ। ସେଥିପାଇଁ ଜ୍ଞାନ ଯୋଗ ସବୁଠାରୁ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ। କିନ୍ତୁ ସେହି ଜ୍ଞାନ ପାଇବା ନିମିତ୍ତ ବିଶ୍ୱାସ, ଶ୍ରଦ୍ଧା ଏବଂ ଅଭ୍ୟାସ ଏକାନ୍ତ ଆବଶ୍ୟକ। ଅଚଳା ଭକ୍ତି ଓ ଅଭ୍ୟାସ ବା ସାଧନା ବିନା ଜ୍ଞାନ ପ୍ରାପ୍ତିର ସମ୍ଭାବନା ନାହିଁ। ସେଥିପାଇଁ ଦ୍ୱାଦଶ ଅଧ୍ୟାୟରେ ଭକ୍ତି ଯୋଗ ବିଷୟ ବର୍ଣ୍ଣନା କରାଯାଇଛି। ଭଗବାନଙ୍କ ଭାଷାରେ, 'ମର୍ଯ୍ୟାବେଶ୍ୟ ମନୋ ଯେ, ମାଂ, ନତ୍ୟଯୁକ୍ତା ଉପାସତେ। ଶ୍ରଦ୍ଧୟା ପରୟୋପେତା ସ୍ତେମେ, ଯୁକ୍ତତମା ମତାଃ।' ଅର୍ଥାତ୍ ଯେଉଁ ଭକ୍ତ ପରମେଶ୍ୱରଙ୍କ ଠାରେ ମନ ପ୍ରାଣ ଅର୍ପଣ କରି ନିରନ୍ତର ତତ୍ପରତା ସହିତ ପରମ ଶ୍ରଦ୍ଧାରେ ଉପାସନା କରେ ସେ ଶ୍ରେଷ୍ଠ ଯୋଗୀ ଓ ପରମେଶ୍ୱରଙ୍କର ଅତ୍ୟନ୍ତ ପ୍ରିୟ। ଯଦି ଭଗବାନଙ୍କ ନିକଟରେ ଚିତ୍ତ ସ୍ଥିର ରଖି ନ ପାରୁଛ, ଏହା ବିକ୍ଷିପ୍ତ ହୋଇଯାଉଅଛି।ବିଭିନ୍ନ ପନ୍ଥା ଅବଲମ୍ବନ କରିବା ପାଇଁ ସୂଚନା ଦେଇଥିବାରୁ ସେ କେଉଁ ମାତ୍ରାରେ ଭକ୍ତ ପ୍ରିୟ ତାହା ସୂଚୀତ ହୁଏ। ଅଭ୍ୟାସ କରିବାରେ ମଧ୍ୟ ଅସମର୍ଥ ହେଲେ, ସେ ସାଂସାରିକ କର୍ମରେ ଲିପ୍ତ ରହୁ ଈଶ୍ୱରଙ୍କ ଆଦେଶରେ ତାଙ୍କରି କାର୍ଯ୍ୟ କରୁଛି ବୋଲି ମନେ କରୁ ଏବଂ କର୍ମ ଫଳରେ ଆସକ୍ତି ନ ରଖି ସେହି ଫଳ ଈଶ୍ୱରଙ୍କୁ ଅର୍ପଣ କରୁ ତେବେ ସେ ଏକ ଆଦର୍ଶ ପୁରୁଷ, ପରମ ଭକ୍ତ ହେବ ଏବଂ ଭଗବାନଙ୍କର ଆଦରଣୀୟ ହୋଇପାରିବ ସେ ସମ୍ପର୍କରେ ଭଗବାନଙ୍କର ଉକ୍ତି ପ୍ରଣିଧାନ ଯୋଗ୍ୟ। ଯେ ସର୍ବଭୂତରେ ଦ୍ୱେଷ ରହିତ, ଯାହାଙ୍କ ପାଇଁ ସୁଖ ଓ ଦୁଃଖ ସବୁ ସମାନ ଯେ କ୍ଷମାଶୀଳ, ସଦା ସନ୍ତୁଷ୍ଟ, ନିତ୍ୟଯୋଗୀ, ଯନ୍ତ୍ରାତ ଓ ଯେ ଆତ୍ମା ତତ୍ତ୍ୱରେ ଦୃଢ଼ ନିଶ୍ଚିତ ଏବଂ ସର୍ବୋପରି ଯେ ଈଶ୍ୱରଙ୍କ ଠାରେ ମନ ପ୍ରାଣ ଅନବରତ ଲଗାଇଥାନ୍ତି ସେ ଭକ୍ତ ଶ୍ରେଷ୍ଠ ଓ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ। ସେହିପରି ଯାହାଙ୍କ ଠାରୁ କେହି ଉଦବେଗ, ଭୟ ବା ଆଶଙ୍କା ପାଆନ୍ତି ନାହିଁ ଓ ସେ ନିଜେ ମଧ୍ୟ ଅନ୍ୟ ଠାରୁ ଏସବୁ ପାଇ ନଥାନ୍ତି, ଯାହାଙ୍କ ହୃଦୟରେ ବ୍ୟାକୁଳତା, ହର୍ଷ ଓ ଭୟଭାବ ସ୍ଥାନପାଇ ନଥାଏ ସେହି ହିଁ ଭଗବାନଙ୍କର ପ୍ରିୟଭକ୍ତ। ପୁନଶ୍ଚ ଯେଉଁ ବ୍ୟକ୍ତି ଲବ୍ଧାର୍ଥରେ ମଧ୍ୟ ନିସ୍ପୃହ ଯାହାର ବାହ୍ୟ ତଥା ଅଭ୍ୟନ୍ତର ସମାନ, ଯେ ନିରଳସ ଜୀବନ ଯାପନ କରେ, ସେ ଦକ୍ଷତାର ସହିତ କର୍ତ୍ତବ୍ୟ ସମ୍ପାଦନ କରେ ଏବଂ ଯାହା ପାଇଁ ଶତ୍ରୁ ମିତ୍ରର ପାର୍ଥକ୍ୟ ନଥାଏ ବରଂ ଯେ ଉଭୟଙ୍କୁ ସମଜ୍ଞାନ କରିଥାଏ ସେହି ହିଁ ପ୍ରଭୁଙ୍କର ପ୍ରିୟ ଭକ୍ତ। ଏତଦ୍ ବ୍ୟତୀତ, ଯେଉଁ ବ୍ୟକ୍ତି ଇଷ୍ଟ ପାଇଲେ ହୃଷ୍ଟ ହୁଏ ନାହିଁ କିମ୍ବା ଅନିଷ୍ଟ ଘଟିଲେ ଅସନ୍ତୁଷ୍ଟ ହୁଏ ନାହିଁ, ଯେ ଶୁଭ ଅଶୁଭ, ମାନ ଅପମାନ, ନିନ୍ଦା ପ୍ରଶଂସା, ଶୀତ, ଗ୍ରୀଷ୍ମ ଓ ସୁଖ ଦୁଃଖରେ ଅବିଚଳ ରହିପାରେ ଏବଂ ଏ ସବୁକୁ ଏକ ବୋଲି ବିବେଚନା କରେ, ଯେଉଁ ବ୍ୟକ୍ତି ଯେ କୌଣସି ସ୍ଥାନରେ ଅନାସକ୍ତ ଭାବରେ ବସବାସ କରି ରହିପାରେ, ଯାହାର ଚିତ୍ତ ସ୍ଥିର ଓ ଯେ ସଂଯତବାକ, ସେ ହିଁ ଭକ୍ତ ପଦବାଚ୍ୟ। ଭଗବାନଙ୍କ ଭାଷାରେ, 'ନୁହଁଇ ପରଶ୍ରୀକାତର। ସେହି ଭକତ ପ୍ରିୟ ମୋର'। କେତେକଙ୍କ ମତରେ ଭକ୍ତ ନିକଟରେ ଦଶବିଧ ଲକ୍ଷଣ ପରିଲକ୍ଷିତ ହୁଏ। ଯଥା, 'ଅକ୍ରୋଧ ବୈରାଗ୍ୟ ଜିତେନ୍ଦ୍ରିୟାଣୀ, କ୍ଷମା ଦୟା ସର୍ବଜନ ପ୍ରିୟଂଚ। ନିର୍ଲୋଭଦାନୀ ଭୟଶୋକହୀନ ଭକ୍ତ ପ୍ରମାଣଂ ଦଶଲକ୍ଷଣଂଚ।'

ଅର୍ଥାତ୍ କ୍ରୋଧକୁ ଦମନ କରିଥିବା, ଆସକ୍ତି ନଥିବା ଜିତେନ୍ଦ୍ରିୟ ହୋଇଥିବା, କ୍ଷମା ତଥା ଦୟାଗୁଣ ସମ୍ପନ୍ନ ହୋଇଥିବା ଏବଂ ସର୍ବଜନ ପ୍ରିୟ ବ୍ୟକ୍ତିଙ୍କୁ ଭକ୍ତ କୁହାଯାଇଥାଏ। ଏତଦ୍ ବ୍ୟତୀତ ସେ ନର୍ଲୋଭ, ଦାନୀ, ଭୟହୀନ ଓ ଶୋକହୀନ ହେବା ମଧ୍ୟ ଆବଶ୍ୟକ। ଭକ୍ତ ଦଶବିଧ ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ଭକ୍ତ ପଦବାଚ୍ୟ।ଏ ସବୁ ଗୁଣର ଅଧିକାରୀ ନ ହୋଇ ଶୁଦ୍ଧ ବସ୍ତ୍ର ପରିଧାନ କରି ମନ୍ଦିର ଯାଉଥିବା ବ୍ୟକ୍ତିଙ୍କୁ ଭକ୍ତ ବୋଲି କୁହାଯାଇ ନପାରେ। ବାହ୍ୟ ଶୁଚି ସହିତ ଅନ୍ତଃଶୁଚି ରହିବା, କଥା ଓ କାର୍ଯ୍ୟରେ କୌଣସି ତଫାତ ନରହିବା ନିତାନ୍ତ ଦରକାର। ଏ ସମସ୍ତ ଆଲୋଚନାରୁ ସୂଚନା ମିଳେ ଯେ ଭଗବାନଙ୍କର ପ୍ରିୟ ହେବାକୁ ହେଲେ ଜଣେ ଉଚ୍ଚମାନର ମନୁଷ୍ୟ ହେବାକୁ ପଡ଼ିବ। ଭଲ ମଣିଷ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ। ହିନ୍ଦୁ ଜଗତର ସମସ୍ତ ଶାସ୍ତ୍ର ଭଲ ମଣିଷ ଗଢ଼ିବା ପାଇଁ ଏବଂ ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ଉଦ୍ଦିଷ୍ଟ। ଭଗବାନ ବ୍ୟାସଦେବ ଅଷ୍ଟାଦଶ ପୁରାଣର ସ୍ରଷ୍ଟା। ଏ ସମସ୍ତ ପୁରାଣର ସାର ହେଲା ଦୁଇଟି କଥା। ଯଥା - 'ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂ ଦ୍ୱୟମ। ପରୋପକାରୟଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍।' ପରୋପକାର କରିବା ହେଉଛି ପୁଣ୍ୟ ଏବଂ ଅନ୍ୟକୁ ପୀଡ଼ା ଦେବା ହେଉଛି ପାପ। ତେଣୁ ନିଜର ତଥା ସମାଜର କଲ୍ୟାଣ ସାଧନ ପାଇଁ ଭଗବାନ ତାଙ୍କ ପ୍ରିୟ ଭକ୍ତଙ୍କୁ ଏକ ଆଦର୍ଶ ମାନବ ଭାବରେ ପ୍ରତି ପାଦିତ କରିଅଛନ୍ତି। ଶାସ୍ତ୍ରର ନବଧା ଭକ୍ତି ବିଷୟ ଉଲ୍ଲେଖ କରାଯାଇଛି। ନବଧା ଭକ୍ତି ହେଲା - 'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍। ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମ୍ ଆତ୍ମନିବେଦନମ୍।'

ଭଗବାନଙ୍କ ନାମ, ଗୁଣ, ମାହାତ୍ମ୍ୟ, ଲୀଳା ଇତ୍ୟାଦି ଶ୍ରବଣ କରିବା, ନାମକୀର୍ତ୍ତନ କରିବା, ସ୍ମରଣ କରିବା, ପ୍ରଭୁଙ୍କର ପାଦ ସେବା କରିବା, ଅର୍ଚ୍ଚନ କରିବା, ବନ୍ଦନା କରିବା, ନିଜକୁ ଭଗବାନଙ୍କ ଦାସ, ସେବକ ମନେ କରିବା, ଭଗବାନଙ୍କୁ ସଖା ହିସାବରେ ଗ୍ରହଣ କରିବା ଏବଂ ଆତ୍ମ ସମର୍ପଣ କଲେ, ଶରଣାଗତ ହୋଇଗଲେ ଜଣେ ଆନନ୍ଦରେ କାଳାତିପାତ କରିପାରିବ। ପ୍ରତ୍ୟେକ କାର୍ଯ୍ୟର ନିୟନ୍ତା ବା କର୍ତ୍ତା ପରମେଶ୍ୱର ଏବଂ ମନୁଷ୍ୟ କେବଳ ନିମିତ୍ତ ଏହି ଭାବ ଆସିଲେ ଜୀବନ ମଧୁମୟ ହେବ। ଏହି ପରିପ୍ରେକ୍ଷୀରେ ଗୀତା ମୋକ୍ଷଯୋଗଃ ଏକ ଶ୍ଳୋକ ପ୍ରଣିଧାନ୍ୟ ଯୋଗ୍ୟ। ଭଗବାନଙ୍କର ଅର୍ଜ୍ଜୁନକୁ ଏବଂ ଅର୍ଜ୍ଜୁନ ମାଧ୍ୟମରେ ସମଗ୍ର ମାନବ ସମାଜକୁ ଉପଦେଶ ହେଲା - 'ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ, ତତ୍ ପ୍ରସାଦାତ ପରଂ ଶାନ୍ତି ସ୍ଥାନଂ ପ୍ରାପସ୍ୟସି ଶାଶ୍ୱତମ।' ଅର୍ଥାତ୍ ହେ ଭାରତ! ତୁମ୍ଭେ ସର୍ବତୋଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣାପନ୍ନ ହୁଅ। ତାଙ୍କ ଅନୁଗ୍ରହରୁ ତୁମ୍ଭେ ଶାନ୍ତିପୂର୍ଣ୍ଣ ଓ ଶାଶ୍ୱତ ଧାମ ପ୍ରାପ୍ତ ହେବ। ଭକ୍ତର ଭଗବାନଙ୍କୁ ଭକ୍ତ୍ୟର୍ଘ୍ୟ ପ୍ରଦାନ କରିବା ଛଡ଼ା ଅନ୍ୟ କିଛି ଦେୟ ନାହିଁ। ସେଥିପାଇଁ ଭକ୍ତ ଯଥାର୍ଥରେ କହିଥାଏ, 'ରତ୍ନାକରସ୍ତବଗୃହଂ ଗୃହିଣୀର ଲକ୍ଷ୍ମୀଃ। କିଂଦେମୟସ୍ତି ଭବତେ ପୁରୁଷୋତ୍ତମାୟ। ଆଭୀର ଗୋପଲୀଳନା ହୃତମାନସାୟ, ଦତ୍ତଂ ମନସ୍ତଦନୁ ମେ କୃପୟା ଗୃହାଣ।' ଅର୍ଥାତ୍ ହେ ପୁରୁଷୋତ୍ତମ! ଯେହେତୁ ରତ୍ନାକରବା ଜଳଧି ଆପଣଙ୍କର ଗୃହ ଏବଂ ସାରା ବିଶ୍ୱ ବ୍ରହ୍ମାଣ୍ଡର ପଡ଼ିଦାତ୍ରୀ ମହାଲକ୍ଷ୍ମୀ ଆପଣଙ୍କର ଗୃହିଣୀ, ଆପଣଙ୍କର କ'ଣ ଅଭାବ ଅଛି ଯେ, ମୁଁ ଦେଇପାରିବି। ଯାହା ଦେବି ତାହା ଆପଣଙ୍କ ଦାନର ପ୍ରତିଦାନ ହିଁ ହେବ। ଅତୀତରେ ଆପଣ ଗୋପାଳ ଗୋପାଙ୍ଗନାମାନଙ୍କର ମନ ପ୍ରାଣକୁ ହରଣ କରି ନେଇ ଯାଇଥିଲେ। ତେଣୁ ମୁଁ ମୋର ମନ ଓ ପ୍ରାଣକୁ ଆପଣଙ୍କ ନିକଟରେ ଅର୍ପଣ କରୁଛି। ଆପଣା କୃପା କରି ତାକୁ ହିଁ ଗ୍ରହଣ କରନ୍ତୁ। ଏହା ହିଁ ମୋର ଆପଣଙ୍କ ପ୍ରତି ଭକ୍ତ୍ୟର୍ଘ୍ୟ।

ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଉତ୍କଳମଣି ଗୋପବନ୍ଧୁ ଦାସ

ଡ଼ଃ. ଅରୁନ୍ଧତୀ ଦେବୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏକଧାରରେ ସେ ସାହିତ୍ୟିକ, ସଂସ୍କାରକ, ଜନସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଂଗଠକ ଓ ବାଗ୍ମୀ ଥିଲେ। ପୁରୀ ଜିଲ୍ଲା ଅନ୍ତର୍ଗତ ଭାର୍ଗବୀ ନଦୀ କୂଳରେ ଥିବା ସୁଆଣ୍ଡୋ ଗ୍ରାମରେ ତାଙ୍କର ଜନ୍ମ। କଲକାତାରୁ ଆଇନ ଡିଗ୍ରୀ ହାସଲ ପରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅଧୀନରେ ଓକିଲାତି ଆରମ୍ଭ କରିଥିଲେ। ପରେ ସେ ପୁରୀରେ କିଛି କାଳ ସ୍ୱାଧୀନ ଭାବେ ଆଇନ ବ୍ୟବସାୟ କରିଥିଲେ। ମାତ୍ର ଅର୍ଥ ଉପାର୍ଜନ ତାଙ୍କର ଅଭିଳାଷ ନଥିବାରୁ ଶିକ୍ଷକତା କରିଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହା ଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ବନ ବିଦ୍ୟାଳୟର ପାଞ୍ଚ ଆଦର୍ଶ ଶିକ୍ଷକ ଗୋପବନ୍ଧୁ, ହରିହର, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ 'ପଞ୍ଚସଖା' ଭାବେ ଖ୍ୟାତ। ମହାତ୍ମା ଗାନ୍ଧୀ ୧୯୨୧ରେ ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଫେରିବା ପରେ ତାଙ୍କ ଦ୍ୱାରା ପ୍ରକାଶିତ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ।

ଦୁର୍ଗତ ଜନସାଧାରଣଙ୍କ ସେବା, ବିଭୁପ୍ରୀତି ଓ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର। ଓଡ଼ିଆ ଭାଷା, ଜାତି ଓ ସାହିତ୍ୟକୁ ଗୌରବମଣ୍ଡିତ କରିବାକୁ ସେ ଆଜୀବନ ସାଧନା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କ କର୍ମମୟ ଜୀବନର ମହାବ୍ରତ ଥିଲା। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଅବକାଶ ଚିନ୍ତା, ଧର୍ମପଦ, କାରା କବିତା, ବନ୍ଦୀର ଆତ୍ମକଥା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାହିତ୍ୟ କୃତି। ୧୯୨୮ ମସିହା ପବିତ୍ର ନେତ୍ରୋତ୍ସବ ଦିନ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ସବୁଦିନ ପାଇଁ ଆଖି ବୁଜିଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ସିନେମାରେ ଜଗନ୍ନାଥ

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ। ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ବହୁଦିନ କ୍ଷୀପ୍ରତର ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ଓଡ଼ିଆ ସିନେମା ତିଆରି ହୋଇଛି ଏବଂ ଏହା କୋଟି କୋଟି ଓଡ଼ିଆଙ୍କ ହୃଦୟ ଭିତରେ ମହାପ୍ରଭୁଙ୍କ କୃପା ବାରିଧାରା ତଥା ଅଲୌକିକ ମହିମାର ଚେତନାକୁ ଜାଗ୍ରତ କରିଛି। ଫିଲ୍ମ ଆମ ସଂସ୍କୃତିର ଅଂଶ ବିଶେଷ। ସାହିତ୍ୟ ଭଳି ଫିଲ୍ମ ଜରିଆରେ ମଧ୍ୟ କେବଳ କଳାତ୍ମକ ଦକ୍ଷତାର ପରିପ୍ରକାଶ ଘଟେନି, ତା ମାଧ୍ୟମରେ ଗୋଟେ ଦେଶ, ରାଜ୍ୟ, ସମାଜ, ଭାଷା ବା ଜାତିର ସାମୂହିକ ଭାବ ପ୍ରବଣତା ବି ପ୍ରକାଶ ପାଏ। ଓଡ଼ିଆଙ୍କ ଜନଜୀବନ ଓ ଭାବ ପ୍ରବଣତାରେ ଜଗନ୍ନାଥଙ୍କ ଗଭୀର ପ୍ରଭାବ ରହିଛି। ତେଣୁ ଆମ ସାହିତ୍ୟ ଓ ଜୀବନଶୈଳୀ ଭଳି ଓଡ଼ିଆ ସିନେମାରେ ବି ଜଗନ୍ନାଥଙ୍କୁ ଆମେ ବାରମ୍ବାର ଭେଟିଛୁ। ଫିଲ୍ମ ନିର୍ମାତାମାନେ ଓଡ଼ିଆ ଜୀବନର ଚିତ୍ର ଆଙ୍କିବାକୁ ଯାଇ କେବେ ଜଗନ୍ନାଥଙ୍କୁ କାହାଣୀ ଭିତରକୁ ଆଣିଛନ୍ତି ତ ପୁଣି କେବେ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭିତରେ ଥିବା ଅନୁରକ୍ତିକୁ ଦେଖି ଭଲ ବ୍ୟବସାୟ ଆଶାରେ ତାଙ୍କୁ ନେଇ ଫିଲ୍ମ ତିଆରି କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ସିନେମା ସମ୍ପର୍କରେ ଆଲୋଚନା କଲାବେଳେ ସର୍ବପ୍ରଥମେ ତିଆରି ହୋଇଥିଲା 'ସୀତା ବିବାହ' ପରେ ୧୯୪୯ ମସିହାରେ 'ଲଳିତା' ଠାରୁ ୨୦୧୪ ମସିହା ଭିତରେ ରିଲିଜ ହୋଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭିତରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଫିଲ୍ମର କାହାଣୀରେ ଜଗନ୍ନାଥ ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ସିଧା ବର୍ଣ୍ଣନା ରହିଛି। ତା ବାହାରେ ଆହୁରି ଅନେକ ଫିଲ୍ମରେ ଜଗନ୍ନାଥଙ୍କ ମହିମା ଓ ତାଙ୍କର ଭଜନ ଆଦି ସ୍ଥାନ ପାଇଛି। ଓଡ଼ିଶାର ପ୍ରଥମ ଫିଲ୍ମ 'ସୀତାବିବାହ' ରିଲିଜ ହୋଇଥିଲା ୧୯୩୬ ମସିହାରେ। ତାପରେ ଦ୍ୱିତୀୟ ଓଡ଼ିଆ ଫିଲ୍ମ 'ଲଳିତା' ରିଲିଜ ହୋଇଥିଲା ୧୯୪୯ରେ। ଶ୍ରୀମନ୍ଦିର ନିର୍ମାଣ କାହାଣୀର ଆଧାରରେ ଏ ଫିଲ୍ମଟି ତିଆରି ହୋଇଥିଲା। ୧୯୫୦ ମସିହାରେ ରିଲିଜ ହୋଇଥିଲା ତୃତୀୟ ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥ'। ରୂପ ଭାରତୀ ପବ୍ଲିକ ଲିମିଟେଡ ବ୍ୟାନରରେ ନିର୍ମିତ 'ଶ୍ରୀଜଗନ୍ନାଥ' ପଛରେ ଗୋପାଳ ଘୋଷଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା। ଏଥିରେ ବଙ୍ଗଳା ଓ ତେଲଗୁ ଡବିଂ ମଧ୍ୟ ହୋଇଥିଲା। ଶ୍ରୀଜଗନ୍ନାଥର ତେଲଗୁ ରୂପାନ୍ତର ସମଗ୍ର ଦକ୍ଷିଣ ଭାରତରେ ଚହଳ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ଖବର କାଗଜ 'ଦି ଷ୍ଟେଟସମ୍ୟାନ'ରେ ଯେଉଁ ଖବରଟି ପ୍ରକାଶିତ ହୋଇଥିଲା ତାର ଶୀର୍ଷକ ଥିଲା 'ଶ୍ରୀଜଗନ୍ନାଥ ବ୍ରିଙ୍ଗସ ଷ୍ଟ୍ରମସ୍ ଇନ କ୍ୟାଲକାଟା'।

୧୯୫୦ରୁ ୧୯୫୧ ପର୍ଯ୍ୟନ୍ତ ଏହି ଧାରା ନିରବ ରହିଲା। କାରଣ 'ଶ୍ରୀଜଗନ୍ନାଥ'ର ପ୍ରଚୁର ସଫଳତା ପରେ ଅନ୍ୟ କେହି ଜଗନ୍ନାଥଙ୍କୁ ନେଇ ଫିଲ୍ମ କରିବାକୁ ଉଚିତ ମନେ କଲେ ନାହିଁ। ଜଗନ୍ନାଥଙ୍କର ଭିନ୍ନ ଅନ୍ୟ କାହାଣୀ ନେଇ ଫିଲ୍ମ କରିବାରେ ବିଫଳତା ତଥା ଶ୍ରୀଜଗନ୍ନାଥକୁ ଟପି ନପାରିବାର (କ୍ରମଶଃ)



## ଶିଶୁ ଦୁଷ୍କର୍ମ ପୀଡ଼ିତାଙ୍କ ଚିକିତ୍ସାରେ ଅବହେଳା

# ଘରୋଇ ହସ୍ପିଟାଲକୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ଉତ୍ତରପ୍ରଦେଶର ଗାଜିଆବାଦରେ ୪ ବର୍ଷର ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ସମୟମତେ ଚିକିତ୍ସା ନ ମିଳିବାରୁ ମୃତ୍ୟୁ ଘଟିଥିବା ମାମଲାରେ ସୁପ୍ରିମ୍‌କୋର୍ଟ ଦୁଇଟି ଘରୋଇ ହସ୍ପିଟାଲ ଏବଂ ସେଠାକାର ଡାକ୍ତରମାନଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଗରିବ ହୋଇଥିବାରୁ ଶିଶୁଟିକୁ ଅବହେଳା କରାଯାଇଥିଲା। ଏଭଳି କାମ କରୁଥିଲେ ନିଜ ନାମ ଆଗରେ 'ଡାକ୍ତର' ଲେଖିବାର ଅଧିକାର ନାହିଁ।ଚଳିତ ବର୍ଷ ମାର୍ଚ୍ଚ ୧୬ରେ ଏହି ଘଟଣା ଘଟିଥିଲା। ଅଭିଯୋଗ ଅନୁସାରେ, ଜଣେ ପଡୋଶୀ ଚକୋଲେଟ୍ କିଣିଦେବାର ପ୍ରଲୋଭନ ଦେଖାଇ ଶିଶୁଟିକୁ ଘରୁ ନେଇଯାଇ ଦୁଷ୍କର୍ମ କରିଥିଲା। ପରେ ସେ ରକ୍ତାକ୍ତ ଓ ଅଚେତ ଅବସ୍ଥାରେ ମିଳିଥିଲା। ପରିବାର ଲୋକ ପ୍ରଥମେ ଦୁଇଟି ଘରୋଇ ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ଭର୍ତ୍ତି କରାଯାଇ ନ ଥିଲା। ପରେ ଜିଲ୍ଲା ହସ୍ପିଟାଲକୁ ନେବା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶିଶୁଟିର ବାପା କହିଥିଲେ, ଘଟଣାସ୍ଥଳରୁ ଉଦ୍ଧାର ପରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସେ ବଞ୍ଚିଥିଲା ଏବଂ ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ତା'ର ଜୀବନ ବଞ୍ଚିପାରିଥାନ୍ତା। ସୁପ୍ରିମ୍‌କୋର୍ଟ ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ମଧ୍ୟ ଏହି ଅଭିଯୋଗରେ ସତ୍ୟତା ଥିବା କହିଛି।ଶୁଣାଣି ବେଳେ ପ୍ରଧାନ ବିଚାରପତି କହିଥିଲେ, ଯଦି ହସ୍ପିଟାଲରେ ଆବଶ୍ୟକ ସୁବିଧା ନ ଥିଲା, ତେବେ ଶିଶୁଟିକୁ ଅନ୍ୟ ହସ୍ପିଟାଲକୁ ପହଞ୍ଚାଇବାର ବ୍ୟବସ୍ଥା କରିବା ଉଚିତ ଥିଲା। ସମ୍ବେଦନଶୀଳତାର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଛି। ଦଣ୍ଡ ସ୍ୱରୂପ ପୀଡ଼ିତାଙ୍କ ପରିବାରକୁ ସ୍ୱେଚ୍ଛାକୃତ ଆର୍ଥିକ ସହାୟତା ଦେବାକୁ ହସ୍ପିଟାଲଗୁଡ଼ିକୁ କୁହାଯାଇଛି। ତାହା ନ କଲେ ଆଦାଲତ ଖର୍ଚ୍ଚ ଆଦାୟ କରିବେ ବୋଲି ଚେତାବନୀ ଦେଇଛନ୍ତି।ଏହି ମାମଲାରେ ସ୍ଥାନୀୟ ପୁଲିସର ଭୂମିକାକୁ ନେଇ ମଧ୍ୟ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବାର ପକ୍ଷରୁ ତୁରନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନ ଥିଲା। ବରଂ ପରିବାର ସହ ଅସଦ୍‌ବ୍ୟବହାର କରାଯାଇଥିବା ଅଭିଯୋଗ ରହିଛି। ପରେ ବିବାଦ ବଢ଼ିବା ପରେ ମାର୍ଚ୍ଚ ୧୭ରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲା ଏବଂ ପରଦିନ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ତେବେ ଏଫ୍‌ଆଇଆର୍‌ରେ ପୋକ୍‌ସୋ ଆଇନ ଓ ଦୁଷ୍କର୍ମ ସମ୍ପର୍କିତ ଧାରା ଉଲ୍ଲେଖ ନ ଥିବାକୁ ମଧ୍ୟ ଆଦାଲତ ଏହାକୁ ଗୁରୁତର ବିଷୟ ବୋଲି ଦର୍ଶାଇଛନ୍ତି।

# ଭୋକରେ ମରିବ ପାକିସ୍ତାନ !

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ପାକିସ୍ତାନ ପାଇଁ ସଙ୍କଟ କିଛି ନୂଆ କଥା ନୁହେଁ। ଦଶନ୍ଧି ଦଶନ୍ଧି ଧରି ଏହି ଦେଶ ରାଜନୈତିକ ଅସ୍ଥିରତା ଏବଂ ଆର୍ଥିକ ଦୁରାବସ୍ଥା ଦେଇ ଗତି କରୁଛି। କିନ୍ତୁ ଏଥର ସଙ୍କଟ ସୀମା ଟପିଯାଇଛି। ସଙ୍କଟ ଏବେ କେବଳ କାଗଜପତ୍ର କିମ୍ବା ବ୍ୟାଙ୍କରେ ସୀମିତ ନାହିଁ, ବରଂ ସିଧାସଳଖ ସାଧାରଣ ଜନତାଙ୍କ ରୋଷେଇ ଘର ଭିତରକୁ ପଶିଛି। ଯେଉଁ ଦେଶରେ ଦିନେ 'କ୍ଷୀର-ଘିଅର ନଦୀ' ବହୁଥିଲା ବୋଲି କୁହାଯାଉଥିଲା, ସେଠାରେ ଆଜି ଦୁଇ ମୁଠା ଅଟା ପାଇଁ ଲୋକେ ପରସ୍ପର ସହ ଲଢୁଛନ୍ତି।ପାକିସ୍ତାନର ରାଜଧାନୀ ଇସଲାମାବାଦ ଏବଂ ରାୱଲପିଣ୍ଡି ଭଳି ପ୍ରମୁଖ ସହରରେ ଏବେ ଅଟାର ଭୟଙ୍କର ଅଭାବ ଦେଖାଦେଇଛି। ସ୍ଥିତି ଏପରି ହୋଇଛି ଯେ, ପ୍ରାୟ ୪୫ଟି ବଡ଼ ଅଟା କଳ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଛି । ରୁଟି ପାଇଁ ସହରରେ ଏବେ ହାହାକାର ପଡ଼ିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସଙ୍କଟ ପଛରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନାହିଁ, ବରଂ ରହିଛି ପ୍ରଶାସନର ଏକ 'ଅଜବ' ନିଷ୍ପତ୍ତି।ପଞ୍ଜାବ ପ୍ରଦେଶର ଖାଦ୍ୟ ବିଭାଗ ଗତ ଜୁଲାଇ ୧୩ ତାରିଖରେ ଏକ ମୌଖିକ ନିର୍ଦ୍ଦେଶ ଜାରି କରିଛି। କୌଣସି ଲିଖିତ ଆଦେଶ ନାହିଁ କି ବିଧିବଦ୍ଧ ବିଜ୍ଞପ୍ତି ନାହିଁ, କେବଳ ଉପରିସ୍ଥ ଅଧିକାରୀଙ୍କ କହିବା ଅନୁଯାୟୀ ଗହମ



ପରିବହନ ପରମିଟ୍ ଉପରେ ରୋକ୍ ଲଗାଇ ଦିଆଯାଇଛି। ମିଲ୍ ମାଲିକମାନେ ଏହାକୁ 'ତୁଘଲକି ଫରମାନ' ବୋଲି କହୁଛନ୍ତି। ଏହି କଟକଣା ଯୋଗୁଁ ଇସଲାମାବାଦ ଏବଂ ରାୱଲପିଣ୍ଡିକୁ ହେଉଥିବା ପ୍ରାୟ ୮,୦୦୦ ଟନ୍ ଗହମର ଦୈନିକ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ପାକିସ୍ତାନ ଫ୍ଲୋର ମିଲ୍ସ ଆସୋସିଏସନର ଅଧ୍ୟକ୍ଷ ରିୟାଜୁଲ୍ଲା ଖାନ ଚେତାବନୀ ଦେଇଛନ୍ତି ଯେ, ଯଦି ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ନକରନ୍ତି, ତେବେ ବଜାରରେ ଅଟା ମିଳିବା ଅସମ୍ଭବ ହୋଇପଡ଼ିବ। ମିଲ୍‌ଗୁଡ଼ିକରେ ଥିବା ଷ୍ଟକ୍ ଶେଷ ପର୍ଯ୍ୟାୟରେ। ଏହି ଅଭାବର ସୁଯୋଗ ନେଇ କଳାବଜାରୀମାନେ ଅଟାକୁ ମନଇଚ୍ଛା ଦରରେ ବିକ୍ରି କରିବା ଆରମ୍ଭ କଲେଣି। ସାଧାରଣ ଖାଉଟି ପାଇଁ ଏବେ ରୁଟି ଖାଇବା ଏକ ସ୍ୱପ୍ନ ପାଲଟିଲାଣି।ମିଲ୍ ମାଲିକମାନଙ୍କ ଦାବି ହେଉଛି ଯେ, ଏହି ପରମିଟ୍ ପ୍ରକ୍ରିୟାକୁ ପୁଣିଥରେ 'ଅନଲାଇନ୍' କରାଯାଉ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ମୌଖିକ ଆଦେଶ ଏବଂ ମନମାନୀ ପ୍ରକ୍ରିୟା ଦ୍ୱାରା ଭ୍ରଷ୍ଟାଚାର ବଢୁଛି। କିଛି ଅଧିକାରୀ ନିଜ ପକେଟ୍ ଗରମ କରିବା ପାଇଁ ସହରର ଖାଦ୍ୟ ସୁରକ୍ଷାକୁ ବିପଦକୁ ଠେଲି ଦେଉଛନ୍ତି।

ପାକିସ୍ତାନରେ ରାଜନୈତିକ ପରିସ୍ଥିତି ସବୁବେଳେ ସରଗରମ ଥାଏ। ଏଭଳି ସ୍ଥିତିରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ମରିୟମ ନୱାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ମିଲ୍ ମାଲିକ ଏବଂ ସାଧାରଣ ଜନତା ଏବେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଯଦି ସରକାର ଶୀଘ୍ର ଗହମ ଯୋଗାଣ ସ୍ୱାଭାବିକ ନକରନ୍ତି, ତେବେ ଦେଶରେ ଖାଦ୍ୟ ବିଦ୍ରୋହ କିମ୍ବା ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।ପାକିସ୍ତାନ ଆଜି ଏକ ଏମିତି ଛକରେ ଠିଆ ହୋଇଛି, ଯେଉଁଠି ପରମାଣୁ ବୋମା ତ ଅଛି କିନ୍ତୁ ପେଟକୁ ରୁଟି ନାହିଁ। ଏହି ଖାଦ୍ୟ ସଙ୍କଟ ପାକିସ୍ତାନର ଭବିଷ୍ୟତ ପାଇଁ ଏକ ବଡ଼ ଚେତାବନୀ।

## ଦେଶକୁ ମିଳିଲା ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍ ନର୍ଦ୍ଦର୍ନ ରେଲୱେ ଅଧୀନରେ ହରିୟାଣାର ଜିନ୍ଦରୁ ସୋନିପତ୍ ମଧ୍ୟରେ ୮୯ କିଲୋମିଟର ରେଳ ଲାଇନରେ ଚାଲିବ। ପ୍ରଥମ ଥର ପାଇଁ ଭାରତରେ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବ। ଏହି ପ୍ରଯୁକ୍ତିବିଦ୍ୟା ବିଦ୍ୟୁତ୍ ଉତ୍ପାଦନ ପାଇଁ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ବ୍ୟବହାର କରିବ। ଏହି ପ୍ରକଳ୍ପରେ ହାଇଡ୍ରୋଜେନ୍ ସଂରକ୍ଷଣ ଓ ଇନ୍ଧନ ଭର୍ତ୍ତି ସୁବିଧା ମଧ୍ୟ ରହିଛି।ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଚଳନରେ ଜର୍ମାନୀ, ଜାପାନ, ଚୀନ୍ ଓ ଆମେରିକା ପରେ ଭାରତ ପଞ୍ଚମ ଦେଶ ହୋଇପାରିଛି। ଭାରତ ଏପରି ଟ୍ରେନ ଥିବା ଦେଶଗୁଡ଼ିକର ଏକ ସ୍ୱତନ୍ତ୍ର ଗୋଷ୍ଠୀରେ ସାମିଲ ହୋଇଛି। ଏହା ଭାରତକୁ ରେଳ କ୍ଷେତ୍ରରେ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସୁନିଶ୍ଚିତ କରିବାରେ ଏକ ଦୀର୍ଘ ଯାତ୍ରା କରିବ ବୋଲି ଟ୍ରେନ୍ ସେବା ଉଦଘାଟନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି। ପାଇଲଟ୍ ପ୍ରୋଜେକ୍ଟ ଭାବରେ ବିକଶିତ ଏହି ଟ୍ରେନ୍ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟା ପରୀକ୍ଷା କରିବାରେ ସାହାଯ୍ୟ କରିବ ଓ ଭାରତରେ ପରିବେଶ ଅନୁକୂଳ ରେଳ ଯାତ୍ରା ପାଇଁ ଭବିଷ୍ୟତ ଯୋଜନାକୁ ସମର୍ଥନ କରିବ। ବିଶ୍ୱର ପ୍ରଥମ ହାଇଡ୍ରୋଜେନ ଚାଳିତ ଯାତ୍ରୀବାହୀ ଟ୍ରେନ୍ ଆଲଷ୍ଟମ୍ କୋରାଡ଼ିଆ ଆଇଲିଣ୍ଟ, ଜର୍ମାନୀ ଆରମ୍ଭ କରିଥିଲା।

## ଋଷଠାରୁ ତୈଳ କିଣିବା ପାଇଁ ଭାରତ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ସପକ୍ଷରେ ଆମେରିକାର ୬୦ ସିନେଟର

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ଋଷଠାରୁ ତୈଳ କିଣିବା ପାଇଁ ଭାରତ ଓ ଅନ୍ୟ ଚାରିଟି ଦେଶ ଉପରେ ୧୦୦% ଶୁଳ୍କ ଲଗାଇବାର ପ୍ରସ୍ତାବିତ ନୂତନ ବିଲ୍ ?କୁ ୬୦ ଜଣ ଆମେରିକୀୟ ସିନେଟର ସମର୍ଥନ କରିଛନ୍ତି। ଋଷଠାରୁ ତୈଳ କ୍ରୟ ପାଇଁ ଭାରତ ଓ ଅନ୍ୟ ଚାରି ରାଷ୍ଟ୍ର ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ଥିବା ଏକ ନୂତନ ବିଲ୍ କୁ ପ୍ରାୟ ୬୦ ଜଣ ଆମେରିକୀୟ ସିନେଟର ସମର୍ଥନ କରିଛନ୍ତି। ଗୁରୁବାର ବିଲ୍‌କୁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିଛି ଓ ସିନେଟରେ ବିଲ୍ ସମର୍ଥକଙ୍କ ମତରେ ଏହା ଅଗଷ୍ଟ ପୂର୍ବରୁ ଗୃହୀତ ହୋଇପାରେ। ଭାରତ ବ୍ୟତୀତ ଚୀନ୍, ସ୍ଲୋଭାକିଆ, ହଙ୍ଗେରୀ ଓ ଆଜରବାଇଜାନ ଉପରେ ଆମେରିକା ଟାର୍ଗେଟ କରିଛି। ସିନେଟରେ ସଂଖ୍ୟାଗରିଷ୍ଠ ରିପବ୍ଲିକାନ୍ ଦଳର ନେତା ସିନେଟର ଜନ୍ ଥୁନ୍ ବିଲ୍‌ର ଜଣେ ପ୍ରମୁଖ ସମର୍ଥକ ଭାବରେ ସ୍ୱାକ୍ଷର କରିଛନ୍ତି। ଆମେରିକା ଉପର ସଦନରେ ବିଲ୍ ?ଟି ଗୃହୀତ କରାଇପାରେ। ଋଷ୍ ଉପରେ କଟକଣା ସମ୍ପର୍କିତ ଏହି ବିଲ୍ ଟ୍ରମ୍ପ ପ୍ରଶାସନକୁ ଋଷଠାରୁ ତୈଳ କିମ୍ବା ପ୍ରାକୃତିକ ଗ୍ୟାସର ପାଞ୍ଚଟି ପ୍ରମୁଖ କ୍ରୟ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ଅଧିକାର ପ୍ରଦାନ କରିବାର ପ୍ରସ୍ତାବ ରଖିଛି।

# ସେନ୍‌ସେକ୍ସରେ ୯୬୫ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ଭାରତୀୟ ଷ୍ଟକ୍ ବଜାରରେ ଆଜି ଉତ୍ସାହଜନକ କାରବାର ହୋଇଥିଲା। ନିବେଶକମାନେ ସୂଚନା ପ୍ରଯୁକ୍ତି ଓ ବ୍ୟାଙ୍କଗୁଡିକର ସେୟାର ଅଧିକ ପରିମାଣରେ କିଣିଥିଲେ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଆର୍ଥିକ ଫଳାଫଳ ଉଲ୍ଲେଖନୀୟ ରହିଥିବାରୁ କର୍ପୋରେଟ୍ ଜଗତର ସ୍ଥିତି ଭଲ ଥିବା ଆଶା କରି ନିବେଶକମାନେ ଆଜି ସେୟାର କିଣିଥିଲେ। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୬୪.୫୮ ପଏଣ୍ଟ ବୃଦ୍ଧି ପାଇ ୭୮,୧୫୧.୪୫ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୨୬୧.୫୫ ପଏଣ୍ଟ ବୃଦ୍ଧି ପାଇ ୨୩,୩୩୪.୩୦ ପଏଣ୍ଟରେ ବନ୍ଦ ହୋଇଛି।ଆଜି ଷ୍ଟକ୍ କାରବାରରେ ସାମିଲ ହୋଇଥିବା ୧୬୩୨ଟି କମ୍ପାନିର ସେୟାର ମୂଲ୍ୟ ବଢିଥିଲା ଓ ୨୪୧୯ଟି କମ୍ପାନିର ସେୟାର ମୂଲ୍ୟ କମିଥିଲା। ବଡ ବଡ ସଂସ୍ଥାଗୁଡିକର ସେୟାର ମୂଲ୍ୟ ବଢିବାରୁ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ଏଭଳି ବଡ ଧରଣର ବୃଦ୍ଧି ଘଟିଥିଲା। ଟେକ୍ ମହିନ୍ଦ୍ରାର ଆର୍ଥିକ ଫଳାଫଳ ଆଶାଠାରୁ ଭଲ ରହିବାରୁ ନିବେଶକମାନେ ପୁଣି ଥରେ ସୂଚନା ପ୍ରଯୁକ୍ତି ଷ୍ଟକ୍‌ରେ ନିବେଶ ଆରମ୍ଭ କରିଥିଲେ। ସେଥିପାଇଁ ଆଜି ଟେକ୍ ମହିନ୍ଦ୍ରା ଓ ଟିସିଏସ୍ ସେୟାର ମୂଲ୍ୟରେ ୩ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଥିଲା। ଆର୍ଥିକ ସଂସ୍ଥାଗୁଡିକ ମଧ୍ୟରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ବଜାଜ ଫାଇନାନ୍ସର ସେୟାର ମୂଲ୍ୟ ବଢିଥିଲା।

## ଏନ୍‌ଡିଏ ସଂସଦୀୟ ଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ'

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ଜୁଲାଇ ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଜୁଲାଇ ୨୧ ତାରିଖ ସକାଳ ୯.୩୦ରେ ସଂସଦ ଭବନରେ ଏନ୍‌ଡିଏ ସଂସଦୀୟ ଦଳ ବୈଠକ ରହିଛି। ତେବେ ଏଣିକି ଏନ୍‌ଡିଏ ସଂସଦୀୟ ଦଳ ବେ?ଠକର ନାଁ ରହିବ 'ମଙ୍ଗଳ ମିଳନ'। ସଂସଦ ଅଧିବେଶନ ସମୟରେ ପାରମ୍ପରିକ ଭାବେ ମଙ୍ଗଳବାର ହେଉଥିବା ବେ?ଠକକୁ ସଂସଦୀୟ ଦଳ ବୈଠକ କୁହାଯାଏ। ଏହି ବୈଠକର ଏବେ ନୂଆ ନାଁ ରହିବ 'ମଙ୍ଗଳ ମିଳନ'। ସରକାରୀ ସୂତ୍ର ଅନୁଯାୟୀ ରଣନୀତିଜ୍ଞମାନେ ଏବେ ପୂର୍ଣ୍ଣ ବିଶ୍ୱସ୍ତ ଯେ ଶାସକ ମେଣ୍ଟର ଗୃହରେ ଆବଶ୍ୟକୀୟ ସଂଖ୍ୟା ରହିଛି। ଯେତେବେଳେ ଆବଶ୍ୟକ ପଡିବ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ବିଲ୍ ଗୃହୀତ କରିବାପାଇଁ ମଧ୍ୟ ଏନ୍‌ଡିଏ ମେଣ୍ଟ ପାଖରେ ସଂଖ୍ୟା ରହିଛି। ନିକଟରେ ଏନ୍‌ସିପିସିଆଇରେ ଯୋଗ ଦେଇଥିବା ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସରକାରୀ ସ୍ୱୀକୃତି ମିଳିବ। ଯଦି ସେମିତି ହୁଏ ସର୍ବ ଦଳୀୟ ବୈଠକକୁ ମଧ୍ୟ ଉକ୍ତ ଦଳକୁ ନିମନ୍ତ୍ରଣ କରାଯିବ। ଅନ୍ୟପକ୍ଷେ ଆଜି ଦିନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଏକ ଉଚ୍ଚ ସ୍ତରୀୟ ବୈଠକ କରିଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଏନ୍‌ଡିଏର ରଣନୀତି କ'ଣ ରହିବ ସେନେଇ ଏହି ବୈଠକରେ ଆଲୋଚନା ହୋଇଛି।

# ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନଆୟୋଗଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ଏକ ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ତଲବ କରିଛନ୍ତି। ଏହି ଜନସ୍ୱାର୍ଥ ମାମଲାରେ ରାଜ୍ୟରେ ଭୋଟରଲିଷ୍ଟ ଗହନ ପୁନରୀକ୍ଷଣ (ଏସଆଇଆର) କାଳରେ ହଟିଥିବା ଭୋଟର ଓ ରୁଜୁ ହୋଇଥିବା ଦାବି, ଆପତ୍ତିର ବିଧାନସଭା ନିର୍ବାଚନମଣ୍ଡଳି ଅନୁସାରେ ସାର୍ବଜନିକ କରିବାକୁ ଦାବି କରାଯାଇଛି। ଏହି ଜନସ୍ୱାର୍ଥ ମାମଲା ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ଏସଆଇଆର କମିଟି ଚେୟାରମ୍ୟାନ ପ୍ରସେନଜିତ ବୋସ ରୁଜୁ କରିଛନ୍ତି।ଏହି ଆବେଦନର ଶୁଣାଣି ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ବେଞ୍ଚରେ ହୋଇଛି।



ଓକିଲ ନେହା ରାଠୀଙ୍କ ଦ୍ୱାରା ରୁଜୁ ପିଟିସନରେ ପଶ୍ଚିମବଙ୍ଗ ଏସଆଇଆର ସମ୍ପର୍କିତ ବିଧାନସଭା ନିର୍ବାଚନମଣ୍ଡଳି ଅନୁସାରେ ତଥ୍ୟ ମଗା ଯାଇଛି। ଏଥିରେ ଫର୍ମ ୬ ଓ ୭ (ରୁଜୁ, ସ୍ୱୀକାର ଓ ଖାରଜ) ର ସଂଖ୍ୟା ଓ ଅପିଲୀୟ ଟ୍ରିବ୍ୟୁନାଲରେ ଲମ୍ବିତ ଅପିଲ ଓ ଏହାର ସମାଧାନ ସମ୍ପର୍କରେ ସୂଚନା ମଗା ଯାଇଛି। ବୋସଙ୍କ ପକ୍ଷରୁ ହାଜର ବରିଷ୍ଠ ଓକିଲ ଗୋପାଲ ଶଙ୍କର ନାରାୟଣନ କହିଛନ୍ତି ଯେ ହଟା ଯାଇଥିବା ଭୋଟରଙ୍କ ଦାବି ଓ ଆପତ୍ତି ଲାଗି ଗଠିତ ୧୮ ଟ୍ରିବ୍ୟୁନାଲ ଯେଉଁଭଳି କାମ କରୁଛନ୍ତି ସେଥିରେ ବ୍ୟବହାରିକ ସ୍ତରରେ ତ୍ରୁଟି ବଢୁଥିବା ବେଳେ ବିଳମ୍ବ ମଧ୍ୟ ହେଉଛି।ବେଞ୍ଚ ବିହାର ଏସଆଇଆର ଦିଆଯାଇଥିବା ରାୟର ଉଲ୍ଲେଖ କରି କହିଛନ୍ତି ଯେ 'ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ଏହା ଯେ ଯେବେ କୌଣସି ଟ୍ରିବ୍ୟୁନାଲ ଏହା କହେ ଯେ କୌଣସି ବ୍ୟକ୍ତି ଏସଆଇଆର ଲିଷ୍ଟରେ ରହି ପାରିବେନି, ତେବେ ଇସିଙ୍କୁ ନାଗରିକତା ଅଧିନିୟମ ଅନୁସାରେ ତାଙ୍କ ନାଗରିକତା ନିର୍ଦ୍ଧାରଣ ଲାଗି ମାମଲାକୁ କେନ୍ଦ୍ରୀୟ ମନ୍ତ୍ରାଳୟକୁ ପଠାଇବାକୁ ହେବ'। ବେଞ୍ଚ କହିଛନ୍ତି ଯେ ନାଗରିକତା ସମ୍ପର୍କରେ ନିଷ୍ପତ୍ତି ନେବାକୁ ନିର୍ବାଚନ ଆୟୋଗ ସାମ୍ବିଧାନିକ ଅଥରିଟି ନୁହନ୍ତି। କେବଳ ଭୋଟର ଲିଷ୍ଟ ଉପରେ ନିୟନ୍ତ୍ରଣ ଓ ଦେଖରେଖ ନିର୍ବାଚନ ଆୟୋଗଙ୍କ କାମ। ବରିଷ୍ଠ ଓକିଲ କହିଛନ୍ତି ଯେ ୩୩.୫ ଲକ୍ଷ ଆବେଦନ ଏବେବି ଲମ୍ବିତ ରହିଛି। ସେହିପରି ଯେଉଁ କ୍ଲେମର ସମାଧାନ ହୋଇଛି ସେଥିରୁ ୭୦ ପ୍ରତିଶତ ଦାବି ସ୍ୱୀକାର କରାଯାଇଛି। ଓକିଲ କହିଛନ୍ତି ଯେ ଏଥି ପାଇଁ ଲୋକଙ୍କୁ ପିଡିଏସ୍ ଓ ଅନ୍ୟ ଯୋଜନାରୁ ବାହାରେ ରଖା ଯାଇଛି। ଏସଆଇଆର ପ୍ରସଙ୍ଗରେ ବେଞ୍ଚ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଲମ୍ବିତ ପିଟିସନ ଓ ଏହି ମାମଲାକୁ ଅଗଷ୍ଟ ୨୫ରେ ଶୁଣାଣି କରିବାକୁ ତାରିଖ ପକାଇଛନ୍ତି। ପିଟିସନମାନଙ୍କରେ ସମ୍ବିଧାନର ଆର୍ଟିକ୍‌ଲ ୧୪, ୧୯ ଓ ୨୧ ଅନୁସାରେ ଅଧିକାରଗୁଡିକୁ ଲାଗୁ କରିବା ପାଇଁ ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟା କାଳରେ ଗଣନା ପର୍ଯ୍ୟାୟରେ ୫୮ଲକ୍ଷରୁ ଅଧିକ ଭୋଟରଙ୍କ ନାମ ହଟାଇ ଦିଆଯାଇଛି।

## ମୁର୍ସିଦାବାଦରେ ସ୍କୁଲ ଭ୍ୟାନକୁ ଧକ୍କା ଦେଲା ଟ୍ରେନ

# ୩ ଛାତ୍ର ମୃତ, ୪ ଗୁରୁତର


**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ପଶ୍ଚିମବଙ୍ଗରେ ଏକ ଦୁଃଖଦ ଘଟଣାକ୍ରମରେ ମୁର୍ସିଦାବାଦ ଜିଲ୍ଲାର ଆଜିମଗଞ୍ଜ-କଟୱା ସେକ୍ସନର କର୍ଣ୍ଣସୁବର୍ଣ୍ଣ ଷ୍ଟେସନ ଓ ଗୋବିନ୍ଦପୁର ରେଳ ଫାଟକ ମଧ୍ୟରେ ଶୁକ୍ରବାର ଏକ ଲୋକାଲ ଟ୍ରେନ ସ୍କୁଲ ଭ୍ୟାନ୍‌କୁ ଧକ୍କା ଦେବାରୁ ତିନି ଜଣ ସ୍କୁଲ ଛାତ୍ର ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ସକାଳ ୭ଟାରେ ହୋଇଥିଲା। ଅନ୍ୟ ଚାରି ଜଣ ଛାତ୍ର ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ନିମତିତା-କାଟୱା ଲୋକାଲ୍ ଟ୍ରେନ୍ ଡାଉନ୍ ଲାଇନରେ ଯାତ୍ରା କରୁଥିବା ସମୟରେ ଏକ ଖୋଲା ଲେଭଲ୍ କ୍ରସିଂରେ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ଅନୁଯାୟୀ ହାଓଡ଼ା ଯାଉଥିବା ନବଦ୍ୱୀପ ଏକ୍ସପ୍ରେସ୍ ଅପ୍ ଲାଇନ ଦେଇ ଯିବା ପରେ ଗୋବିନ୍ଦପୁର ରେଳ ଫାଟକ ଖୋଲା ରହିଥିଲା। ଏକ ଘରୋଇ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଯାଉଥିବା ଭ୍ୟାନ୍ ଓ ଜଣେ ସାଇକେଲ ଆରୋହୀ ଫାଟକ ଖୋଲା ଥିବାରୁ ସେହି ରାସ୍ତା ଦେଇ ରେଳଲାଇନ ପାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଆସୁଥିବା ଲୋକାଲ ଟ୍ରେନ୍ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ସ୍ଥାନୀୟ ବାସିନ୍ଦାମାନେ ଗାଡ଼ିରୁ ଆହତମାନଙ୍କୁ ବାହାର କରିଥିଲେ। ଆହତମାନଙ୍କୁ ପ୍ରଥମେ କର୍ଣ୍ଣସୁବର୍ଣ୍ଣ ବ୍ଲକ ହସ୍ପିଟାଲକୁ ନିଆଯାଇଥିଲା ଓ ପରେ ଗୁରୁତର ଅବସ୍ଥାରେ ଥିବା ଲୋକଙ୍କୁ ମୁର୍ସିଦାବାଦ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରେଳଫାଟକ ଗେଟମ୍ୟାନଙ୍କ ଦାୟିତ୍ୱହୀନତା ଓ ଅବହେଳା ଦୁର୍ଘଟଣା ଘଟିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅସନ୍ତୋଷକୁ ଦେଖି ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଇଛି। ପୁଲିସ ଓ ରେଳ କର୍ତ୍ତୃପକ୍ଷ ଉଭୟ ପୃଥକ ଭାବରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବିହାର ନିର୍ବାଚନ ପୂର୍ବରୁ ଆର୍‌ଜେଡିକୁ ଝଟ୍‌କା

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)କୁ ଏକ ବଡ଼ ରାଜନୈତିକ ଧକ୍କା ଲାଗିଛି। ଦଳର ଜଣାଶୁଣା ଚେହେରା ତଥା ମୁଖ୍ୟ ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ ଆର୍‌ଜେଡିର ପ୍ରାଥମିକ ସଦସ୍ୟତା ପଦରୁ ସାଙ୍ଗଠନିକ ବିବାଦ କାରଣରୁ ଇସ୍ତଫା ଦେଇଛନ୍ତି।ଇସ୍ତଫା ଦେବା ପରେ ସେ ଦଳର ଶୀର୍ଷ ନେତୃତ୍ୱ ଏବଂ ଆଭ୍ୟନ୍ତରୀଣ ସଂଗଠନ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତିୱାରୀ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବର୍ତ୍ତମାନ ଏଭଳି କିଛି ଚାଟୁକାର ଲୋକଙ୍କ ଦ୍ୱାରା ଘେରି ରହିଛନ୍ତି, ଯେଉଁମାନେ ଦଳକୁ ବରବାଦ କରିଦେଇଛନ୍ତି। ମୃତ୍ୟୁଞ୍ଜୟଙ୍କ ଏହି ନିଷ୍ପତ୍ତି ଆର୍‌ଜେଡି ପାଇଁ ଆଗାମୀ ନିର୍ବାଚନରେ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।ମୃତ୍ୟୁଞ୍ଜୟ ତିୱାରୀଙ୍କୁ ଦୀର୍ଘ ଦିନ ଧରି ତେଜସ୍ୱୀ ଯାଦବଙ୍କ ଅତି ନିକଟତର ଏବଂ ଜଣେ ଭରସାଯୋଗ୍ୟ ନେତା ଭାବେ ଗଣାଯାଉଥିଲା। ଗଣମାଧ୍ୟମ ଏବଂ ସାଧାରଣ ସଭାଗୁଡ଼ିକରେ ସେ ସବୁବେଳେ ଦଳର ଆଭିମୁଖ୍ୟକୁ ଦୃଢ଼ ଭାବେ ଉପସ୍ଥାପନ କରୁଥିଲେ। ଇସ୍ତଫା ପରେ ନିଜର ଦୁଃଖ ପ୍ରକାଶ କରି ସେ କହିଛନ୍ତି ଯେ, ଦଳରେ ବର୍ତ୍ତମାନ ମୋ ଭଳି ସମର୍ପିତ ଏବଂ ନିଷ୍ଠାବାନ କର୍ମକର୍ତ୍ତାଙ୍କ ପାଇଁ କୌଣସି ସମ୍ମାନ ନାହିଁ।ଦଳ ଭିତରେ ଚାଲିଥିବା ଅନିୟମିତତା ବିଷୟରେ ମୁଁ ବାରମ୍ବାର ତେଜସ୍ୱୀ ଯାଦବଙ୍କୁ ଜଣାଇଥିଲି ଏବଂ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲି, ମାତ୍ର ସେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ଅପମାନିତ ହୋଇ ରାଜନୀତି କରିବା ମୋ ପାଇଁ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

# ସରିନି କରୋନା ବିପଦ ! ଚୀନରେ ବଢୁଛି ସଂକ୍ରମଣ

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ସରିନି ବିପଦ, ଚୀନରେ ପୁଣି ମାଡୁଛି କରୋନା । ଭାରତର କେତେକ ରାଜ୍ୟରେ ବି ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ୨୦୨୦ରେ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା କରୋନା ମହାମାରୀର ଏବେ ପୂର୍ବଭଳି ସ୍ଥିତି ନାହିଁ ସତ, କିନ୍ତୁ ଏହି ମାରାତ୍ମକ ଭୂତାଣୁର ବିପଦ ସମ୍ପୂର୍ଣ୍ଣ ଟଳିନାହିଁ । ଭୂତାଣୁର କ୍ରମାଗତ ମ୍ୟୁଟେସନ୍ କାରଣରୁ ନୂଆନୂଆ ଭାରିଆଣ୍ଟ ସାମ୍ନାକୁ ଆସୁଛି । ଏବେ ଚୀନରେ ସଂକ୍ରମଣ ବଢ଼ିବା ସହ ଭାରତର ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି । ଆନ୍ଧ୍ରପ୍ରଦେଶରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ଗତ ଜୁନ୍ ମାସରେ ଚୀନରେ ୭୯ ହଜାର କରୋନା ମାମଲା ଚିହ୍ନଟ ହୋଇଥିଲା ।ଚୀନ୍ ସ୍ୱାସ୍ଥ୍ୟ ବିଭାଗର କହିବା କଥା ଯେ, ଦେଶରେ କୋଭିଡ୍ ପ୍ରକୋପ ବର୍ତ୍ତମାନ ନିମ୍ନ ସ୍ତରରେ ରହିଛି । ଏପର୍ଯ୍ୟନ୍ତ କୌଣସି ନୂଆ ସାଂଘାତିକ ଭାରିଆଣ୍ଟ ମିଳିନାହିଁ । କିଛି ଦିନ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୧୨ଟି ସକ୍ରିୟ ମାମଲା ସାମ୍ନାକୁ ଆସିଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି । ମୁମ୍ବାଇ ଏବଂ ଉତ୍ତରପ୍ରଦେଶରୁ ମଧ୍ୟ କୋଭିଡ୍‌ର ନୂଆ ମାମଲା ଚିହ୍ନଟ ହୋଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, କୋଭିଡ୍ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । କେବଳ ସାଧାରଣ ସତର୍କତା ଅବଲମ୍ବନ କରି ଆମେ ଏଥିରୁ ରକ୍ଷା ପାଇପାରିବା । ନିୟମିତ ସାବୁନରେ ହାତ ଧୁଅନ୍ତୁ । କାଶିବା କିମ୍ବା ଛିଙ୍କିବା ସମୟରେ ପାଟି ଓ ନାକକୁ ରୁମାଲ୍ ବା ଟିସୁରେ ଘୋଡ଼ାଇ ରଖନ୍ତୁ । ଥଣ୍ଡା, ଜ୍ୱର, କାଶ, ଗଳା ବ୍ୟଥା କିମ୍ବା ନିଃଶ୍ୱାସ ନେବାରେ କଷ୍ଟ ହେଲେ ଏହାକୁ ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।



# ବହୁ ଆମେରିକୀୟ ଯୁଦ୍ଧ ବିମାନ ଧ୍ୱଂସ କଲା ଇରାନ

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):** ଆମେରିକାର ଅନେକ ଯୁଦ୍ଧବିମାନକୁ ଧ୍ୱଂସ କରିଥିବା ନେଇ ଇରାନ ଦାବି କରିଛି । ଏପରିକି ଆମେରିକାର ଅନ୍ୟ ଯୁଦ୍ଧ ବିମାନ କ୍ଷତିଗ୍ରସ୍ତ ହୋଇଛି ବୋଲି ଇରାନ ସେନା ପକ୍ଷରୁ କୁହାଯାଇଛି । ଇସଲାମିକ ରିପବ୍ଲିକ୍ ଅଫ୍ ଇରାନ ଉପରେ ଆମେରିକା ପକ୍ଷରୁ ଗତ ରାତିରେ ହୋଇଥିବା ଏୟାର ଷ୍ଟ୍ରାଇକ୍ (ବିମାନ ଆକ୍ରମଣ) ରେ ଅତିକମରେ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ ଏବେ ଜୋର୍ଡାନରେ ଅବସ୍ଥିତ ଆମେରିକାର ସାମରିକ ଘାଟି ଉପରେ ବାଲିଷ୍ଟିକ ମିସାଇଲ ଓ ଡ୍ରୋନ ଜରିଆରେ ପ୍ରତିଆକ୍ରମଣ କରିଥିବା ଦାବି କରିଛି। ଜୋର୍ଡାନର ସେନା ପକ୍ଷରୁ ଇରାନର ତିନୋଟି ମିସାଇଲକୁ ଆକାଶରେ ଖସାଇ ଦିଆଯାଇଥିବା ନେଇ ସୂଚନା ଦିଆଯିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଇରାନ ଏହି ଆକ୍ରମଣ କରିଛି ।ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ଏକ ବିବୃତ୍ତି ଜାରି କରି କହିଛି ଯେ, ସେନା ଆମେରିକାର ଅନେକ ଇନ୍ଧନ ଭରୁଥିବା ବିମାନ (refuelling aircraft) ଏବଂ ଫାଇଟର ଜେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ଏହା ସହିତ ଅନ୍ୟ କେତେକ ବିମାନର ବ୍ୟାପକ କ୍ଷତି ହୋଇଛି । ଇରାନ ସେନା ଜୋର୍ଡାନର ସାଧାରଣ ନାଗରିକମାନଙ୍କୁ ଆହ୍ୱାନ କରି କହିଛି ଯେ, ସେମାନଙ୍କ ଦେଶରେ ଥିବା ଆକ୍ରମଣକାରୀ ତଥା ଇସଲାମ-ବିରୋଧୀ ଆମେରିକୀୟଙ୍କ ସ୍ୱାର୍ଥ ଓ ସମ୍ପତ୍ତିକୁ ଟାର୍ଗେଟ କରନ୍ତୁ ।ଇରାନର ଗଣମାଧ୍ୟମ ଅନୁଯାୟୀ, IRGC ସିରିଆର ଅଲ-ତାନଫ୍ ସ୍ଥିତ ଆମେରିକାର ଏକ ସ୍ୱ?ଶାଲ ଅପରେସନ କମାଣ୍ଡ ସେଣ୍ଟର ଉପରେ ମଧ୍ୟ ଆକ୍ରମଣ କରିଛି। ସିରିଆ ସରକାର କିମ୍ବା ଆମେରିକା ସେନା ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳିନାହିଁ।ଉଲ୍ଲେଖଯୋଗ୍ୟ ଯେ, ଆମେରିକା ସେନା ଗତ ଫେବୃଆରୀ ମାସରେ ହିଁ ସିରିଆ, ଜୋର୍ଡାନ ଏବଂ ଇରାକର ସୀମାନ୍ତରେ ଥିବା ଏହି ଅଲ-ତାନଫ୍ ସାମରିକ ଘାଟିରୁ ନିଜର ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଶେଷ କରିଥିବା ନେଇ କହିଥିଲା । ସିରିଆ ବର୍ତ୍ତମାନ ଏହି ଆଞ୍ଚଳିକ ମହାଯୁଦ୍ଧରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି, ଯେଉଁଥିରେ ପଡ଼?ଶୀ ଲେବାନନ ଏବଂ ଇରାକ ସାମିଲ ହୋଇସାରିଛନ୍ତି।

ଅପରପକ୍ଷରେ, ଇରାକର କୁର୍ଦ୍ଦିଶ ଅଞ୍ଚଳରେ ଥିବା ଇରବିଲ ଏବଂ ସୁଲେମାନିୟା ସହରରେ ଶତ୍ରୁପକ୍ଷର ମିସାଇଲ ମାଡ଼କୁ ପ୍ରତିହତ କରିବା ସମୟରେ ବ୍ୟାପକ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଏହି ଆକ୍ରମଣରେ ଇରାନର କୁର୍ଦ୍ଦିଶ ବିଦ୍ରୋହୀ ଗୋଷ୍ଠୀ 'କୋମାଲା'କୁ ଟାର୍ଗେଟ କରାଯାଇଥିବା ଜଣାପଡ଼ିଛି, ଯେଉଁଥିରେ ପ୍ରାୟ ୯ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ଇରାନ ଏହି ଆକ୍ରମଣର ଦାୟିତ୍ୱ ସିଧାସଳଖ ନେଇନଥିଲେ ମଧ୍ୟ ପୂର୍ବରୁ ଅନେକ ସମୟରେ ସେ କୋମାଲା ଗୋଷ୍ଠୀ ଉପରେ ଆକ୍ରମଣ କରିଆସିଛି।

## ବଦ୍ରିନାଥ ମନ୍ଦିର ପୂର୍ବ ଅଧିକାରୀଙ୍କୁ ଗିରଫ କଲା ଏସଆଇଟି

**ନୂଆଦିଲ୍ଲୀ,୧୭।୭(ଏଜେନ୍ସି):**ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଥିବା ବଦ୍ରିନାଥ ଧାମରୁ ଦାନ ପାଣ୍ଠି ଚୋରି ମାମଲାରେ ଏସଆଇଟି ଆଜି ବଡ କାର୍ଯ୍ୟାନୁଷ୍ଠାନ ନେଇଛି । ଏସଆଇଟି ତରଫରୁ ବଦ୍ରି କେଦାର ମନ୍ଦିର କମିଟିର ପୂର୍ବ ଅଧିକାରୀ ରାଜେନ୍ଦ୍ର ସିଂ ଚୌହ୍ୱାନଙ୍କୁ ଗିରଫ କରାଯାଇଛି ।ସୂଚନା ମୁତାବକ ରାଜେନ୍ଦ୍ର ସିଂ ଚୌହ୍ୱାନ ଜୁନ ୩୦ ତାରିଖରେ ନିଜ ପଦରୁ ଅବସର ନେଇଥିଲେ । ଅବସର ନେବାର କିଛି ଦିନ ମଧ୍ୟରେ ଏସଆଇଟି ତରଫରୁ ତାଙ୍କୁ ବଦ୍ରିନାଥ ମନ୍ଦିରରୁ ଦାନ ଚୋରି ମାମଲାରେ ଗିରଫ କରାଯାଇଛି । ଏହି ମାମଲାର ଯାଂଚ ଏସଆଇଟି କରୁଛି । ଯାଂଚରୁ ମିଳିଥିବା ତଥ୍ୟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । ଏବେ ରାଜେନ୍ଦ୍ର ସିଂ ଚୌହ୍ୱାନଙ୍କୁ ଜେରା କରାଯାଉଛି । ଜେରା ପରେ ଏହି ମାମଲାରେ ଆହୁରି ଅନେକ କିଛି ଖୁଲାସା ହେବ ବୋଲି ଆଶା କରାଯାଉଛି ।ସୋସିଆଲ ମିଡିଆରେ ବଦ୍ରିନାଥ ମନ୍ଦିରରୁ ଦାନଅର୍ଥ ଗଣତି ବେଳେ ଚୋରି ହୋଇଥିବା ନେଇ ବିଭିନ୍ନ ଭିଡିଓ ଭାଇରାଲ ହୋଇଥିଲା । ଏହାପରେ ଭୈରବ ସେନା ନାମରେ ଏକ ସଂଗଠନ ଏନେଇ ଥାନାରେ ଅଭିଯୋଗ କରିବା ପରେ ଯାଂଚ ଆରମ୍ଭ ହୋଇଥିଲା ।



# ବେଙ୍ଗାଲୁରୁରେ ଦି ପରଫର୍ମାନ୍ସ ଇନଷ୍ଟିଚ୍ୟୁଟ୍‌ର ଶୁଭାରମ୍ଭ ପାଇଁ ଆକ୍ସିସ୍ ବ୍ୟାଙ୍କ ଓ ଗୋସ୍ପୋର୍ଟସ୍ ଫାଉଣ୍ଡେସନ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ଭାରତର କ୍ରୀଡ଼ା ବିଜ୍ଞାନ ଦକ୍ଷତାକୁ ବଢ଼ାଇବା ଓ ଭାରତୀୟ କ୍ରୀଡ଼ାର ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଯୋଗଦାନ ଦେଉଥିବା ଉନ୍ନତ ଗବେଷଣା ଓ ନବସୃଜନକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ବେଙ୍ଗାଲୁରୁରେ ଆକ୍ସିସ୍ ବ୍ୟାଙ୍କ-ଗୋସ୍ପୋର୍ଟସ୍ ଫାଉଣ୍ଡେସନ 'ଦି ପରଫର୍ମାନ୍ସ ଇନଷ୍ଟିଚ୍ୟୁଟ (ଏଜିଟିପିଆଇ)ର ଶୁଭାରମ୍ଭ ନିମନ୍ତେ ଆକ୍ସିସ୍ ବ୍ୟାଙ୍କ ଓ ଗୋସ୍ପୋର୍ଟସ୍ ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ବେଙ୍ଗାଲୁରୁର ଅତ୍ୟାଧୁନିକ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ରରେ ଏଜିଟିପିଆଇ ରହିବ। ଏହା କ୍ରୀଡ଼ାବିତଙ୍କ ପ୍ରଦର୍ଶନ, ପ୍ରତିଭା ଚିହ୍ନଟ, ଭାରତୀୟ କ୍ରୀଡ଼ା ବିଜ୍ଞାନ ଓ ଔଷଧର ଦକ୍ଷତା ଗଠନ ଏବଂ ଭାରତୀୟ କ୍ରୀଡ଼ାବିତଙ୍କ ଉପରେ ଗୁରୁତ୍ୱ ଦେଇ ବିଶ୍ଳେଷଣ ଓ ଗବେଷଣା ଉପରେ ଆଲୋକପାତ କରିବ। ପ୍ରତିଷ୍ଠାତା ସହଯୋଗୀ ଭାବେ ଆକ୍ସିସ ବ୍ୟାଙ୍କର ସିଏସ୍‌ଆର୍ ଅନୁଦାନକୁ ଏହି ଅନୁଷ୍ଠାନର ଗଠନ ଓ ଅଭିବୃଦ୍ଧି ପାଇଁ ପ୍ରଦାନ କରାଯିବ। ଗୋସ୍ପୋର୍ଟସ୍ ଫାଉଣ୍ଡେସନ ଏହାର ପରିଚାଳନା, କାର୍ଯ୍ୟକ୍ରମ କାର୍ଯ୍ୟକାରିତା ଓ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଦାୟିତ୍ୱରେ ରହିବ। ଏଜିଟିପିଆଇର ପିପୁଲ, ଆନାଲିଟିକ୍ସ ଓ ରିସର୍ଚ୍ଚ ଭଳି ତିନିଟି ସ୍ତମ୍ଭ ରହିବ। ପିପୁଲ ସ୍ତମ୍ଭ ତାଲିମ କାର୍ଯ୍ୟକ୍ରମ, ଫେଲୋସିପ୍, ମେଂଟରିସିପ ସୁଯୋଗ ଓ ପେସାଦାର ବିକାଶ ଜରିଆରେ ଭାରତୀୟ କ୍ରୀଡ଼ା ବିଜ୍ଞାନ ଓ ପ୍ରଦର୍ଶନ ଶକ୍ତି ବିକାଶ କରିବ। ଆନାଲିଟିକ୍ସରେ କ୍ରୀଡ଼ାବିତ ପରୀକ୍ଷଣ ଓ ଅନୁଶଇଳନ ବ୍ୟବସ୍ଥା ସ୍ଥାପନ କରାଯିବ ଯେଉଁଠାରେ ପ୍ରଦର୍ଶନର ପରୀକ୍ଷଣ, ବାୟୋମେକାନିକ୍ ଅନୁଶୀଳନ, ସୁଧାର ନିରୀକ୍ଷଣ, ଆଘାତ ବିପଦ ଅନୁଶୀଳନ ଓ ଡାଟା ଆଧାରିତ ପ୍ରଦର୍ଶନ ଯୋଜନା ଉପରେ ଧ୍ୟାନ ଦିଆଯିବ। ରିସର୍ଚ୍ଚ ସ୍ତମ୍ଭରେ ପ୍ରୟୋଗାତ୍ମକ ବିଜ୍ଞାନ, ନବସୃଜନ, ଶିଳ୍ପ ଓ ବିଶ୍ୱବିଦ୍ୟାଳୟ ସହଯୋଗିତା ଓ ଜ୍ଞାନ ଆଦାନପ୍ରଦାନ ଜରିଆରେ ସ୍ୱଦେଶୀ କ୍ରୀଡ଼ା ବିଜ୍ଞାନ ଜ୍ଞାନ ସୃଷ୍ଟି କରିବାକୁ ଉଦ୍ୟମ କରାଯିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ମୁଖ୍ୟ-ହୋଲ୍‌ସେଲ୍ ବ୍ୟାଙ୍କ କଭରେଜ, କର୍ପୋରେଟ୍ ସାଲାରି, ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ବିଜୟ ମୁଲବାଗଲ କହିଛନ୍ତି ଯେ, 'ଭାରତୀୟ କ୍ରୀଡ଼ା ଅଭିଳାଷ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି ଓ ବିଶ୍ୱସ୍ତରରେ ଭାରତୀୟ




କ୍ରୀଡ଼ାବିତଙ୍କ ନିରନ୍ତର ସଫଳତାକୁ ସୁନିଶ୍ଚିତ କରିବା ପାଇଁ କେବଳ ପ୍ରତିଭା ଓ ତାଲିମ ନୁହେଁ, ବରଂ ଘରୋଇ କ୍ରୀଡ଼ା ବିଜ୍ଞାନ ଓ ଔଷଧର ଦୃଢ଼ ମୁଳଦୁଆ ଆବଶ୍ୟକ। କ୍ରୀଡ଼ା କ୍ଷେତ୍ରରେ ଭାରତର ସଫଳତା ବୃଦ୍ଧି ପାଉଥିଲେ ମଧ୍ୟ ଏହା ମୁଖ୍ୟତଃ ବିଦେଶୀ ପ୍ରଦର୍ଶନ ତଥ୍ୟ ଓ ମାନଦଣ୍ଡ ଉପରେ ନିର୍ଭରଶୀଳ ରହିଛି ଯାହା ଭାରତୀୟ କ୍ରୀଡ଼ାବିତଙ୍କ ଆବଶ୍ୟକତା ଓ ବାସ୍ତବତା ସହ ସମ୍ପୂର୍ଣ୍ଣ ସମନ୍ୱିତ ହୋଇପାରୁନାହିଁ। ଏକ ଅନୁଷ୍ଠାନ ଗଢ଼ିବା ପାଇଁ ଆକ୍ସିସ୍ ବ୍ୟାଙ୍କରେ ଆମେ ଗୋସ୍ପୋର୍ଟସ୍ ଫାଉଣ୍ଡେସନ ସହିତ ସହଯୋଗିତା ସ୍ଥାପନ କରି ଗର୍ବିତ ମନେ କରୁଛୁ ଯାହା ଏକ ଦୃଢ଼ ଘରୋଇ କ୍ରୀଡ଼ା ବିଜ୍ଞାନ ପରିସଂସ୍ଥା ଗଠନ କରିବାରେ ଡାଟା, ଗବେଷଣା, ଆନାଲିଟିକ୍ସ ଓ ବିଶେଷତାକୁ ଏକାଠି କରିବାରେ ଅଗ୍ରଗାମୀ ଭୂମିକା ନିର୍ବାହ କରିବ। 'ଗୋସ୍ପୋର୍ଟସ୍ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ନନ୍ଦନ କାମତ କହିଛନ୍ତି ଯେ, 'ନିରନ୍ତର କ୍ରୀଡ଼ା ସଫଳତା ଦୃଢ଼ ମୁଳଦୁଆ ଉପରେ ଗଠିତକୁ ନେଇ ଥିବା ମିଳିତ ବିଶ୍ୱାସକୁ ଏହି ସହଯୋଗିତା ପ୍ରତିଫଳିତ କରୁଛି। ଶ୍ରେଷ୍ଠ ବ୍ୟବସ୍ଥାରୁ ଶ୍ରେଷ୍ଠ କ୍ରୀଡ଼ାବିତ ସୃଷ୍ଟି ହୋଇଥାନ୍ତି ଓ ସେହି ବ୍ୟବସ୍ଥାଗୁଡ଼ିକ ଲୋକ, ଜ୍ଞାନ ଓ ନିରନ୍ତର ନବସୃଜନ ଉପରେ ନିର୍ଭରଶୀ। ଆମର ଲକ୍ଷ୍ୟ ହେଉଛି ମିଳିତ ଭାବେ ଭାରତୀୟ କ୍ରୀଡ଼ା ପାଇଁ ଏକ ଦ୍ରୁତ, ଉଚ୍ଚ ଓ ଦୃଢ଼ ଭବିଷ୍ୟତ ଗଢ଼ିବା। ଗୋସ୍ପୋର୍ଟସ୍ ଫାଉଣ୍ଡେସନର ସିଇଓ ସୌଗତୋ ବାନାର୍ଜୀ କହିଛନ୍ତି ଯେ, 'ଭାରତୀୟ କ୍ରୀଡ଼ା ପରିସଂସ୍ଥାକୁ ସଶକ୍ତ କରିବା ପାଇଁ ଗୋସ୍ପୋର୍ଟସ୍ ଫାଉଣ୍ଡେସନର ଟ୍ରାକ୍ ରେକର୍ଡ ଓ ଭବିଷ୍ୟତ ପ୍ରତିବଦ୍ଧତା ଉପରେ ବିଶ୍ୱାସ କରିଥିବାରୁ ଆମେ ଆକ୍ସିସ୍ ବ୍ୟାଙ୍କକୁ କୃତଜ୍ଞତା ଜଣାଉଛି। ଦି ପରଫର୍ମାନ୍ସ ଇନଷ୍ଟିଚ୍ୟୁଟ୍ ଅଧୀନରେ ଆମେ ବିଭିନ୍ନ ଅଭିଯାନ ଘୋଷଣା କରିବାକୁ ଚାହିଁରହିଛୁ ଯାହା ଅଂଶଗ୍ରହଣରୁ ପୋଡିୟମ ପର୍ଯ୍ୟନ୍ତ ଭାରତୀୟ କ୍ରୀଡ଼ା ସମ୍ଭାବନାକୁ ଉଜାଗର କରିବ।'ସେଂଟର ଅଫ୍ ସ୍ପୋର୍ଟସ୍ ଏକ୍ସଲେନ୍ସର ପ୍ରତିଷ୍ଠାତା ଓ ପ୍ରମୋଟର ବିବେକ କୁମାର କହିଛନ୍ତି ଯେ, 'ପ୍ରତିଟି ପରିବାରକୁ ଶ୍ରେଷ୍ଠତା ହାସଲ କରିବାରେ ସହାୟକ ହେବା ପାଇଁ ସିଏସ୍‌ଇକୁ ଗଠନ କରାଯାଇଥିଲା। କ୍ରୀଡ଼ା ବିଜ୍ଞାନରେ ବିଶ୍ୱସ୍ତରୀୟ ଦକ୍ଷତା, ପରୀକ୍ଷଣ ଓ ଗବେଷଣା ଯୋଡ଼ି ଏଜିଟିପିଆଇ ସେହି ପରିବେଶକୁ ସୁଦୃଢ଼ କରିଛି। ଉକ୍ତ ଇନଷ୍ଟିଚ୍ୟୁଟ୍‌କୁ ସିଏସ୍‌ଇରେ ଖୋଲିବା ପାଇଁ ଚୟନ କରିଥିବାରୁ ଆମେ ଆକ୍ସିସ୍ ବ୍ୟାଙ୍କ ଓ ଗୋସ୍ପୋର୍ଟସ୍ ଫାଉଣ୍ଡେସନ ପ୍ରତି କୃତଜ୍ଞତା ଜଣାଉଛୁ।

# ନିଟ ୟୁଜି ୨୦୨୬ରେ ଆଲେନ୍ ଓଡ଼ିଶା କ୍ଲାସରୁମ୍ ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ଆଲେନ୍ ଓଡ଼ିଶା ନିଟ ୟୁଜି ୨୦୨୬ ପରୀକ୍ଷାରେ ପୁଣି ଥରେ ଅସାଧାରଣ ପ୍ରଦର୍ଶନ କରିଛି। ଏହାର କ୍ଲାସରୁମ୍ ଛାତ୍ରଛାତ୍ରୀମାନେ ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅନ୍ୱେଷା ସୁନ୍ଦରାୟ ୬୮୬ ମାର୍କ ରଖି ସର୍ବ ଭାରତୀୟ ର୍‍ୟାଙ୍କ (ଏଆଇଆର) ୧୭୦ ହାସଲ କରି ଓଡ଼ିଶା ଓ ଆଲେନ୍ ପରିବାର ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାରେ ଯୋଡ଼ି ହୋଇ ଆଲେନ୍ ଓଡ଼ିଶା କ୍ଲାସରୁମ୍ ପ୍ରୋଗ୍ରାମର ୮ ଜଣ ଛାତ୍ରଛାତ୍ରୀ ଶୀର୍ଷ ୨୦୦୦ ଏଆଇଆର ମଧ୍ୟରେ ର୍‍ୟାଙ୍କ ହାସଲ କରିଛନ୍ତି। ଏହା ଅନୁଷ୍ଠାନର କ୍ରମାଗତ ଶିକ୍ଷାଗତ ଶ୍ରେଷ୍ଠତା ଓ ଫଳାଫଳ ଆଧାରିତ ପ୍ରସ୍ତୁତିକୁ ପ୍ରତିଫଳିତ କରୁଛି। ଫଳାଫଳ ସଙ୍କଳନ ପ୍ରକ୍ରିୟା ଏବେ ମଧ୍ୟ ଚାଲିଛି ଓ ଆହୁରି ଅନେକ ଅସାଧାରଣ ପ୍ରଦର୍ଶନ ଯୋଡ଼ିହେବାର ଆଶା କରାଯାଉଛି। ଏପର୍ଯ୍ୟନ୍ତ ମିଳିଥିବା ଫଳାଫଳ ଆଧାରରେ ଆଲେନ୍ ଓଡ଼ିଶାର ସର୍ବାଧିକ ସଂଖ୍ୟକ କ୍ଲାସରୁମ୍ ଛାତ୍ରଛାତ୍ରୀ ସରକାରୀ ମେଡିକାଲ୍ କଲେଜ୍ ପାଇଁ ଚୟନ ହେବା ଆଶା କରାଯାଉଛି ଯାହା ରାଜ୍ୟରେ ମେଡିକାଲ୍ ଆଶାୟୀଙ୍କ ପାଇଁ ଏକ ଅଗ୍ରଣୀ କୋଚିଂ ଅନୁଷ୍ଠାନ ଭାବରେ ଆଲେନର ସ୍ଥାନକୁ ଆହୁରି ଦୃଢ଼ କରୁଛି। ଏହି ଅବସରରେ ଆଲେନର ଉପସଭାପତି ଓ ଜୋନାଲ୍ ମୁଖ୍ୟ ( ଓଡ଼ିଶା ଓ ପଶ୍ଚିମବଙ୍ଗ) ଶ୍ରୀ ରଜନୀଶ କୁମାର ଶ୍ରୀବାସ୍ତବ ସମସ୍ତ ସଫଳ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା ଓ ଶିକ୍ଷକମାନଙ୍କୁ ସେମାନଙ୍କର ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଫଳାଫଳ ସଙ୍କଳନ ଚୂଡ଼ାନ୍ତ ହେବା ବେଳକୁ ଆଲେନ୍ ଓଡ଼ିଶାର ସ୍ଥିତି ଏକ ଅଗ୍ରଣୀ ସଫଳତା ପ୍ରଦାନକାରୀ ଭାବେ



ଆହୁରି ଦୃଢ଼ ହେବ। ଆଲେନ୍ ଓଡ଼ିଶା ଗୁଣାତ୍ମକ ଶିକ୍ଷା, ବିଶେଷଜ୍ଞ ପରାମର୍ଶ ଓ ଏକ ପ୍ରତିଯୋଗିତାମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛି ଯାହା ଛାତ୍ରଛାତ୍ରୀମାନଙ୍କୁ ନିଟ ଭଳି ଜାତୀୟ ସ୍ତରର ପରୀକ୍ଷାଗୁଡ଼ିକରେ ଉତ୍କର୍ଷତା ହାସଲ କରିବାକୁ ସମର୍ଥ କରିଛି। ଫଳାଫଳ ସଙ୍କଳନ ପ୍ରକ୍ରିୟା ଜାରି ରହିଛି ଏବଂ ତାହା ଶେଷ ହେବା ପରେ ଚୂଡ଼ାନ୍ତ ତଥ୍ୟ ପ୍ରଦାନ କରାଯିବ। ଶୀର୍ଷ ୧୦ ମଧ୍ୟରେ ୫ ଜଣ ଓ ଶୀର୍ଷ ୧୦୦ ମଧ୍ୟରେ ୪୬ ଜଣ ଆଲେନ୍ ଛାତ୍ରଛାତ୍ରୀ ନିଟ ୟୁଜି ଫଳାଫଳରେ ଆଲେନର ଚମକ ଜାତୀୟ ଫଳାଫଳରେ ଆର୍ଯ୍ୟନ ଗୁପ୍ତା ଓ ପାନସୁଲ ବଂଶଲ ମିଳିତ ଭାବେ ୭୨୦ରୁ ୭୧୫ ନମ୍ବର ରଖିଛନ୍ତି। ଟାଇବ୍ରେକର୍ ନିୟମ ଆଧାରରେ ଆର୍ଯ୍ୟନ ଗୁପ୍ତାଙ୍କୁ ସମଗ୍ର ଭାରତୀୟ ର୍‍ୟାଙ୍କ ୧ ଓ ପାନସୁଲଙ୍କୁ ର୍‍ୟାଙ୍କ ୨ ଘୋଷଣା କରାଯାଇଛି। ପାନସୁଲ ବଂଶଲ ଦୁଇ ବର୍ଷ ଧରି ଆଲେନରେ ଜଣେ ନିୟମିତ କ୍ଲାସରୁମ୍ ଛାତ୍ର ଥିଲେ ଓ ଆର୍ଯ୍ୟନ ଗୁପ୍ତା ଆଲେନ୍ କ୍ୟାରିୟର୍ ଇନଷ୍ଟିଚ୍ୟୁଟର ଜଣେ ଦୂରନିରନ୍ତର ଶିକ୍ଷାର ଛାତ୍ର ଅଟନ୍ତି। ଏହା ସହିତ ଆଲେନ୍ କ୍ଲାସରୁମ୍ ଛାତ୍ର ଆୟୁଷ ଭାଲୋଟିଆ ୭୧୦ ମାର୍କ ସହ ସମଗ୍ର ଭାରତୀୟ ର୍‍ୟାଙ୍କ ୪ ହାସଲ କରିଛନ୍ତି। ଆଲେନ୍ ଅନଲାଇନ୍ ଟେଷ୍ଟ ସିରିଜ୍ ଛାତ୍ର ଆର୍ଯ୍ୟନ ଦୁବେ ର୍‍ୟାଙ୍କ ୭ ହାସଲ କରିଥିବାବେଳେ ଆଲେନ୍ କ୍ଲାସରୁମ୍ ଛାତ୍ର ଗୌରବ ସିଂହ ସମଗ୍ର ଭାରତୀୟ ର୍‍ୟାଙ୍କ ୯ ହାସଲ କରିଛନ୍ତି। ଆଲେନର ମୁଖ୍ୟ ନିର୍ବାହୀ ଅଧିକାରୀ ନିତିନ କୁକରେଜା ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରକୁ ଏହି ଚମତ୍କାର ଫଳାଫଳ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଆଲେନ୍ ଫଳାଫଳରେ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳ ମଧ୍ୟରେ ଶୀର୍ଷ ୧୦ ଜଣଙ୍କ ମଧ୍ୟରୁ ୫ ଜଣ, ଶୀର୍ଷ ୨୦ ଜଣଙ୍କ ମଧ୍ୟରୁ ୧୦ ଜଣ, ଶୀର୍ଷ ୫୦ ଜଣଙ୍କ ମଧ୍ୟରୁ ୨୩ ଜଣ ଓ ଶୀର୍ଷ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୬ ଜଣ ଆଲେନରୁ ଅଛନ୍ତି। ଏଥିମଧ୍ୟରୁ ୩୬ ଜଣ ଛାତ୍ରଛାତ୍ରୀ କ୍ଲାସରୁମ୍ ପ୍ରୋଗ୍ରାମରୁ, ଜଣେ ଅନଲାଇନ୍ ଲାଇଭ୍ କ୍ଲାସରୁମ ଏବଂ ୧୦ ଜଣ ଦୂରନିରନ୍ତରଶିକ୍ଷା ତଥା ଅନଲାଇନ୍ ଟେଷ୍ଟ ସିରିଜର ଅଛନ୍ତି। ଏନଟିଏ ଏକ ପ୍ରେସ୍ ବିଜ୍ଞପ୍ତିରେ ୬୯୦ ଓ ତାଠାରୁ ଅଧିକ ସ୍କୋର କରିଥିବା ଶୀର୍ଷ ୧୩୮ ଜଣ ଛାତ୍ରଛାତ୍ରୀଙ୍କ ତାଲିକା ପ୍ରକାଶ କରିଛି ଯେଉଁଥିରୁ ୬୩ ଜଣ ଛାତ୍ରଛାତ୍ରୀ ଆଲେନରୁ ଅଛନ୍ତି। ଏଥିରେ ୫୦ ଜଣ କ୍ଲାସରୁମ୍ ପ୍ରୋଗ୍ରାମରୁ ଜଣେ ଅନଲାଇନ୍ ଲାଇଭ୍ କ୍ଲାସରୁମରୁ ଓ ୧୩ ଜଣ ଦୂରଶିକ୍ଷା ତଥା ଅନଲାଇନ୍ ଟେଷ୍ଟ ସିରିଜର ଅଛନ୍ତି।

# ନଥିଂ ଫୋନ (୪ବି)ର ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ଲଣ୍ଡନର ଅଗ୍ରଣୀ ଗ୍ରାହକ ପ୍ରଯୁକ୍ତି ବ୍ରାଣ୍ଡ ନଥିଂ ପକ୍ଷରୁ ଏହାର ନୂଆ (ବି) ସିରିଜର ପ୍ରଥମ ସ୍ମାର୍ଟଫୋନ ଫୋନ (୪ବି)ର ବିକ୍ରି ଆରମ୍ଭ ହୋଇଥିବା ଘୋଷଣା କରାଯାଇଛି। ଏହା ହେଉଛି ନଥିଂ ଇକୋସିଷ୍ଟମ୍‌ର ଅନୁଭୂତି ପାଇବାର ସବୁଠୁ ସୁଲଭ ଉପାୟ । ଫୋନର ୮ଜିବି+୧୨୮ ଜିବି ଭାରିଆଂଟର ପ୍ରଭାବୀ ମୂଲ୍ୟ ୨୯,୯୯୯ ଟଙ୍କା ଏବଂ ୮ ଜିବି+୨୫୬ ଜିବି ଭାରିଆଂଟ୍ର ମୂଲ୍ୟ ୩୩,୬୯୯ ଟଙ୍କାରୁ ଆରମ୍ଭ ହୋଇଛି। ଏଥି ସହିତ ଗ୍ରାହକମାନେ ୭.୫ ପ୍ରତିଶତ ତତ୍କାଳ ବ୍ୟାଙ୍କ ରିହାତି ଓ ଏକ୍ସଚେଂଜ ବୋନସ ପାଇପାରିବେ। ଫୋନ (୪ବି)ର ବିକ୍ରି ୨୦୨୬ ଜୁଲାଇ ୧୪ରୁ ଫ୍ଲିପକାର୍ଟ ଏବଂ ଅଗ୍ରଣୀ ରିଟେଲ ସହଯୋଗୀ କ୍ରୋମା, ରିଲାଏନ୍ସ ଡିଜିଟାଲ ଓ ବିଜୟ ସେଲସରେ ଆରମ୍ଭ ହୋଇଛି। ଫୋନ (୪ଏ)ର ସଫଳତା ଆଧାରରେ ପ୍ରସ୍ତୁତ କରାଯାଇଥିବା ଫୋନ (୪ବି)ରେ ନଥିଂର ଚର୍ଚ୍ଚିତ ସ୍ୱଷ୍ଟ ଡିଜାଇନ ଓ ଜିଲଫ ଇଂଟରଫେସ ସହିତ ଶକ୍ତିଶାଳୀ ସ୍ନାପଡ୍ରାଗନ ପ୍ରଦର୍ଶନ, ଏକ ବିବିଧ କ୍ୟାମେରା ବ୍ୟବସ୍ଥା, ଏକ ଚମତ୍କାର ଆମୋଏଲଇଡି ଡିସପ୍ଲେ ଓ ଆବଶ୍ୟକ ଏଆଇ ଟୁଲ ସହିତ ସମ୍ପୂର୍ଣ୍ଣ ନଥିଂ ଓଏସ ଅନୁଭୂତି ରହିଛି। ନଥିଂ ବ୍ୟବସ୍ଥା ଭିତରକୁ ଯିବାର ଉପଯୁକ୍ତ ପ୍ରବେଶ ପଥ ଭାବେ ପ୍ରସ୍ତୁତ ଫୋନ (୪ବି)ରେ ସ୍ନାପଡ୍ରାଗନ ୬ ଜେନ ୪ ମୋବାଇଲ ପ୍ଲାଟଫର୍ମ, ନଥିଂର ସର୍ବକାଳୀନ ଶ୍ରେଷ୍ଠ ୬୦୦୦ ଏମଏଏଚ ବ୍ୟାଟେରି, ଟ୍ରୁଲେନ୍ସ ଇନ ୪ ଥିବା ଏକ ୫୦ ଏମପି ଓଆଇଏସ ପ୍ରମୁଖ କ୍ୟାମେରା ଓ ୨୦୦୦ ନିଟ ପିକ ବ୍ରାଇଟନେସ ସହ ଏକ ୬.୭୭ ଇଂଚ ୧୨୦ ହର୍ଜ ସୁପର ଆମୋଏଲଇଡି ଡିସପ୍ଲେ ରହିଛି। ଏହି ଡିଭାଇସରେ ଆଣ୍ଡ୍ରଏଡ ୧୬ ଉପରେ ଆଧାରିତ ନଥିଂ ଓଏସ ୪.୧କୁ ଉପସ୍ଥାପନ କରାଯାଇଛି ଯାହା ଏକ ସ୍ୱଷ୍ଟ ସଫ୍ଟୱେର, ସ୍ଥାନୀୟ ଆବଶ୍ୟକ ଏଆଇ ଟୁଲ ଏବଂ ୬ ବର୍ଷ ପର୍ଯ୍ୟ' ସିକ୍ୟୁରିଟି ଅପଡେଟ ପ୍ରଦାନ କରୁଛି। ଫୋନ (୪ବି) କଳା, ଧଳା ଓ ନୀଳ ରଙ୍ଗରେ ୮ଜିବି+୧୨୮ ଜିବି ଓ ୮ଜିବି+୨୫୬ ଜିବି ଭଳି ଦୁଇଟି କନଫିଗରେସନରେ ଉପଲବ୍ଧ ହୋଇଛି।

# ବିଓବି ପକ୍ଷରୁ ରଥଯାତ୍ରା ଅବସରରେ ଭକ୍ତମାନଙ୍କ ପାଇଁ ସେବା ଶିବିର

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପୁରୀଠାରେ ଅନୁଷ୍ଠିତ ରଥଯାତ୍ରା-୨୦୨୬ ଅବସରରେ ଦର୍ଶନ କରିବାକୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁବିଧା ଓ କଲ୍ୟାଣ ପାଇଁ ବିଭିନ୍ନ ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ରଥଯାତ୍ରା ସମୟରେ ପୁରୀରେ ବିପୁଳ ସଂଖ୍ୟକ ଜନ ସମାଗମକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଅଫ୍ ବରୋଦା ଓଡିଶା ପୋଲିସ୍ ସହ ସମନ୍ୱୟ ରକ୍ଷା କରି ପ୍ରମୁଖ ସ୍ଥାନ ଗୁଡିକରେ ବ୍ରାଣ୍ଡେଡ୍ ବ୍ୟାରିକେଡ୍ ସ୍ଥାପନ କରିଥିଲା ଯାହା ଜନ ସମାଗମର ସୁପରିଚାଳନାରେ ସହାୟକ ହୋଇଥିଲା। ଏଥି ସହିତ ବ୍ୟାଙ୍କ ପକ୍ଷରୁ ଭକ୍ତମାନଙ୍କୁ ପାଣିଗର ପ୍ରଭାବରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କ୍ୟାପ୍ ଓ ଛତା ବଣ୍ଟନ କରାଯାଇଥିଲା। ରଥଯାତ୍ରା ମାର୍ଗରେ ଥିବା ବ୍ୟାଙ୍କର ଗ୍ରାଣ୍ଡ ରୋଡ୍ ସମ୍ମୁଖରେ ଏକ ସ୍ୱତନ୍ତ୍ର ସେବା ଶିବିର ସ୍ଥାପନ କରାଯାଇ ଭକ୍ତମାନଙ୍କୁ ଥଣ୍ଡା ପାଣି ଓ ଜଳଖିଆ ବଣ୍ଟନ କରାଯାଇଥିଲା। ଏଥି ସହିତ ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ବିଶ୍ରାମ ସ୍ଥଳୀର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ, ଉପ-ମହାପ୍ରବନ୍ଧକ ଦେବୀ ପ୍ରସାଦ ମହାନ୍ତି ଏବଂ ଉପ-ମହାପ୍ରବନ୍ଧକ (ସି ଆଣ୍ଡ୍ ଏ) ରାକେଶ ଝା ପ୍ରମୁଖ ଏହି ସେବା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସୂର୍ଯ୍ୟ ରୋଶନୀ ପକ୍ଷରୁ ପ୍ରିମିୟମ୍ କନଜ୍ୟୁମର୍ ଡ୍ୟୁରେବଲ୍ସ ପୋର୍ଟଫୋଲିଓରେ ବିସ୍ତାର

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ଭାରତର ପ୍ରମୁଖ ଏବଂ ସବୁଠାରୁ ବିଶ୍ୱସନୀୟ ବ୍ରାଣ୍ଡମାନଙ୍କ ମଧ୍ୟରୁ ଗୋଟିଏ 'ସୂର୍ଯ୍ୟ ରୋଶନୀ ଲିମିଟେଡ୍' ପକ୍ଷରୁ ଏହାର ପ୍ରିମିୟମ୍ କନଜ୍ୟୁମର୍ ଡ୍ୟୁରେବଲ୍ସ ପୋର୍ଟଫୋଲିଓର ବିସ୍ତାର କରାଯାଇଛି। କମ୍ପାନୀ ବଜାରକୁ ନୂଆ ସିରିଜ୍ର ପଖା, ୱାଟର ହିଟର ଏବଂ କିଚେନ୍ ଆପ୍ଲାୟାନ୍ସ ରେଞ୍ଜ ଆଣିଛି। ଏହି ନୂଆ ପ୍ରୋଡକ୍ଟ ରେଞ୍ଜକୁ ନିକଟରେ କୋଲକାତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଚ୍ୟାନେଲ୍ ପାର୍ଟନର୍ ମିଟ୍ରେ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଲଞ୍ଚ୍ ମାଧ୍ୟମରେ କମ୍ପାନୀ ପୂର୍ବ ଭାରତରେ ନିଜର ବିତରଣ ନେଟୱାର୍କକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳ




ଲଞ୍ଚ୍ ଅବସରରେ ସୂର୍ଯ୍ୟ ରୋଶନୀ ଲିମିଟେଡ୍ର ସିଇଓ (ଲାଇଟିଂ ଏବଂ କନ୍ଜ୍ୟୁମର୍ ଡ୍ୟୁରେବଲ୍ସ) ବାସୁମିତ୍ର ପାଣ୍ଡେ କହିଛନ୍ତି ଯେ, 'ଆଜିର ଗ୍ରାହକମାନେ ଏମିତି ଉତ୍ପାଦ ଚାହୁଁଛନ୍ତି, ଯାହାରେ ଉତ୍କୃଷ୍ଟ ପରିଣାମ, ଶକ୍ତି ସଞ୍ଚୟ, ଆକର୍ଷଣୀୟ ଡିଜାଇନ୍ ଏବଂ ଭରସାଯୋଗ୍ୟତା ସମାନ ଭାବରେ ରହିଥାଏ। ଆମର ନୂଆ ପଖା, ୱାଟର ହିଟର ଏବଂ କିଚେନ୍ ଆପ୍ଲାୟାନ୍ସ ରେଞ୍ଜ ନବୀନତା ଭିତ୍ତିକ ଉତ୍ପାଦ ବିକାଶ ଏବଂ ଭାରତୀୟ ପରିବାରର ଦୈନନ୍ଦିନ ଜୀବନକୁ ଆହୁରି ସୁବିଧାଜନକ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କମ୍ପାନୀର ଏହି ନୂଆ ରେଞ୍ଜରେ ଗ୍ରାହକଙ୍କ ଆଧୁନିକ ଜୀବନଶୈଳୀ ଓ ଶକ୍ତି ସଞ୍ଚୟକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହା ଅଧୀନରେ ଉନ୍ନତ BLDC ପ୍ରଯୁକ୍ତିସମ୍ପନ୍ନ ପ୍ରିମିୟମ୍ ଡିଜାଇନର୍ ପଖା Sleek Air Deco ଓ Smart Plus ଏବଂ ଡେକୋରେଟିଭ୍ ପଖା Jewel Pro ଓ Royale ଲଞ୍ଚ କରାଯାଇଛି। ସେହିପରି ନୂଆ BEE ନିର୍ଦ୍ଦେଶିକା ଅନୁଯାୟୀ ପ୍ରସ୍ତୁତ ଶକ୍ତିସଞ୍ଚୟକାରୀ ୱାଟର ହିଟର ପୋର୍ଟଫୋଲିଓରେ Qube+, Arctic DX ଓ Arctic EX ଷ୍ଟୋରେଜ୍ ୱାଟର ହିଟର ଏବଂ InstaWarm ଇନଷ୍ଟାଣ୍ଟ ୱାଟର ହିଟର ସାମିଲ ଅଛି। ଏହା ବ୍ୟତୀତ ରୋଷେଇ ଘରର ଆବଶ୍ୟକତା ପାଇଁ Mini Star, Alpha, Turbo ଓ Turbo Plus ସିରିଜ୍ର ପ୍ରିମିୟମ୍ ମିକ୍ସର୍ ଗ୍ରାଇଣ୍ଡର ରେଞ୍ଜ ଏବଂ ଆଧୁନିକ ଡ୍ରାଇ ଆଇରନ୍ ମଧ୍ୟ ବଜାରକୁ ଅଣାଯାଇଛି। କମ୍ପାନୀର ଏହି ନବୀନତାର ମୂଳଦୁଆ ହେଉଛି ଉତ୍ତରାଖଣ୍ଡର କାଶୀପୁରରେ ଖୋଲିଥିବା ନୂଆ ଆରଆଣ୍ଡଡି (R&D) ସେଣ୍ଟର, ଯାହା ଉନ୍ନତ ଗୁଣବତ୍ତା ପରୀକ୍ଷାକୁ ତ୍ୱରାନ୍ୱିତ କରୁଛି। ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ସୁରକ୍ଷା ମାନଦଣ୍ଡ ପାଇଁ କମ୍ପାନୀ ନିକଟରେ 'ବ୍ରିଟିଶ୍ ସେଫ୍ଟି ଆୱାର୍ଡ' ଏବଂ 'ସିଆଇଆଇ ନ୍ୟାସନାଲ EHS ଏକ୍ସଲେନ୍ସ ଆୱାର୍ଡ'ରେ ମଧ୍ୟ ସମ୍ମାନିତ ହୋଇଛି।

# ଆମାଜନ ଡଟ୍ ଇନରେ ମେଗା ଫୁଟବଲ ଫେଷ୍ଟ ଷ୍ଟୋରର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ଫୁଟବଲ ଫିଭର ଶୀର୍ଷରେ ରହିଥିବା ବେଳେ ଆମାଜନ ଡଟ୍ ଇନ ପକ୍ଷରୁ ମେଗା ଫୁଟ୍‌ବଲ ଫେଷ୍ଟର ଶୁଭାରମ୍ଭ କରାଯାଇଛି ଯାହା ପ୍ରଶଂସକଙ୍କ ପାଇଁ ଏହି ଅନୁଭୂତିକୁ ଅବିସ୍ମରଣୀୟ କରିବା ଲାଗି ଆବଶ୍ୟକ ସବୁକିଛିକୁ ଏକତ୍ରିତ କରିଛି। ମ୍ୟାଚ୍-ରେଡୀ ଫୁଟବଲ ଓ ଅଫିସିଆଲ ଟିମ ଜର୍ସିଠାରୁ ଆରମ୍ଭ କରି ନାଇକି, ଆଡିଡାସ, ପ୍ୟୁମା, ସାମସଙ୍ଗ, ବୋଟ, ନିଭିଆ, ନିଞ୍ଜା ଓ ହୁପ୍ ଭଳି ଅଗ୍ରଣୀ ବ୍ରାଣ୍ଡଗୁଡିକର ସ୍ମାର୍ଟ ଟିଭି, ପ୍ରୋଜେକ୍ଟର, ଷ୍ଟ୍ରିମିଙ୍ଗ ଡିଭାଇସ, ଫିଟନେସ୍ ୱେୟାରେବୁଲ୍ସ ଓ ମ୍ୟାଚ୍-ଡେ ସାମଗ୍ରୀ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦ ସହ ଗ୍ରାହକମାନେ ଉଭୟ ଅନ୍ ଓ ଅଫ୍ ପିଚ ପାଇଁ ପ୍ରସ୍ତୁତ ହୋଇପାରିବେ। ଘରେ ଏକ ଷ୍ଟାଡିୟମ ଭଳି ପରିବେଶ ସୃଷ୍ଟି କିମ୍ବା ଆରମ୍ଭ କରିବା ପାଇଁ ନିଜର ଦକ୍ଷତାକୁ ଉନ୍ନତ କରିବା ଲାଗି ଏହି ମେଗା ଷ୍ଟୋରଫ୍ରଂଟରେ ସମସ୍ତ ଆବଶ୍ୟକୀୟ ଉତ୍ପାଦ ଉପଲବ୍ଧ ରହିଛି। ଗୋଟିଏ ସ୍ଥାନରେ ସମସ୍ତ ଜରୁରୀ ସାମଗ୍ରୀ ଉପଲବ୍ଧ ହେବା ସହିତ ପ୍ରଶଂସକମାନେ ଚଳିତ ଟୁର୍ଣ୍ଣାମେଂଟ ଋତୁରେ ଘରକୁ ଏହି ସୁନ୍ଦର କ୍ରୀଡାର ଉତ୍ସାହ ଆଣିପାରିବେ।

ମେଗା ଫୁଟବଲ ଫେଷ୍ଟ ଷ୍ଟୋରରେ ଅଫିସିଆଲ-ଷ୍ଟାଇଲ ଫୁଟବଲ ଓ ଟ୍ରେନିଂ ଉପକରଣଠାରୁ ଆରମ୍ଭ କରି ଜର୍ସି ଓ ପ୍ରୋଟେକ୍ଟିଭ ଗିୟର ପର୍ଯ୍ୟନ୍ତ ସମସ୍ତ ଉତ୍ପାଦ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏଠାରେ ପ୍ରତ୍ୟେକ ଦକ୍ଷତା ସ୍ତର ଓ ଖେଳ ପଡିଆ ପାଇଁ ଡିଜାଇନ କରାଯାଇଥିବା ଏକ ବିସ୍ତୃତ ରେଞ୍ଜର ଫୁଟବଲ ରହିଛି। ନିଭିଆର କଲେକ୍ସନରେ ଷ୍ଟର୍ମ ମୋଲଡ୍ଡେ ଫୁଟବଲ ସହ ବଲ୍ ପମ୍ପ (୩୯୯ ଟଙ୍କା)ରୁ ଆରମ୍ଭ କରି ପ୍ରିମିୟମ ମ?କ୍ୟୁରୀ ଫୁଟବଲ (୭୮୯ ଟଙ୍କା) ଓ ବଲ୍ ପମ୍ପ ସହ ଡୋମିନେଟର ୩.୦ (୧୪୯୯ ଟଙ୍କା) ଆଦି ସାମିଲ ରହିଛି। ଯୁବ ଖେଳାଳିଙ୍କ ପାଇଁ ସ୍ଲେଭିକ ପ୍ରଫେସନାଲ ଫୁଟବଲ ଫର୍ କିଡ୍‌ସ ୨୯୯ ଟଙ୍କାରେ ଉପଲବ୍ଧ ହେଉଛି। ବିଶ୍ୱର ଶୀର୍ଷ ସ୍ପୋର୍ଟସ ବ୍ରାଣ୍ଡର ପ୍ରିମିୟମ ବ୍ରାଣ୍ଡେଡ ଫୁଟବଲ ବ୍ୟତୀତ ଆଡିଡାସ ଫିଫା ୱାର୍ଲ୍ଡ କପ ୨୬ ଟ୍ରାଇଓଣ୍ଡା ଟ୍ରେନିଂ ବଲ, ପ୍ୟୁମା ଅରବିଟ ପ୍ଲେ ପିଏଲ ବ୍ରିଲିଆନ୍ସ, ନାଇକି ସକର ବଲ, ଓ ଆଡିଡାସ ମେସି କ୍ଲବ ବଲ ଉପଲବ୍ଧ ରହିଛି। ଏହାଛଡା ଜିସ୍କୋ ସ୍ପିଡ ଆଣ୍ଡ ଆଜିଲିଟି ସକର ଟ୍ରେନିଙ୍ଗ କିଟ୍ ମଧ୍ୟ ରହିଛି ଯେଉଁଥିରେ ହର୍ଡଲ୍ସ, ଆଜିଲିଟି ଲ୍ୟାଡର ଓ ମାର୍କର କୋନ ସାମିଲ ଅଛି। ସ୍ଲିଭ ସହିତ ନିଭିଆ କ୍ଲାସିକ ସିନ ଗାର୍ଡ, ହୁପ ୫.୦ ପିକ ଆଡ୍?ଭାନ୍ସଡ ଫିଟନେସ୍ ଟ୍ରାକର, ନାଇକି ନେଦରଲ୍ୟାଣ୍ଡସ ୨୦୨୬ ମେନ୍?ସ ଫୁଟବଲ ଜର୍ସି, ପ୍ୟୁମା ମେନ୍?ସ ଫୁଟବଲ ଜର୍ସି ଓ ପ୍ୟୁମା ମେନ୍ସ ଟିସାର୍ଟ ଆଦି ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ଏହି ଷ୍ଟୋରରୁ ଗ୍ରାହକମାନେ ମ୍ୟାଚ୍-ଡେ ମନୋରଞ୍ଜନ ପାଇଁ ସାମ୍?ସଙ୍ଗ ୫୫ ଇଂଚ ଭିଜନ ଏଆଇ ମିନି ଏଲଇଡି ୪କେ ସ୍ମାର୍ଟ ଟିଭି (୪୬୯୯୦ ଟଙ୍କା), ବୋଟ ସିନେହେଡ ଏମ୍୧ ସ୍ମାର୍ଟ ପ୍ରୋଜେକ୍ଟର (୧୦୯୯୦ ଟଙ୍କା), ଆମାଜନ ଫାୟାର ଟିଭି ଷ୍ଟିକ ଏଚଡି (୪୯୯୯ ଟଙ୍କା), ନିଞ୍ଜା ଏୟାର ଫ୍ରାୟର ମ୍ୟାକ୍ସ ପ୍ରୋ ୬.୨ ଲିଟର (୧୦,୯୯୯ ଟଙ୍କା), ଆଗାରୋ ଏଲିଗାଂଟ ବିୟର ମଗ୍ ସେଟ (୨୯୦ ଟଙ୍କା) ଆଦି କ୍ରୟ କରିପାରିବେ। ଏହି ମେଗା ଫୁଟବଲ ଫେଷ୍ଟ ଆଜାନ ଡଟ୍ ଇନ୍‌ରେ ଆସନ୍ତା ଜୁଲାଇ ୧୯ ତାରିଖ୨୦୨୬ ପର୍ଯ୍ୟନ୍ତ ଲାଇଭ ରହିଛି।

# ଭି ପକ୍ଷରୁ ଭି ମୁଭିଜ୍ ଆଣ୍ଡ୍ ଟିଭିରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାର ସିଧା ପ୍ରସାରଣ ଦର୍ଶନ

**ଭୁବନେଶ୍ୱର, ୧୭।୭ (ନି.ପ୍ର)** : ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରା ନିଜର ବାର୍ଷିକ ରଥଯାତ୍ରାରେ ଗୁଣ୍ଡିଚା ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ରହିଥିବା ବେଳେ ଲକ୍ଷ ଲକ୍ଷ ଭକ୍ତ ପୁରୀରେ ପହଂଚି ରଥ ଟାଣିବାକୁ ଓ ପ୍ରଭୁଙ୍କ କଲ୍ୟାଣ ପାଇବାକୁ ଅପେକ୍ଷା କରି ରହିଛନ୍ତି। ଯେକୌଣସି ସ୍ଥାନରେ ରହି ମହାପ୍ରଭୁଙ୍କ ରଥଯାତ୍ରାର ସିଧା ପ୍ରସାରଣ ଦେଖିବା ପାଇଁ ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନି ଭି ପକ୍ଷରରୁ ଯାତ୍ରାର ରୀତିନୀତି ଓ ଦର୍ଶନର ସିଧାପ୍ରସାରଣ କରାଯାଉଛି। ଭିର ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଶୁଳ୍କରେ ଭି ମୁଭିଜ୍ ଆଣ୍ଡ୍ ଟିଭି ଜରିଆରେ ରଥଯାତ୍ରାର ସିଧା ପ୍ରସାରଣ ଦେଖିପାରିବେ।

ସିମାରୋମି ସହ ସହଯୋଗିତାରେ ଭି ପକ୍ଷରୁ ଏହି ୧୨ ଦିନିଆ ଯାତ୍ରାକୁ ନେଇ ସ୍ୱତନ୍ତ୍ର ବିଷୟ ପ୍ରସ୍ତୁତ କରାଯାଇଛି। ୨୦୨୬ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଭି ଗ୍ରାହକମାନେ ରଥଯାତ୍ରାର ସିଧାପ୍ରସାରଣକୁ ଭି ମୁଭିଜ୍ ଆଣ୍ଡ୍ ଟିଭିରେ ଦେଖିପାରିବେ ଏବଂ ଗୁଣ୍ଡିଚା ଯାତ୍ରା, ବାହୁଡା

ଯାତ୍ରା, ସୁନା ବେଶ, ଅଧର ପଣା ଓ ନିଳାଦ୍ରୀ ବିଜେ ଆଦି ଦେଖିପାରିବେ ଯାହା ଦର୍ଶକମାନଙ୍କୁ ଏହି ଯାତ୍ରାର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଦେଖିବାର ସୁଯୋଗ ପ୍ରଦାନ କରିବ। ସିଧା ପ୍ରସାରଣ ବାହାରେ ମଧ୍ୟ ସିମାରୋମି ସହିତ ସହଯୋଗିତାରେ ଭି ପକ୍ଷରୁ ଏହି ୧୨ ଦିନ ବ୍ୟାପୀ ଯାତ୍ରା ପାଇଁ ସ୍ୱତନ୍ତ୍ର ବିଷୟ ପ୍ରସ୍ତୁତ କରାଯାଇଛି। ଜୁଲାଇ ୧୬ରୁ ଭି ମୁଭିଜ୍ ଆଣ୍ଡ୍ ଟିଭିରେ ଏହି ରାଜକୀୟ ରଥଯାତ୍ରା, ଜଗନ୍ନାଥ ମନ୍ଦିରର ଇତିହାସ ଓ ପରମ୍ପରା, ଦଇତାପତି, ପଣ୍ଡା ଓ ରଥ ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପର ବୃତ୍ତଚିତ୍ର ପ୍ରଦର୍ଶିତ କରାଯିବ ଯାହା ଫଳରେ ଦର୍ଶକମାନେ ରଥଯାତ୍ରା ସହିତ ଜଡ଼ିତ ନୀତିକାନ୍ତି ଓ ସାଂସ୍କୃତିକ ଐତିହ୍ୟକୁ ଜାଣିପାରିବେ। ଭି ମୁଭିଜ୍ ଆଣ୍ଡ୍ ଟିଭିରେ ସମସ୍ତ ଭି ଗ୍ରାହକ ଏହି ସୁବିଧା ପାଇପାରିବେ ଯାହା ବିବିଧ ବିଷୟ ପ୍ରଦାନ କରିବାରେ କମ୍ପାନିର ସ୍ଥିତିକୁ ଆହୁରି ମଜଭୁତ କରୁଛି ଓ ଏହା ମନୋରଂଜନ, ସାଂସ୍କୃତିକ ଓ ଭକ୍ତିମୟ ବିଷୟବସ୍ତୁ ପ୍ରଦାନ କରୁଛି। ଭି ମୁଭିଜ୍ ଆଣ୍ଡ୍ ଟିଭିରେ ସିମାରୋମି, ଜିଓହଟ୍‌ଷ୍ଟାର୍, ଜିଫ୍, ସୋନିଲିଭ୍, ଲାୟନ୍‌ସଗେଟ୍, ଫ୍ୟାନ୍‌କୋଡ୍ ଭଳି ୨୦ ଲୋକପ୍ରିୟ ଓଟିଟି ଆପ୍ ମଧ୍ୟ ହାସଲ କରାଯାଇପାରିବ।

# ଓଡିଏମପି ପୁରୀ ରଥଯାତ୍ରାରେ ବ୍ୟବହୃତ ପିଇଟି ବୋତଲ-ମୁକ୍ତ ରଥଯାତ୍ରା ଅଭିଯାନର ଶୁଭାରମ୍ଭ


**ପୁରୀ, ୧୭।୭ (ନି.ପ୍ର):** ଓଡ଼ିଶା ଡେଭଲପମେଂଟ ମ୍ୟାନେଜମେଂଟ ପ୍ରୋଗ୍ରାମ (ଓଡିଏମପ) 'ବ୍ୟବହୃତ ପିଇଟି ବୋତଲ ମୁକ୍ତ ରଥଯାତ୍ରା' ପଦକ୍ଷେପକୁ ମାଟିସ୍ତରରେ ଆରମ୍ଭ କରିଥିବାର ଘୋଷଣା କରିଛି। ଏହି ପଦକ୍ଷେପ ୧୫ ଜୁଲାଇରୁ ୨୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଭାରତର ସବୁଠାରୁ ବଡ଼ ଏବଂ ଅତ୍ୟନ୍ତ ପବିତ୍ର ସାଂସ୍କୃତିକ ଆୟୋଜନମାନଙ୍କ ମଧ୍ୟରୁ ଗୋଟିଏ ରଥଯାତ୍ରା ସମୟରେ ପୁରୀକୁ ବ୍ୟବହୃତ ପିଇଟି ବୋତଲରୁ ମୁକ୍ତ ରଖିବା ପାଇଁ ଓଡିଏମପ ର ଚାଲୁଥିବା ପ୍ରୟାସର ଏହା ଏକ ଅଂଶ ଅଟେ। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି), ପୁରୀ ମ୍ୟୁନିସିପାଲ କର୍ପୋରେସନ ସହିତ ସହଭାଗୀତାରେ ଏବଂ ହିନ୍ଦୁସ୍ତାନ କୋକା-କୋଲା ପାନୀୟ ଏଚସିସିବି ଏବଂ ଆନନ୍ଦନା: କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନର ସହାୟତାରେ, ଏହି ୧୦ ଦିନିଆ ଅଭିଯାନର ଲକ୍ଷ୍ୟ ସୁପ୍ରସିଦ୍ଧଧ ରଥଯାତ୍ରା ସମୟରେ ବ୍ୟବହୃତ ପିଇଟି ବୋତଲ ସଂଗ୍ରହ ପାଇଁ ଜନସଚେତନତା ବୃଦ୍ଧି କରିବା। ସାମୁଦାୟିକ କାର୍ଯ୍ୟ ଏବଂ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ, ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, 'ରଥଯାତ୍ରା ହେଉଛି ଓଡ଼ିଶାର ସବୁଠାରୁ ପ୍ରିୟ ପରମ୍ପରା ମଧ୍ୟରୁ ଗୋଟିଏ, ଏବଂ ଏହି ପବିତ୍ର ଅବସରରେ ପୁରୀକୁ ସଫା ରଖିବା ଆମ ସମସ୍ତଙ୍କର ଏକ ଦାୟିତ୍ୱ। ଏଚସିସିବି ଏବଂ ଆନନ୍ଦନା: କୋକା-କୋଲା ଫାଉଣ୍ଡେସନ ଭଳି ସହଯୋଗୀ ସଂସ୍ଥାମାନେ ତୃତୀୟ ବର୍ଷ ପାଇଁ ଆଗକୁ ଆସି ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିବା ଦେଖି ମୁଁ ଖୁସି ଯେ ଏହି ଯାତ୍ରା ମାଧ୍ୟମରେ ବ୍ୟବହୃତ ପିଇଟି ବୋତଲଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବରେ



ସଂଗ୍ରହ ଏବଂ ପୁନଃଚକ୍ରିତ କରାଯାଉଛି। ସ୍ଥାନୀୟ ଅଂଶଗ୍ରହଣ ଏବଂ ସାଂସ୍କୃତିକ ପ୍ରସାରରେ ମୂଳ ପ୍ରୟାସ ଦର୍ଶାଉଛି ଯେ ନାଗରିକ ଦାୟିତ୍ୱ ଏବଂ ପରମ୍ପରା ହାତ ମିଳାଇ ଯାଇପାରିବ। 'ଏଚସିସିବି ସହିତ, ଓଡିଏମପି ସ୍ୱେଚ୍ଛାସେବକଙ୍କ ନେତୃତ୍ୱରେ ସଂଗ୍ରହ ଏବଂ ପ୍ରଶିକ୍ଷିତ କର୍ମଚାରୀମାନଙ୍କ ମାଧ୍ୟମରେ ସମ୍ପ୍ରଦାୟ ଅଂଶଗ୍ରହଣକୁ ବୃଦ୍ଧି କରିଛି, ଉତ୍ସରେ ପୃଥକୀକରଣ ଅଭ୍ୟାସକୁ ଉନ୍ନତ କରିଛି ଏବଂ ପୁରୀରେ ନାଗରିକ ସଚେତନତା ବଜାୟ ରଖିଛି। ଯାତ୍ରା ସମୟରେ, ପଲ୍ଲୀଶ୍ରୀ ମେଳା ଗ୍ରାଉଣ୍ଡ, ଭୋଳାନାଥ ବିଦ୍ୟା ପିଠ, ପୁରୀ ମୁଖ୍ୟ ବସ୍ ଷ୍ଟାଣ୍ଡ, ତାଳବଣିଆ ଅସ୍ଥାୟୀ ବସ୍ ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେସନ, ବଡ଼ଶଙ୍ଖ, ଦିଗବାରେଣୀ ସ୍କୋୟାର ଏବଂ ସ୍ୱର୍ଗଦ୍ୱାର ଏବଂ ହୋଟେଲ ଶ୍ରୀହରି ଭଳି ବେଳାଭୂମି ସମେତ ସାରା ସହରରେ ୨୦୦ ରୁ ଅଧିକ ସ୍ୱେଚ୍ଛାସେବକ କିମ୍ବା ସଫାଇ ସାଥୀ ନିୟୋଜିତ ହେବେ। ଏହା ସହିତ, ମନ୍ଦିର ଏବଂ ବେଳାଭୂମି ଅଂଚଳରେ ସହାୟତା ଡେସ୍କ ଖୋଲାଯିବ ଯାହା ତୀର୍ଥଯାତ୍ରୀ ଏବଂ ପରିଦର୍ଶକମାନଙ୍କୁ ବ୍ୟବହୃତ ପିଇଟି ବୋତଲର ସଠିକ୍ ପୃଥକୀକରଣ ଏବଂ ହସ୍ତାନ୍ତର ବିଷୟରେ ସିଧାସଳଖ ମାର୍ଗଦର୍ଶନ କରିବ, ସଂଗୃହିତ ସାମଗ୍ରୀକୁ ପୁନଃଚକ୍ରଣ ପାଇଁ ଦକ୍ଷତାର ସହିତ ପରିଚାଳିତ କରିବା ନିଶ୍ଚିତ କରିବ। ଯାତ୍ରା ପୂର୍ବରୁ, ଓଡିଏମପି ଏବଂ ଏହାର ଅଂଶୀଦାରମାନେ ସଚେତନତା-ନିର୍ମାଣ କାର୍ଯ୍ୟକଳାପ ମଧ୍ୟ କରିଥିଲେ, ଯେଉଁଥିରେ ପୁରୀରେ ପିଇଟି ସଂଗ୍ରହ ଅଭିଯାନ ଏବଂପ୍ଲୋଗିଂ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। ଏହା ସହିତ ଅନୁଷ୍ଠାନିକ ଅଂଶୀଦାରମାନଙ୍କଠାରୁ ପିଇଟି ଅପଚୟକୁ ରୋକିବା ପାଇଁ ଏକ ହୋଟେଲ ମାଲିକ ସଂଘ କାର୍ଯ୍ୟକ୍ରମ ମଧ୍ୟ ଥିଲା। ଏହି ପଦକ୍ଷେପ ନାଗରିକ, ସରକାରୀ ଏବଂ ଘରୋଇ ଅଂଶୀଦାର ମାନଙ୍କ ମଧ୍ୟରେ ଏକ ସମାନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଯାହା ଦ୍ୱାରା ପୁରୀ ସହର ସ୍ୱଚ୍ଛ ଏବଂ ସମସ୍ତ ଭକ୍ତଙ୍କ ପାଇଁ ସ୍ୱାଗତଯୋଗ୍ୟ ରହିବ, ଏବଂ ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ପିଇଟି ପରିଚାଳନାର ସଂସ୍କୃତି ଗଠନ କରାଯିବ।

# ଓଡ଼ିଶାର ୭ ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୭।୭(ନି.ପ୍ର.): ରେଳ ଭିତ୍ତିଭୂମିର ରୂପାନ୍ତର ଏବଂ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦେଶବ୍ୟାପୀ ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ, ଓଡ଼ିଶାର ସାତୋଟି ପୁନର୍ନିର୍ମିତ ରେଳ ଷ୍ଟେସନ ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଲଗଡ଼କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି।




ପ୍ରାୟ ୧୦୯ କୋଟି ଟଙ୍କାର ବ୍ୟୟରେ ପୁନର୍ନିର୍ମିତ ଏହି ଷ୍ଟେସନଗୁଡ଼ିକ, ସେମାନଙ୍କର ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରିଚୟ , ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଆଧୁନିକ, ଯାତ୍ରୀ କେନ୍ଦ୍ରିକ ରେଳ ଷ୍ଟେସନ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନଗୁଡ଼ିକର ସାମଗ୍ରିକ ବିକାଶ କରାଯାଇଛି। ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତ ଚଳାଚଳ ପରିସର , ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି , ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ମାନକ ସୂଚନାଫଳକ ଏବଂ ବହୁମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ।ପରିଚାଳନାଗତ ଆବଶ୍ୟକତା ଓ ପ୍ରତ୍ୟେକ ଷ୍ଟେସନର ବିଶେଷ ଚାହିଦାକୁ ଦୃଷ୍ଟିରେ ରଖି, ଉପଯୁକ୍ତ ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହିତ ୧୨ ମିଟର ଚଉଡ଼ା ପାଦଚଲା ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ କରାଯାଇଛି, ଯାହା ଦିବ୍ୟାଙ୍ଗ ଓ ବୃଦ୍ଧ ଯାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ କରିବ। ଏହା ସହ ଷ୍ଟେସନ ଭବନ ଗୁଡ଼ିକରେ ସ୍ଥାନୀୟ କଳା, ସଂସ୍କୃତି ଓ ସ୍ଥାପତ୍ୟର ଉପାଦାନ ସ୍ଥାନ ପାଇଛି, ଯାହା ସମ୍ପୃକ୍ତ ଅଞ୍ଚଳର ସ୍ୱତନ୍ତ୍ର ଐତିହ୍ୟକୁ ପ୍ରତିଫଳିତ କରୁଛି।ଏହି ରୂପାନ୍ତରିତ ଷ୍ଟେସନଗୁଡ଼ିକ ଯାତ୍ରୀଙ୍କ ସୁବିଧାକୁ ଯଥେଷ୍ଟ ବୃଦ୍ଧି କରିବ, ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ତଥା ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହା 'ବିକଶିତ ଭାରତ'ର ଦୃଷ୍ଟିକୋଣ ଅନୁଯାୟୀ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି ଗଢ଼ି ତୋଳିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରୁଛି।




ଜିଙ୍ଗାରା କ୍ଲବ୍‌ର ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ।

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ, ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତ୍ତି



ଭଦ୍ରକ,୧୭।୭: ବିଜେଡ଼ିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ନିକଟ ସମ୍ପର୍କୀୟଙ୍କ ପକ୍ଷରୁ ଜଣାଯାଇଛି। ସୂଚନାନୁସାରେ, ପୂର୍ବାହ୍ ?ଣରେ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି (ଶୁକ୍ରବାର) ତାଙ୍କର ଅସୁସ୍ଥତା ଖବର ପାଇ ବିଜେଡିର ବରିଷ୍ଠ ନେତାମାନେ ହସୋଟକକୁ ଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭଦ୍ରକର ବହୁ ବିଜେଡି ନେତା ଶ୍ରୀ ସାମଲଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ୧୬୬ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କଲେ କଣ୍ଟାବାଞ୍ଜି ବିଧାୟକ

ବଙ୍ଗୋମୁଣ୍ଡା,୧୭।୭(ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ତୁରେକେଲା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନୂତନ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକର ମୋଟ ୧୬୬ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେ କହିଥିଲେ ଯେ, ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ସମାଜର ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ସହଜ ସହାୟକ ହେଉଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସରକାରୀ ସହାୟତା ପହଞ୍ଚାଇବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।ଏହି କାର୍ଯ୍ୟକ୍ରମରେ ତୁରକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲ, ତୁରକେଲା ପଞ୍ଚାୟତ ସରପଞ୍ଚ ତଥା ବିଧାୟକ ପ୍ରତିନିଧି ଜଳନ୍ଧର ମହାକୁଡ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭବାନୀ ପଟେଲ, ତୁରେକେଲା ମଣ୍ଡଳ ସଭାପତି ଆନନ୍ଦ ସାହୁ ଓ ଧାମନଡଙ୍ଗୀ ମଣ୍ଡଳ ସଭାପତି ରଞ୍ଜନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଶ୍ରମିକଙ୍କ ପରିବାରକୁ ମିଳିଲା ନ୍ୟାୟ

ରାଜଗାଙ୍ଗପୁର ୧୭।୭(ନି.ପ୍ର):ରାଜଗାଙ୍ଗପୁର ଜାମ୍ ପାଲି ସ୍ଥିତ ଓ ଆଇ ଏସ ଏଲ କାରଖାନା ରେ କାର୍ଯ୍ୟରତ ଶ୍ରମିକ ଏମଡି ଜସିମ କାରଖାନା ର ଉପର ମହଲାରେ କାର୍ଯ୍ୟ କରୁଥିବା ସମୟରେ କୈଣସି କାରଣ ବସତ ତଳେ ଖସିପଡ଼ି ଗୁରୁତର ଆହତ ହୋଇଥିଲେ କାରଖାନା ପକ୍ଷରୁ ରାଜଗାଙ୍ଗପୁର ସହକାରୀ ହସ୍ପିଟାଲ ଠାରେ ନେଇ ସେଠାରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ଅବସ୍ଥା ଗୁରୁତର ହେବାରୁ ଜେପି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଏମଡି ଜସିମ ଙ୍କ ମୃତ୍ୟୁ ହୋଇଥିଲା ଉକ୍ତ ଘଟଣା କୁ ନେଇ କାରଖାନା ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ଅନୁଧ୍ୟାନ କରି କାରଖାନା ର ସିଇଓ ଜେପି ଯାଦବ ଏଚ ଆର ମୁଖ୍ୟ ରାଜୀବ କୁମାର ଅର୍ଥ ନୈତିକ ମୁଖ୍ୟ ଦୀପ ଚାନ୍ଦ ଲାମ୍ବା ରାଜଗାଙ୍ଗପୁର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ଙ୍କ ନିର୍ଦ୍ଦେଶନାରେ ବରିଷ୍ଠ ଶ୍ରମିକ ନେତା ଇକବାଲ ମଲ୍ଲିକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଷୀଫ ରାଜା ସିଆଇଟିୟୁ ଶ୍ରମିକ ସଂଗଠଣ ପକ୍ଷରୁ ଦୀଲିପ ଲାକ୍ରା ଅମର ପାତ୍ର ସଞ୍ଜୟ ସେନାପତି ବିଜୟ ଲାକ୍ରା ମୋହନ ଟୋପୋ ଓ ରାଜଗାଙ୍ଗପୁର ପୋଲିସ ଟିମ ଉପସ୍ଥିତିରେ ବିଚାର ବିମର୍ଶ ପରେ ମୃତ ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ୍ୟ ଅନ୍ତିମ କ୍ରୀୟା ପାଇଁ ୧ ଲକ୍ଷ୍ୟ ପ୍ରତି ମାସରେ ୮୦୦୦ ଟଙ୍କା ୫ ବର୍ଷ ପରେ ସ୍ଥାୟୀ ଚାକିରୀ ୩୦୦୦ ଟଙ୍କା ମେଡିକାଲ ଖର୍ଚ୍ଚ ଦିଆଯିବ ବୋଲି ଚିଠି ମାଧ୍ୟମରେ ଘୋଷଣା କରାଯାଇଥିଲା। ଉକ୍ତ ଘୋଷଣା ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ମୃତ ଶ୍ରମିକଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା ଓ ପରିବାର ଲୋକଙ୍କୁ ଆଶ୍ୱସନା ଜଣାଇଥିଲେ।

# କିସ୍‌ର ୧୧ ଛାତ୍ରଛାତ୍ରୀ ନିଟ୍‌ରେ କୃତକାର୍ଯ୍ୟ



ଭୁବନେଶ୍ୱର,୧୭।୭(ନି.ପ୍ର): ଡାକ୍ତର ହେବେ କିସର ୧୧ ଛାତ୍ରଛାତ୍ରୀ। ଗତକାଲି ନିଟ୍ ଫଳାଫଳ ପ୍ରକାଶ ପାଇଥିବା ବେଳେ କିସ୍‌ର ୧୧ ଜଣ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ବିରୁଆ, ଜୟାବ ମାଝି, ଅନିତା ବଇପାଇ, ଗଣେଶ ହେମ୍ବ୍ରମ, ମୁସ୍କାନ ମହାନନ୍ଦିଆ, ଲକ୍ଷ୍ମୀ ବାନରା, ଡାଙ୍ଗି ଟୁଡୁ, ସରିବାଳା ମୁଣ୍ଡା, ମୌସୁମୀ ମାଝି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ସନ୍ତୋଷୀ ମାର୍ଡି। ଚଳିତ ବର୍ଷ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଏଥିରେ କିସ୍ ରେ ପଢୁଥିବା ଓଡିଶା ସମେତ ଝାଡଖଣ୍ଡର ଛାତ୍ରଛାତ୍ରୀମାନେ ମଧ୍ୟ ଅଛନ୍ତି।

ଏହି ଛାତ୍ରଛାତ୍ରୀଙ୍କ ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିସରେ ସେମାନଙ୍କ ଗୁଣାତ୍ମକ ଶିକ୍ଷା, କୋଚିଂ ଓ ଉପଯୁକ୍ତ ଯତ୍ନ ତଥା ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇଥିବାରୁ ସେମାନେ ଏଭଳି ସଫଳତା ପାଇ ପାରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଜନଜାତି ସଂପ୍ରଦାୟର ପ୍ରଥମ ପିଢୀର ଶିକ୍ଷା ପାଉଥିବା ଏହି ଛାତ୍ରଛାତ୍ରୀମାନେ ନିଟ୍ ରେ ସଫଳତା ପାଇବା ସମଗ୍ର ଜନଜାତି ସମାଜ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ସେହିପରି ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଚେଷ୍ଟା ଜାରି ରଖିଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ସୂଚନା ଯୋଗ୍ୟ, କିସ୍ ରେ ପିଲାମାନେ ନିଟ୍ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ କିଭଳି ଭଲ ପ୍ରଦର୍ଶନ କରିବେ ସେଥିପାଇଁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ମେଧାବୀ ପିଲାଙ୍କୁ ସ୍ୱତନ୍ତ୍ର କୋଚିଂର ବ୍ୟବସ୍ଥା କରାଯାଇଥାଏ। ଫଳରେ ସେମାନେ ଉଚ୍ଚଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଭଲ ପ୍ରଦର୍ଶନ କରିଆସୁଛନ୍ତି ।

## ୪ ଇଞ୍ଚର ରଥ ଧାନରେ ପ୍ରସ୍ତୁତ କରିଛନ୍ତି ଶୁଭ୍ରାଂଶୁ

ଖୋର୍ଦ୍ଧା :୧୭।୭(ନି.ପ୍ର):: ଖୋର୍ଦ୍ଧା ପଲଟନ ପଡିଆ ର ଶୁଭ୍ରାଂଶୁ ରଞ୍ଜନ ସାହୁ ଧାନ ରେ ୪ ଇଞ୍ଚ ଉଚ୍ଚତା ର ଜଗନ୍ନାଥ ଙ୍କ ପାଇଁ ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି ଓ ଜଗନ୍ନାଥ ଙ୍କୁ ବିଜେ କରାଇ ଛନ୍ତି। ଏଥିଲାଗି ତାଙ୍କୁ ୭ ଦିନ ସମୟ ଲାଗିଛି। ବିଗତ ବହୁ ବର୍ଷ ଧରି ଶୁଭ୍ରାଂଶୁ ବିଭିନ୍ନ ଅଦରକାରୀ ବସ୍ତୁ ରେ ରଥ ନିର୍ମାଣ କରି ସ୍ଥାନୀୟ ଅଂଚଳ ରେ ପ୍ରଶଂସିତ ହୋଇଛନ୍ତି।ସେ ଦିପ୍ତୀରଂଜନ ସାହୁଙ୍କ ପୁତ୍ର ଓ ସେ ଯୁକ୍ତ ୩ ର ବିଦ୍ୟାର୍ଥୀ ।ଜଗନ୍ନାଥ ଙ୍କ ପ୍ରତି ତାର ସମର୍ପଣ ଭାବ ପାଇଁ ସେ ସବୁବର୍ଷ ସେ ରଥ ପ୍ରସ୍ତୁତ କରିପାରୁଛି ବୋଲି ଜେଜେ ମା ସତ୍ୟଭାମା ସାହୁ ପ୍ରକାଶ କରିଛନ୍ତି।ଶୁଭ୍ରାଂଶୁ ସବୁବର୍ଷ ପୁରୀ କୁ ରଥ ଯାତ୍ରା ରେ ପରିବାର ସହ ଯାଇ ରାଥାରୁଢ ମହାପ୍ରଭୁ ଙ୍କ ଦର୍ଶନ ତାଙ୍କ ଜୀବନ ର ଶ୍ରେଷ୍ଠ ଆନନ୍ଦ ବୋଲି ପରିପ୍ରକାଶ କରିଛନ୍ତି। ବହୁ ଜଗନ୍ନାଥ ପ୍ରେମୀ ଏହି ଧାନ ଦ୍ୱାରା ପ୍ରସ୍ତୁତ ରଥ କୁ ଦର୍ଶନ ପାଇଁ ଆସି ପ୍ରଭୁକୃପା ଲାଭ କରୁଛନ୍ତି।

# ରାଜଗାଙ୍ଗପୁର ନମସ୍ତେ କାର୍ଯ୍ୟକ୍ରମ




ରାଜଗାଙ୍ଗପୁର୧୭।୭(ନି.ପ୍ର): ରାଜଗାଙ୍ଗପୁର ପୈରପରିଷଦ ଆନୁକୁଲ୍ୟରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ କେନ୍ଦ୍ର ସରକାରଙ୍କ ନମସ୍ତେ ଯୋଜନା ଅନୁଷ୍ଠିତ କରାଯାଇଥିଲା। ନମସ୍ତେ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏହାର ମୁଖ୍ୟ ଉଦ୍ଦେଶ୍ୟ ସ୍ୱଚ୍ଛତା କର୍ମଚାରୀମାନଙ୍କ ର ସୁରକ୍ଷା ସମ୍ମାନ କଲ୍ୟାଣ ସୁନିଶ୍ଚିତ କରିବା ସେୱର ସେଫଟି ଟ୍ୟାଙ୍କି ସଫେଇ ଯନ୍ତ୍ରୀ କରଣକୁ ପ୍ରୋତ୍ସାହନ ଦେବା ଏବଂ ବିପଦପୂର୍ଣ୍ଣ ଭାବେ ସଫେଇ କାର୍ଯ୍ୟ କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ନିମନ୍ତେ କାର୍ଯ୍ୟକ୍ରମ ଜରିଆରେ ସଫେଇ କର୍ମଚାରୀମାନଙ୍କୁ ସଚେତନତା କରାଯାଇଥିଲା ଏହି ଅବସରରେ ରାଜଗାଙ୍ଗପୁର ପୈରପରିଷଦ ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ବିଜେପି ମଣ୍ଡଳ ସଭାପତି ରାଜନ୍ ସୋନି ମହିଳା ମୋର୍ଚ୍ଚା ସଭାପତି ଅନୀତା ଭଟ୍ଟାଚାର୍ଯ୍ୟ ଉପାଧ୍ୟକ୍ଷ ଏମଡି ଇରଫାନ ନୋଡାଲ ଅଧିକାରୀ ଡଃ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ପରିମଳ ଅଧିକାରୀ କାର୍ତ୍ତିକ ମହାରଣା ହଜମ ଟୁଡୁ ପିସି ଡିଲା ଲ୍କ୍ଷମି ନାରାୟଣ ରେଡ୍ଡୀ କାଉନସିଲର ସ୍ୱ ?ତା କୁମାରୀ ସୁମନ ଶର୍ମା ସୁମିତ୍ରା ବାର୍ଲା ଗାନନ୍ଦ୍ରି ମିଞ୍ଜ ସୁସ୍ମିତା ତିଡୁ ପ୍ୟାରୀ ତିର୍କୀ ଗୋବର୍ଦ୍ଧନ ତନ୍ତି ଶିମରଣ ତନ୍ତି ଗାନନ୍ଦ୍ରୀ ମିଞ୍ଜ ପରବିନ କୋଉଷର ଙ୍କ ସହ ବହୁ ସ୍ୱଚ୍ଛ ସାଥୀ ଙ୍କ ଉପସ୍ଥିତି ରେ ସମସ୍ତ ଅତିଥି ଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇ ସରକାର ଙ୍କ ପକ୍ଷରୁ ସଫେଇ କର୍ମୀ ଙ୍କୁ ବିଭିନ୍ନ ପ୍ରକାରର ଉପହାର ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା



ଭୁବନେଶ୍ୱର, ୧୭।୭(ନି.ପ୍ର):: ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଆଜି ସକାଳୁ ବର୍ଷା ଲାଗି ରହିଥିଲେ ମଧ୍ୟ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ପୂର୍ବାହ୍ନରେ ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ସଂପନ୍ନ ହେବା ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା,ସୁଦର୍ଶନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇ ତିନିରଥରେ ରଥାରୁଢ କରାଯାଇଥିଲା। ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ରଥାଟଣା ବେଳକୁ ବର୍ଷା ଛାଡ଼ି ଯାଇଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାକୁ ଲାଗିଥିଲା। ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ପୁରୀ ରଥଯାତ୍ରାର ସମସ୍ତ ନୀତି ନିୟମକୁ ଅନୁସରଣ କରାଯାଇ ଏଠାରେ ମଧ୍ୟ ରଥଯାତ୍ରା ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିନ୍ଧାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ମହାପ୍ରଭୁଙ୍କ ଏହି ଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଏହି ନବଦିନ ବ୍ୟାପୀ ଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।

# ଶାନ୍ତି ଶୃଙ୍ଖଳା ସହ ରଥଯାତ୍ରା ପାଳିତ

ରାଜଗାଙ୍ଗପୁର୧୭।୭(ନି.ପ୍ର): : ରାଜଗାଙ୍ଗପୁର ପୈରପରିଷଦ ଅନ୍ତର୍ଗତ କୁମ୍ଭାରକେଲା ଗ୍ରାମ ର ସର୍ବ ପୁରାତନ ପବିତ୍ର ରଥଯାତ୍ରା ଲିପଲୋଇ ଜଗନ୍ନାଥ ମନ୍ଦିର ଏବଂ ମଧୁସୂଦନ କଲୋନୀ ରାଧାକୃଷ୍ଣ ମନ୍ଦିରର ପବିତ୍ର ରଥଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହେଉଛି।ସକାଳୁ ପ୍ରବଳ ଓ ଝିପିଝିପି ବର୍ଷା ଓ ଦିନ ସାରା ତଥା ସନ୍ଧ୍ୟାରେ ବର୍ଷା କୁ ଭ୍ରୁକ୍ଷେପ ନକରି ହଜାର ହଜାର ଭକ୍ତ ଶ୍ରଧାଳୁ ଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଙ୍କ ନିକଟରେ ପୂଜା ଅର୍ଚ୍ଚନା ଓ ପବିତ୍ର ରଥଯାତ୍ରା ରେ ସାମିଲ ହୋଇ ରଥ ଟାଣିବା ସହ ଜଗତର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ। ରଥଯାତ୍ରା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ରାଜଗାଙ୍ଗପୁର ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରଥଯାତ୍ରା ସମୟରେ ରଥଯାତ୍ରା କମିଟି ପକ୍ଷରୁ ଭକ୍ତ ଙ୍କ ସୁରକ୍ଷା ପାଇଁ କମିଟି ସଦସ୍ୟ ଉପସ୍ଥିତ ରହି ସେବା ଯୋଗାଇ ଦିଆଯାଇଥିଲା। ରଥଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କୁ ସୁଧ ପାଣିୟ ଜଳ ଓ ଖେଚୁଡ଼ି ଭୋଗ ସେଚ୍ଛା ସେବି ସଂଗଠନ ପକ୍ଷରୁ ବଣ୍ଟନ କରାଯାଇଥିଲା। ଉକ୍ତ ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ପାହାଡି ଗୁଣ୍ଡିଚା ମନ୍ଦିର କମିଟି କାଳିବାଡି ଟ୍ରଷ୍ଟ ଓ କୁମ୍ଭାରକେଲା ଗୁଣ୍ଡିଚା ମନ୍ଦିର କମିଟି ପକ୍ଷରୁ ମହା ପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଙ୍କୁ ନୀତି ନିୟମ ଅନୁସାରେ ପୂଜା ଅର୍ଚ୍ଚନା କରିବା ପରେ ପାଛୋଟି ଆଣି ଗୁଣ୍ଡିଚା ମନ୍ଦିର ଠାରେ ଭକ୍ତ ଙ୍କ ଦର୍ଶନ ପାଇଁ ରଖା ଯାଇଥିଲା।



# ଜଗନ୍ନାଥଙ୍କ ପ୍ରୀୟ ଭକ୍ତଙ୍କ ରୁପା ମୁକୁଟ ଦାନ

ରାଜଗାଙ୍ଗପୁର ୧୭।୭(ନି.ପ୍ର):: ରାଜଗାଙ୍ଗପୁର ପୈରପରିଷଦ ଅନ୍ତର୍ଗତ କୁମ୍ଭାରକେଲା ଠାରେ ଥିବା ପ୍ରାୟ ୨୦୦ ବର୍ଷ ପୁରାତନ ଜଗନ୍ନାଥ ମନ୍ଦିର ରେ ପବିତ୍ର ରଥଯାତ୍ରା ଉପଲକ୍ଷେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଙ୍କୁ ରୁପା ମୁକୁଟ ଦାନ କଲେ ରାଜଗାଙ୍ଗପୁର ସହର ର ବିଶିଷ୍ଟ ସମାଜସେବୀ ତଥା ଲାଖୁଆପଡା ନିବାସୀ ନୋମି ସନ୍ନାସି ଓ ତାଙ୍କର ପରିବାର ସଦସ୍ୟ। ଏହି ଅବସରରେ ସକାଳୁ ଜଗନ୍ନାଥ ମନ୍ଦିର ରେ ନୋମି ସନ୍ନାସି ଓ ସମସ୍ତ ସଦସ୍ୟ ଓ ଶ୍ରଦ୍ଧାଳୁଙ୍କ ଗହନରେ ପୂଜା ଅର୍ଚ୍ଚନା ଏବଂ ପୁଜାରୀ ଙ୍କ ତତ୍ୱାବଧାନରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମୁକୁଟ ସୁଧିକରଣ କରାଯାଇ ତିନି ଠାକୁରଙ୍କ ନିକଟରେ ଦାନ କରାଯାଇଥିଲା।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ